www.narisurakhya.com

ନାରୀ ସୁରକ୍ଷା

Nari Surakhya

ମାର୍ଚ୍ଚ -୨୦୨୬

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ







ସମ୍ପାଦକୀୟ-ଡ଼କ୍ଟର ପ୍ରଭାତୀ ମିଶ୍ର

ସୂଚୀ ପତ୍ର

ନ ତ୍ୱହଂ ରାଜ୍ୟଂ ନସ୍ୱର୍ଗଂ ନପୁନର୍ଭବମ୍
କାମୟେ ଦୁଃଖତପ୍ତନାଂ ପ୍ରାଣୀନାଂ ଆର୍ତ୍ତନାଶନମ୍

ସୃଷ୍ଟି	ସ୍ରଷ୍ଟା	ପୃଷ୍ଠା
ସଂପାଦକୀୟ		
ମହାମହିମ ରାଷ୍ଟ୍ରପତି: ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା	ଡ଼କ୍ଟର ପ୍ରଭାତୀ ମିଶ୍ର	୪-୬
କ୍ଷୁଦ୍ରଗଳ୍ପ		
ଘରବାହୁଡ଼ା	ବେଲା ତ୍ରିପାଠୀ	୬-୧୯
ଭକ୍ତ ଦାସିଆ ବାଉରୀ	ପ୍ରକାଶ କୁମାର ମହାପାତ୍ର	୨୦-୨୫
ସୀମାରୁ ସୀମାନ୍ତ	ମହିଜା ଦଳ ବେହେରା	୨୬-୩୨
ପ୍ରବନ୍ଧ		
ଓଡ଼ିଶୀ ନୃତ୍ୟ	ରାଜକିଶୋର ଦାଶ	୩୩-୪୦
ପିଲାମନ କଥା ବୁଝନ୍ତୁ	ରେଣୁବାଳା ପଣ୍ଡା	୪୧-୪୨
କବିତା		
ବିଭ୍ରମ	ସଂଯୁକ୍ତା ମହାନ୍ତି	୪୩
ପଟ୍ଟ ପରିବର୍ତ୍ତନ	ଡଃ ବିଜୟଲକ୍ଷ୍ମୀ ତାରେଣିଆ	୪୪
ଫଗୁଣ ଆସିଲା ପରେ କଳଙ୍କ ଜହ୍ନର	ଆଶା ମହାନ୍ତି	୪୫
ନଗ୍ନତା ଏକ ଅନୁଶୀଳନ	ରତ୍ନାକର ରାଉତ	୪୬
ବିଶେଷ ପ୍ରବନ୍ଧ		
ମଦିରା ଓ ମହିଳା	ଡ଼କ୍ଟର ମୀନାକ୍ଷୀ ମହାପାତ୍ର	୪୭-୪୯
ସମାଚାର	ଲଲିତା ଦାଶ	୫୦
ବିଶେଷ ସୂଚନା	ସୁମତି କୁମାରୀ ସାହୁ	୫୧



ନାରୀ ସୁରକ୍ଷା
NARI SURAKHYA
ଲୋକପ୍ରିୟ ଓ ପ୍ରଗତିଶୀଳ
ସମାଜ ସଚେତନମୂଳକ ପତ୍ରିକା
Popular & Progressive Social Awareness Quarterly

୩୪ ତମ ବର୍ଷ ୭ମ ସଂଖ୍ୟା
ମାର୍ଚ୍ଚ - ୨୦୨୬
Vol-34, March, Issue - 7, 2026

ସମ୍ପାଦିକା
ଡ଼କ୍ଟର ଲଳିତା ଶତପଥୀ
Editor : Dr. Lalita Satpathy
Mob: 9337762207
Email : narisurakhya@gmail.com

ସହଯୋଗୀ ସମ୍ପାଦିକା
ବନ୍ଦନା ମିଶ୍ର - ୯୮୫୩୨୬୦୮୦୬
ଏନ-୧/୨୦୯, ଆଇ.ଆର.ସି. ଭିଲେଜ୍ ନୟାପଲ୍ଲୀ,
ଭୁବନେଶ୍ୱର - ୧୨

Nari Surakhya
Regd. Office,
Chandini Chowk, Cuttack-2
State Admt. Office :
4 - c, Sai Apartment, Bidanasi,
Bandha Chhak, Cuttack-14

DECLARATION
Nari Surakhya Edited & Published by Dr. Lalita Satpathy on behalf of Nari Surakhya "Publication" Regd.Office: Flat No. 4C, Sai Apartment, Bidanasi, Ctc-14.
Postal Regd. No. CK (C) -14 / 2024-2027

-: ପ୍ରଚ୍ଛଦ :-
ମହାମହିମ ରାଷ୍ଟ୍ରପତି ମହୋଦୟା
Cover : Esteemed President

D.T.P. & Designed By :
Rabindra Kumar Jena
Mangalabag, Ctc, Ph: 9861116510

Printed By : SARALA PRINTER
Mansinghpatna, Cuttack

ମୂଲ୍ୟ : ଏକଶତ ଟଙ୍କା ମାତ୍ର
Price : 100/- Only

With Best Compliments From :

Life Style Gas Stove

इंडियनऑयल

Approved :

IndianOil

SURIYA FLAME, SURIYA AGNI

APOLLO GAS STOVE

PRINCE

HP GAS

your friendly gas

Approved By :

Surya Flame

Ganga Trading Co.

Distributor For

Life Style LPG Stoves

&

SURIYA FLAME, MILTON & Apollo LPG Stoves HP

BAKHARABAD, CUTTACK-2,

Ph. : 0671-6531367, 0671-2433867, Mob.: 9238310431

Indane

Recommends

MILTON GAS STOVE

Surya Flame

Apollo Gas Stove

Bharatgas

Bharat Petroleum

COOK FOOD. SERVE LOVE.

Mfg. by. Creative

UJALA BPL Stove for IOCL, HPCL & BPCL

C/F Agent : Suraksha™ Apron (Flame Retardant Kitchen (Fire Prove)

Suraksha™ Basant (Hose Pipe) I.O.C., HP & Bharat

Suraksha™ Bright Moulding Works Rich Flame Tolly , I.O.C., HP & Bharat

Suraksha™ Bright Moulding Works Rich Flame Lighter, I.O.C., HP & Bharat

MANOJ KUMAR MISHRA
Senior Advocate
President
Orissa High Court Bar Association



"Laxman Nivas"
Hindol Kothi Chhak, Tulasipur,
Cuttack-753008 (Odisha)
Mobile-9437009277 / 9937209277
==========E.mail: mkmishraandco@gmail.com
mkmishra54@gmail.com
Date. 27 / 02 / 2026

INTERNATIONAL WOMEN'S DAY

International Women's Day is celebrated throughout the world. It is a day when women are recognized for their achievements of women and promoting women's rights without regard to divisions, whether national, ethnic, linguistic, cultural, economic or political. Since the early days, International Women's Day has grown in prominence and reach, touching women in every corner of the world. The growing international women's movement has helped make International Women's Day a central point for action, to build support for women's rights and their full participation in the economy, politics, community and in everyday life. Women are the backbone of families and communities. Women also play a significant role in community building and often take on leadership roles in community organizations. Women's empowerment and the promotion of gender equality are essential for the development of a just and equitable society. Nowadays, women have become fearless, gathered courage to prevent injustice, harassment and discrimination. However, women continue to face numerous challenges that hinder their ability to contribute fully to society. Addressing these challenges requires a concerted effort from leaders, individuals, Society, and governments. Only by working together we can create a more just and equitable world for everyone.

MANOJ KUMAR MISHRA
(Senior Advocate)
Orissa High Court

ମହାମହିମ ରାଷ୍ଟ୍ରପତି : ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା

ସଂପାଦକୀୟ



ଡକ୍ଟର ପ୍ରଭାତୀ ମିଶ୍ର
ଉପଦେଷ୍ଟା, ନାରୀସୁରକ୍ଷା

" ଆମେ ଇତିହାସରେ ପଢିଥାଉ ଆବହମାନ କାଳରୁ ରାଜ୍ୟର ସର୍ବୋଚ୍ଚ ଶାସନକର୍ତ୍ତା ଅତ୍ୟାଚାରୀ ବା ସ୍ୱେଚ୍ଛାଚାରୀ ହୋଇଥାଆନ୍ତି - ଯେପରି ଗ୍ରୀସ୍ ର ବୀର ଆଲେକଜାଣ୍ଡର, ଫ୍ରାନ୍ସର ସମ୍ରାଟ ନେପୋଲିୟନ, ଜର୍ମାନୀର ଆଡ଼ଲଫ୍ ହିଟଲର୍ ଏବଂ ଆମ ଦେଶର ମୋଗଲ ସମ୍ରାଟ ଆଉରଙ୍ଗଜେବ୍ । ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ଅତ୍ୟାଚାରୀ ହେଲେ ପ୍ରାୟତଃ ଜନସାଧାରଣ ଅସନ୍ତୁଷ୍ଟ ହୋଇଥାନ୍ତି, କିନ୍ତୁ ଯେବେଠାରୁ ଲୋକତନ୍ତ୍ର ଶାସନ ଆରମ୍ଭ ହେଲା, ଶାସକମାନେ ସ୍ୱେଚ୍ଛାଚାରୀ ହେବାକୁ ସୁଯୋଗ ପାଇନଥା'ନ୍ତି । କାରଣ, ତାଙ୍କର ଭୟଥାଏ, ଜନତାଙ୍କ ବିଚାର ଉପରେ ତାଙ୍କ ଭାଗ୍ୟ ନିର୍ଦ୍ଧାରିତ ହୋଇଥାଏ । ତେବେ ଆମେ ଦେଖିଅଛୁ ଯଦି ଜଣେ ନାରୀ ଦେଶର ସର୍ବୋଚ୍ଚ କର୍ତ୍ତା ହୋଇଥାଏ, ତେବେ ସେ ଅତ୍ୟାଚାରୀ ହୋଇପାରେନାହିଁ । ନାରୀମାନେ ଶାସନ କର୍ତ୍ତା ହୋଇଥିଲେ ବିଶ୍ୱଯୁଦ୍ଧ ସଂଘଟିତ ହୋଇନଥାଆନ୍ତା, କାରଣ ସେ ସ୍ୱଭାବତଃ କରୁଣାମୟୀ ଓ ଦୟାମୟୀ । ଶ୍ରୀଲଙ୍କାର ରାଜା ପ୍ରତାପୀ ରାବଣ ଯଦି ରାଣୀ ମନ୍ଦୋଦରୀଙ୍କ କଥାଶୁଣି ସୀତାଙ୍କୁ ଛାଡ଼ି ଦେଇଥାଆନ୍ତେ ତେବେ ନିଜ ଜୀବନ ସହ ଲଙ୍କାବାସୀଙ୍କ ଜୀବନ ନଷ୍ଟ ହୋଇନଥାନ୍ତା ।

ଗଣତନ୍ତ୍ର ଶାସନ ଆରମ୍ଭ ହେବା ଦିନଠୁଁ ଅତ୍ୟାଚାର ବନ୍ଦ ହୋଇ ଯାଇଅଛି । ଏହି ପ୍ରଥା ଅନୁସାରେ ନାରୀ ବା ପୁରୁଷ ଜନସାଧାରଣଙ୍କ ଦ୍ୱାରା ସର୍ବୋଚ୍ଚ ଶାସନକର୍ତ୍ତା ହେବାପାଇଁ ନିର୍ବାଚିତ ହୋଇଥାଆନ୍ତି । ଇତିହାସରେ ନାରୀ ଶାସିକାମାନଙ୍କ ଉଦାହରଣରୁ ଜଣାପଡ଼େ ନାରୀମାନେ ଦୁର୍ବଳା ନୁହଁନ୍ତି, ଯେପରି ଶ୍ରୀଲଙ୍କା ରାଜ୍ୟର ସିରିମାଭୋ ବନ୍ଦରନାୟକ, ଆର୍ଜେଣ୍ଟିନାର ପେଲନ୍, ନିକାରାଗୁଆର ସିମେରୁ, ଆୟାରଲାଣ୍ଡର ମେରୀ ମାକଲାସି, ଫିନ୍‌ଲାଣ୍ଡର ଆରୋରା, ସିଙ୍ଗାପୁରର ତାଲିମା ଯାକବ ଆଦିସବୁ ରାଜ୍ୟରେ ନାରୀମାନେ ରାଜ୍ୟର ସର୍ବୋଚ୍ଚ ଶାସିକା ହୋଇ ସୁଶାସନ ଦେଇ ଆସିଛନ୍ତି ।

ଆମ ଦେଶରେ ପ୍ରଥମ ନାରୀ ରାଷ୍ଟ୍ରପତି ଭାବେ ଶ୍ରୀମତୀ ପ୍ରତିଭା ଦେବୀ ପାଟିଲ ପ୍ରଥମେ ରାଜସ୍ଥାନର ରାଜ୍ୟପାଳ ଭାବେ ତିନି ବର୍ଷ (୨୦୦୪-୨୦୦୭) ରହି ରାଜ୍ୟସଭା ଓ ଲୋକସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ । ୨୦୦୭ ମସିହାରେ ସେ ଦ୍ୱାଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ପାଞ୍ଚ ବର୍ଷ କାଳ ଶାସନ କ୍ଷମତାରେ ରହି ୨୦୧୨ରେ କାର୍ଯ୍ୟରୁ ଅବସର ନେଲେ ।

ଶ୍ରୀମତୀ ପ୍ରତିଭା ପାଟିଲ ଥିଲେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି । ଆମ ଦେଶରେ ଆଦିବାସୀ ଜନଜାତି ମୋଟ ଜନସଂଖ୍ୟା ନ'ପ୍ରତିଶତ ଅଛନ୍ତି । ଓଡ଼ିଶାରେ ମୟୁରଭଞ୍ଜ, କୋରାପୁଟ, କନ୍ଧମାଳ, ସୁନ୍ଦରଗଡ଼ ଆଦି ଅଞ୍ଚଳରେ ଏପରି ଆଦିମ ଅଧିବାସୀମାନେ ବାସ କରିଥାଆନ୍ତି । ଏହି ଦଳିତ ଜାତିର ଜଣେ

ମହିଳା ଝାଡ଼ଖଣ୍ଡର ରାଜ୍ୟପାଳ ଓ ତା'ପରେ ଦେଶର ରାଷ୍ଟ୍ରପତି ଭାବେ ସର୍ବୋଚ୍ଚ ଶାସନକର୍ତ୍ତା ହୋଇ ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ପ୍ରଥମ ଜନଜାତି ମହିଳା ଭାବେ ତଥା ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହୋଇଛନ୍ତି ।

ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଜନଜାତି ମଧ୍ୟରେ ସାନ୍ତାଳୀ ପରିବାରରେ ୧୯୫୮ ମସିହାରେ ରାଇରଙ୍ଗପୁରରେ ଗ୍ରହଣ କରିଥିଲେ । ପିତାମାତା ତାଙ୍କୁ 'ଦ୍ରୌପଦୀ' ନାମ ଦେଇଥିଲେ ବୋଧହୁଏ ମହାଭାରତରେ ବର୍ଣ୍ଣିତ ମୁଖ୍ୟ ନାରୀ ଚରିତ୍ର ଦ୍ରୌପଦୀଙ୍କ ପରି ସାହସୀ, ଶକ୍ତିଶାଳୀ ଓ ବିଶ୍ୱବିଦିତ ହେବେ ବୋଲି ଭାବି । ଗଜେନ୍ଦ୍ର କୁମାର ମିତ୍ର ତାଙ୍କର ଉପନ୍ୟାସ 'ପାଞ୍ଚଜନ୍ୟ'ରେ ଲେଖିଛନ୍ତି 'ପିତା ଦ୍ରୁପଦ ଏକ କଠୋର ଯଜ୍ଞାନୁଷ୍ଠାନ କଲେ' । ଯଜ୍ଞ ଅଗ୍ନିରୁ ଧୃଷ୍ଟଦ୍ୟୁମ୍ନ ନାମକ କୁମାର ଓ କୃଷ୍ଣା ନାମରେ କୁମାରୀ ଜାତ ହେଲେ । ତାଙ୍କ ଭାଷାରେ ଦ୍ରୌପଦୀ ଜନ୍ମରୁ 'ଦୀପ୍ତିମତୀ ଓ ତେଜସ୍ୱିନୀ ଥିଲେ । ଜନ୍ମ ମାତ୍ରେ ସେ ପ୍ରାପ୍ତ ବୟସ୍କା ଏବଂ ସର୍ବ ଗୁଣରେ ସେ ଅଗ୍ରଗଣ୍ୟ ।' (ପୃ-୧୨)

ଆଜି ସମାନ ନାମଧାରୀ ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ମଧ୍ୟ ଜନ୍ମରୁ ଦୀପ୍ତିମୟୀ ହୋଇ ସମକାଳୀନ ପିଲାମାନଙ୍କଠାରୁ ବିଦ୍ୟାରେ ଅତିକ୍ରମ କରି ତାଙ୍କ ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତ କଲେ । ତା'ପରେ ରାଜଧାନୀ ଭୁବନେଶ୍ୱରକୁ ଆସି ସେ ୟୁନିଟ୍-୨ ବାଳିକା ବିଦ୍ୟାଳୟରେ ସ୍କୁଲ ପାଠ ସମାପ୍ତ କଲେ । ତା'ପରେ ଆମ ରାଜ୍ୟର ପ୍ରମୁଖ ମହିଳା ମହାବିଦ୍ୟାଳୟ ରମା ଦେବୀରୁ ସେ ଉଚ୍ଚ ଶିକ୍ଷା ଲାଭକରି ସ୍ନାତକ ଡ଼ିଗ୍ରୀ ହାସଲ କଲେ । ଜଣେ ସାନ୍ତାଳୀ ଝିଅଭାବେ ଏହା ନିଶ୍ଚିତ ଏକ ଗର୍ବର କଥା । ଏହିପରି ଉଚ୍ଚ ଶିକ୍ଷା ଲାଭକରି ସେ ଶ୍ରୀମତୀ ଶ୍ୟାମଚରଣ ମୁର୍ମୁଙ୍କୁ ବିବାହ କଲେ ଓ ସଂସାରୀ ଜୀବନଯାପନ କଲେ । ଏହାପରେ ସେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ



ନାମରେ ପରିଚିତ ହେଲେ। ପୁରାଣରେ ବର୍ଣ୍ଣିତ ଦ୍ରୌପଦୀ ଯେପରି ପାଞ୍ଚ ପୁତ୍ରକୁ ହରାଇ ଅସ୍ଥିର ହୋଇନଥିଲେ, ସେହିପରି ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ମଧ୍ୟ ତାଙ୍କ ପୁତ୍ର ଓ ସ୍ୱାମୀଙ୍କୁ ହରାଇ ହତବାକ୍ ହୋଇନଥିଲେ ବରଂ ଦୃଢତାର ସହ ନିଜ ଜୀବନରେ ସେ ଆଗକୁ ବଢି ଚାଲିଲେ।

ଏହି ମହିୟସୀ ମହିଳା କେବଳ ଘର ସଂସାର ମଧ୍ୟରେ ଆବଦ୍ଧ ନ ହୋଇ ରାଇରଙ୍ଗପୁରର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲର ପିଲାମାନଙ୍କୁ ଓଡ଼ିଆ, ହିନ୍ଦୀ ଓ ଗଣିତ ଶିକ୍ଷାଦାନ କଲେ । ଦେଶସେବା ପାଇଁ ମନ ବଳାଇ ସେ ରାଜନୀତିରେ ପ୍ରବେଶ କଲେ। ୨୦୦୦ ମସିହାରେ ସେ ରାଇରଙ୍ଗପୁରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ। ସେ ସର୍ବ କନିଷ୍ଠ ବିଧାୟିକା ଭାବେ ସମ୍ମାନିତା ହେଲେ। ସେ 'ନୀଳକଣ୍ଠ' ସମ୍ମାନରେ ଭୂଷିତା ହେଲେ। ଏହାପରେ ୨୦୧୫ ରୁ ୨୦୨୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ସେ ଆଉ ପଛକୁ ଫେରି ନାହାନ୍ତି।

ସେ ଆମ ଦେଶର ଆଦିବାସୀମାନଙ୍କର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିଲେ। ସେ ସେମାନଙ୍କର ପ୍ରିୟପାତ୍ରୀ ହୋଇଥିଲେ। ୨୦୨୨ ମସିହାରେ ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ପ୍ରଥମ ଆଦିବାସୀ ମହିଳା ଭାବେ ଦେଶର ରାଷ୍ଟ୍ରପତି ନିର୍ବାଚନରେ ନିର୍ବାଚିତ ହେବା ସମ୍ବାଦ ପାଇ ସେମାନେ ବହୁତ ଆନନ୍ଦିତ ହୋଇଥିଲେ। ସମାଜରେ ନିଷ୍ପେସିତା ହୋଇଥିବା ଏହିପରି ନାରୀମାନଙ୍କ ପାଇଁ କିଛି କାମ କରିବାକୁ ସେ ସଦାସର୍ବଦା ଚେଷ୍ଟିତା ଥିଲେ । ଯେପରି ମହାଭାରତରେ ଦ୍ରୌପଦୀ କର୍ଣ୍ଣ, ଦୁର୍ଯ୍ୟୋଧନ ଓ ଦୁଃଶାସନ ଆଦି କୌରବମାନଙ୍କଠାରୁ ଲାଞ୍ଛୀତା ହୋଇ ବିରୋଧୀମାନଙ୍କୁ ପଞ୍ଚ ପାଣ୍ଡବଙ୍କ ସହାୟତାରେ ନିପାତ କରିଥିଲେ, ସେହିପରି ଆଜିର ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା, ତାଙ୍କ ବିରୋଧୀମାନଙ୍କୁ ପରାହତ କରି ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ଭାବେ ପରିଚିତ ହୋଇପାରିଛନ୍ତି। ଆଜି ସେ ସ୍ୱୟଂସିଦ୍ଧା ନାରୀ ଭାବେ ପ୍ରତିଷ୍ଠିତା।

୨୦୨୨ ମସିହା ୨୬ ତାରିଖ ଦିନ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ମୁଖ୍ୟ ବିଚାରପତି ଏନ୍.ଭି.ରମଣଙ୍କ ଦ୍ୱାରା ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେଲେ । ଦେଶର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଆଗେଇ ଆସୁଛନ୍ତି । ରାଷ୍ଟ୍ରପତି ଭାବେ ନିଜ ରାଜ୍ୟ ଓଡ଼ିଶାକୁ ଆସି ସେ ତାଙ୍କ ସ୍କୁଲକୁ ଗଲେ। ପିଲାମାନଙ୍କ ସହିତ ଦୁଇ କିଲୋମିଟର ଚାଲିକି ଯାଇଥିଲେ, ସେମାନଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ। ସେ ପୁରୀ ଯାଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କଲେ।

ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଜଣେ ମାନବବାଦୀ ମହିଳା । ବିଶେଷକରି ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସେ ଘୋର ବିରୋଧ କରନ୍ତି । ତେଣୁ ୨୦୨୮ ରେ କଲିକତାରେ ହୋଇଥିବା ନାରୀ ନିର୍ଯ୍ୟାତନାକୁ ସେ ପ୍ରବଳ ବିରୋଧ କରି କହିଲେ, 'enough is enough' କୌଣସି ପ୍ରକାରର ଅମାନବିକତାକୁ ସେ ବରଦାସ୍ତ କରିପାରନ୍ତି ନାହିଁ। ଏପରି ଜଣେ ମହିୟସୀ ମହିଳାଙ୍କୁ ଆମ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ବା ରାଷ୍ଟ୍ରପତିଭାବେ ପାଇ ଦେଶବାସୀ ଆଜି ଧନ୍ୟ ହୋଇଛନ୍ତି। ମହାମହିମ ରାଷ୍ଟ୍ରପ୍ରତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟାଙ୍କର ଜୟ ହେଉ।

ପ୍ରାକ୍ତନ ଅଧ୍ୟକ୍ଷା
ଶୈଳବାଳା ମହିଳା ମହାବିଦ୍ୟାଳୟ
୨୪୯, ମହାନଦୀ ବିହାର, କଟକ-୪
ମୋ :୯୪୩୭୦୨୪୪୭୮



ଘର ବାହୁଡ଼ା

ବେଲା ତ୍ରିପାଠୀ

କ୍ଷୁଦ୍ର ଗଳ୍ପ



"କାଥାରେ ଅଛି ରକ୍ତର ଟାଣ - ସୂତାଟା ଭାରି ଦମ୍ଭିଲା ଓ ଟାଣୁଆ, ସୁପର ସାଇକ୍ଲୋନ ବ୍ୟାତ୍ୟା ଆସିବାର କିଛି ବର୍ଷ ପୂର୍ବରୁ ଏଇ ଘରଟି ତିଆରି କରିଥିଲେ । ଚାକିରି ଆହୁରି କିଛି ବର୍ଷ ବାକି ଥିଲା ତେଣୁ ସେ ତରତର ନଥିଲେ ଗାଁରେ ଘର କରିବାକୁ । ସହର ଠାରୁ ଗାଁର ଦୂରତା ପଚାଶ କିଲୋମିଟର ମାତ୍ର । ସରକାରୀ ଚାକିରୀ, ଏଣୁ ଯୁଆଡ଼େ ଯିବ ସରକାରୀ ଘର, ପିଅନ, ଡ୍ରାଇଭର, ମାଳି ଇତ୍ୟାଦି ମିଳିଛି । ଏଣୁ କରି ସହରରେ ଘର କରି ନଥିଲେ, କାରଣ ବାରବୁଲା ଚାକିରୀକୁ ଘର ଜଗିବାକୁ ଜଗୁଆଳି ଦରକାର ? ଏଣୁ ସାଙ୍ଗରେ ଘରଣୀ ଓ ଏକମାତ୍ର ପୁଅକୁ ଧରି ସାରା ଓଡ଼ିଶା ବୁଲି କାମ କରୁଥିଲେ । କିନ୍ତୁ ପୁଅ ମେଡ଼ିକାଲ ପଢିବାର ସୁଯୋଗ ପାଇବା ପରେ ପରିସ୍ଥିତି ଓଲଟିଗଲା ପୁଅ ହଷ୍ଟେଲରେ- ବାପା-ମା ସରକାରୀ ଘରେ, ନହେଲେ ଭଡ଼ା ଘରେ । ସେ ଛୁଟିରେ ସସ୍ତ୍ରୀକ ଏଇ ଗାଁରେ ବାସ କରନ୍ତି, ଗାଁ ମଜା ସମ୍ପୂର୍ଣ୍ଣ ନିଆରା ।

ଅବସର ନେବାର କିଛି ବର୍ଷ ପୂର୍ବରୁ ନିଲାମ୍ବର ବାବୁ ଏହି ଘରଟି ତିଆରି କରିଥିଲେ ନିଜ ମନ ମୁତାବକ । ପୁଅ ଡ଼ାକ୍ତର ହୋଇ ସାରିଲା କିନ୍ତୁ ବାରବୁଲା ଏ ଯାଏ ବାହା ହୋଇନାହିଁ । ପୁଅ ବାହା ହେବ, ବୋହୂ ଆସିବ, ନାତି ନାତୁଣୀ ହେବେ ଏମିତି କେତେ ପ୍ରକାର ଭାବନା ବା ଆଶା ପୁଅ ବାହା ପାଇଁ ସୁନ୍ଦର ଘରଟିଏ । କୁଲା ଡ଼ାଲାର ସଂସାର । ଶୋଇବା ଘରକୁ ମିଶେଇ ଚାରି ବଖରା, ଢେଙ୍କି ଚାଳିଆ, ଷ୍ଟୋରଘର ରନ୍ଧାଘରଟା ବଡ଼ କିନ୍ତୁ ଅଗଣା ମଝିରେ ସାମ୍ନାରେ ବଡ଼ ଦାଣ୍ଡ କବାଟ । ଦାଣ୍ଡ ଦୁଆରେ ବଉଳ ଗଛ ସିମେଣ୍ଟ ଚଉତରା । ମଝିରେ, ମଝିରେ ତାସ୍ ଖେଳ ହୁଏ । କିଛି ଜମି ରଖି ବାକି ଜମି ସବୁ ବିକି ଦେଇଥିଲେ । ସେଇ ଟଙ୍କା କିଛି ରେ ସେ ଏଇ ଘର ଖଣ୍ଡିକ ତିଆରି କରିଥିଲେ ନାଁ ରଖିଥିଲେ " ବସୁଧା' । ନିଲାମ୍ବର ବାବୁଙ୍କ ଘରଣି (ସ୍ତ୍ରୀ)ଙ୍କ ନାଁ ବସୁଧା ଥିଲା, ଏଣୁ ଏହି ଘରଟି ନାଁ " ବସୁଧା" ରଖିଥିଲେ ।

ନୀଲାମ୍ବର ବାବୁଙ୍କ ଅବସର ପରେ ତାଙ୍କ ସ୍ତ୍ରୀ " ବସୁଧା" ଆଗ ଚାଲି ଯାଇଥିଲେ । ପରେ ସିଏ ନିଜେ ଗଲେ । ରହିଲେ ତାଙ୍କର ଏକ ମାତ୍ର ପୁଅ ଡ଼ାକ୍ତର ପଲାଶ ପୁରା ମାତ୍ରାରେ ବାରବୁଲା । ମନ ହେଲେ ଗାଁ କୁ ଆସେ ନହେଲେ ବାହାରେ କାମ କରେ । କାମରେ ମନ ନଲାଗିଲେ ଛାଡ଼ି ଅନ୍ୟ ଆଡ଼େ ପଳାଏ । ଗୋଟିଏ ଜାଗାରେ ରହିବାକୁ ତାକୁ ଭଲ ଲାଗେନାହିଁ । ତା'ଛଡ଼ା ଲଗାମ ଛଡ଼ା । ଘରଦ୍ୱାର ଜମିବାଡ଼ି ସବୁ ନଟିଆ ଓ ନୟନା ବୁଝନ୍ତି । ସେମାନେ ନିଲାମ୍ବର ବାବୁଙ୍କ ପୁଅ ବୋହୂ କହିଲେ ଚଳେ । ପଲାଶ ଡ଼ାକ୍ତର ହେବା ପରେ କିଛି ବର୍ଷ ବିଲାତ ଯାଇ ରହି ଆସିଥିଲେ । କଥା ହେଲା ସେଠିବି ତାଙ୍କୁ ଭଲ ଲାଗିଲା ନାହିଁ । ନିଜ ପାଇଁ ଗୋଟିଏ

ସ୍ତ୍ରୀ ବି ଯୋଗାଡ଼ କରିପାରିଲେ ନାହିଁ । ତା'ଛଡ଼ା ବେରସିକ, ବାରବୁଲାକୁ କିଏ ଝିଅ ଦେବ । ବିଦେଶରେ ଘର ନାହିଁ । ଏଣୁ ହାଲିଆ ହୋଇଗଲେ ଫେରେ "ବସୁଧା"କୁ ମାସେ ଦୁଇ ମାସ ନଟିଆ ଓ ନୟନା ସହିତ ହସଖୁସି ହୋଇ ପୁଣି ଫେରି ଯାଏ କର୍ମକ୍ଷେତ୍ରକୁ ।

କିନ୍ତୁ ବାତ୍ୟା ପରେ ଫେରିଥିଲେ ନିଲାମ୍ବର ବାବୁ । ସେ ଲଗେଇଥିବା ସୁନ୍ଦର ବଗିଚାରୁ ପ୍ରାୟ ଅଧେ ଗଛ ଭାଙ୍ଗି ପଡ଼ିଥିଲା - ମନକୁ କ'ଣ ଆସିଲା କେଜାଣି ସହରକୁ ଯାଇ ଭଲ ଭଲ ଗଛ ଆଣି ଲଗେଇ ଥିଲେ - ବଗିଚାଟା ପୁନର୍ବାର ହସିବାକୁ ଲାଗିଲା । ଘର ଦ୍ୱାର ସବୁ ସଜାଡ଼ିବାରେ ଲାଗିଗଲେ, ନଟିଆକୁ କହି ସଉଦା ପାଇଁ ବରାଦ ଦେଲେ । ଗାଁ ଲୋକଙ୍କୁ ଦେବାରେ ମନ, ଦେବାକୁ ଚେଷ୍ଟା ବି କଲେ । ଗାଡ଼ିଟିକୁ ଦାଣ୍ଡ ଦୁଆରେ ରଖନ୍ତି - ନଟିଆ ଗାଡ଼ିଟା ଖରାପ ହୋଇଯିବ ଭାବି ବ୍ୟସ୍ତ ହେଲା । ତୁ ମୋଟେ ବ୍ୟସ୍ତ ହବା ଦରକାର ନାହିଁ ନଟିଆ - ତୁ ଆଗ ମୋ ରନ୍ଧା ବ୍ୟବସ୍ଥା କର । ମୁଁ ନିଜେ ରାନ୍ଧି ଖାଇବି ବୁଝିଲୁ ? ହଉ ଆସେ ତୁମକୁ ଚୁଲି ଲଗେଇ ଆସିବ ନାହିଁ - ନୟନାକୁ କହୁଛି ସିଏ କରିବ । ନା... ନା -

ଏଥରକ ସେଇଆ ହେଲା -ନଟିଆ ଚୁଲି ଠିକ୍ କର ଚା କରିବା, ଖିର ମିଳିବ ତ ? ବାବୁ ତୁମ ପିଲା ବେଳ କଥା କ'ଣ ଅଛି କି ? ଏବେ କଚିରୀ ଛକରେ ପାନ ଦୋକାନରେ ସରକାରୀ- ପ୍ୟାକେଟ ଖିର ବିକ୍ରି ହେଉଛି । ନଟିଆ ସବୁ ସଜ କରି ନୟନାକୁ ଡ଼ାକ ଛାଡ଼ିଲା - ଆରେ ବେଗିଆ ଛୁଆ ବାବୁ ଆସିଲେଣି । ପଲାଶ ଚାରିଆଡ଼େ ଆଖି ବୁଲେଇ ଆଣିଲେ । ଯେମିତି ଘର ଛାଡ଼ି ଯାଇଥିଲେ ସେମିତି ଅଛି ଖାଲି ଟିକେ ଅରମା ଯାହା ହୋଇଛି ? ରୋଷେଇ ଘରୁ ନୟନା ଆସି ଦଣ୍ଡବତ ଗୋଟିଏ ମାରି ଚୁଲି ମୂଳରେ ଚା' ବ୍ୟବସ୍ଥାରେ ଲାଗିଲା । କିନ୍ତୁ ପଲାଶ ମନା କରୁଥିଲା - ନୟନା ତୁମେ ଯାଅ ମୁଁ କରିବି । ଆରେ ଛୁଆ ବାବୁ ଆଜି ଦିନକ ମୋତେ କରିବାକୁ ଦିଅ,



କାଲିଠାରୁ ତୁମେ ନିଜେ କରି ଖାଇବ ? ହଉ ଚା କପ ସହିତ ତାଳପତ୍ର ଭୋଙ୍ଗଇରେ ମୁଢି ଅଧାକଂସା ଚା', ନଟିଆର - ବାକି ପଲାଶର । ନୟନା ଏଇ ଭିତରେ ଘର ଭିତରକୁ ଯାଇ ହାଣ୍ଡି, କରେଇ, ଖଡ଼ିକା ଇତ୍ୟାଦି ଆଣି ସଜାଡ଼ିବାରେ ଲାଗିଲା - ବୁଝିଲୁ ନଟିଆ କାଲି ଆଡ଼କୁ ଅଗଣାଟା ସଜାଡ଼ିବା ବୁଝିଲୁ ତୁମେ ତ ରହିବ ନାହିଁ ଏସବୁ କାହିଁକି କରୁଛ । ଆରେ ପନ୍ଦର ଦିନ ତ ରହିବି, ତୁ ଖାଲି ସଜାଡ଼ିବେ ମୁଁ ରୋଷେଇ କରି ଖାଇବି । ନୟନା ବିରକ୍ତ ହୋଇ କହିଲା ସବୁ ସଜ କରି ଦେବି । ତୁମେ ଦୁନିଆ ବୁଲିଲ - ନିଜ ପାଇଁ ଗୋଟିଏ ଝିଅ ଯୋଗାଡ଼ କରି ପାରିଲ ନାହିଁ । ସେମିତି ଗୁଣୁ ଗୁଣୁ ହୋଇ କହି ଚାଲିଥାଏ ନୟନା ହେଲେ ପଲାଶ ସେ କଥା ଶୁଣିବାରେ ଆଗ୍ରହ ନାହିଁ । ଚା' ମୁଢି ପେଟରେ ପଡ଼ିଛି । କିଛି ସମୟ ଟାଣି ନେବ - ସେତେବେଳେ ଦେଖିବା କଣ କରିବା ବୁଝିଲୁ - କିନ୍ତୁ ମଝିରେ ଥରେ ଚା' ଦରକାର । ନଟିଆ ଗାଧୁଆ କୁଣ୍ଡ ଧୋଇ ପାଣି ରଖି ସାରିଛି - ଗତଥର ଗାଁକୁ ଆସିଲାବେଳେ ପଲାଶ ପାଣି ଫିଲଟରଟିଏ ଆଣିଥିଲା । ସେଥିରେ ପାଣି ଭର୍ତ୍ତି କରିବାକୁ ଗଲେ । ସବୁ ସଜ ସରିଲା ଖାଲି ଭାତ ହାଣ୍ଡିଟା ଯାହା ଚୁଲିରେ ବସିବା ବାକି - ଚଉରା ମୂଳେ ରଙ୍ଗଣୀଫୁଲର ବୁଦାରେ କଢ ଭର୍ତ୍ତି- ସଞ୍ଜ ବେଳକୁ ସବୁ ଫୁଟିବ ବୋଧ ହୁଏ ? ମନେ ମନେ କହି ଉଠିଲେ ବୋଧ ହୁଏ ନୟନା ସବୁବେଳେ ଆସି ଦଉଛି ବୋଉ, ବାପାଙ୍କ ଫଟରେ ଫୁଲ, ଟେବୁଲ୍ ସଜଡ଼ା ହୋଇଛି । ଏହି ବାତ୍ୟା ପରେ ପଲାଶ ପ୍ରାୟ ଗାଁକୁ ଆସେ ଆଉ ଗାଁ ଲୋକଙ୍କର ସେବା ବି କରେ । ସେ ବେଶି ବୁଢା ହୋଇ ନାହାନ୍ତି, ମାତ୍ର ୫୯ ବର୍ଷ କିନ୍ତୁ ସେ ଖୁବ୍ ସ୍ମାର୍ଟ, ଚଞ୍ଚଳ ଆଉ ଶାନ୍ତ ପ୍ରକୃତିର । ତାଙ୍କର ଗୁଣସବୁ ବାପା ନିଲାମ୍ବର ବାବୁ ଆଉ ବୋଉ ବସୁଧା ଉପରେ ଯାଇଛି । ଖାଇବାରେ ଅଝଟ ନାହିଁ । ନିଜ ହାତରେ ଭାତ ରାନ୍ଧି କରି ଖାଆନ୍ତି । ବୟସ ଷାଠିଏ ପାଖାପାଖି । ଗାଁରେ ରହିଲେ ବୁଲିବେ, ଖବର କାଗଜ ପଢିବେ, ଘର ବାରି ସଫା କରିବେ - ଗାଁ ଲୋକଙ୍କର ଭଲ ମନ୍ଦ ବୁଝନ୍ତି । ଗଛ ଲଗେଇବେ - ଗତସନ ଠାକୁରାଣୀ ବେଢାରେ କୋଡ଼ିଏଟି ଗଛ ଲଗେଇଥିଲେ ପଲାଶ, ସବୁ ଗଛ ବଞ୍ଚିଛି -

ଅଗଣା କାମ ସାରି ଚୁଲିରେ ଭାତ ହାଣ୍ଡି ବସେଇଲେ - ଚାଉଳ ସହିତ ଆଳୁ ଦୁଇଟା ପକେଇ ଥିଲେ । ଗାଧୁଆ ସାରି ଠାକୁରଙ୍କ ମୁଣ୍ଡିଆ ମାରି ଆସି ଦେଖିଲା ବେଳକୁ ଚୁଲି ଲିଭି ଯାଇଛି । ଯାହା ହେଉ ବହୁତ କଷ୍ଟର ଚୁଲି ଲଗେଇଲେ ଭାତବି ରନ୍ଧା ହେଲା -କିନ୍ତୁ ଭାତ ତଳି ଲାଗି ଯାଇଛି ଖାଇ ହେବ ନାହିଁ । ପୋଡ଼ା ଭାତ, ଆଳୁ ଅଧା ଶିଝା ଚକଟା ଖାଇଲେ ହାଣ୍ଡିରେ ପାଣି ଢାଳିଲେ । ଆଉ କିଛି ସମୟ ପାଇଁ ବିଛଣାକୁ କଷ୍ଟ ଦେଲେ ଶୋଇଲେ ଯାଇ -ଶୋଉ ଶୋଉ ଟିକେ ଅଧିକା ଶୋଇପଡ଼ିଥିଲେ । ଦାଣ୍ଡ କବାଟ ଠକ୍ ଠକ୍ ଶୁଣି ଉଠିଲେ । ହାତ ଘଣ୍ଟାକୁ ଚାହିଁ ଚମକି ପଡ଼ିଲେ ଆରେ ଚାରିଟା ଆଜି ଗଲା - ଓହୋ କବାଟ ଖୋଲି ଦେଖିଲେ - ନଟିଆ ନୟନା ଦୁହେଁ ଦୁଆର ମୁହଁରେ ଠିଆ ହୋଇଥିଲେ । ନଟିଆ କହିଲା ଛୁଆବାବୁ କହୁଥିଲେ କୁଆଡ଼େ ଯିବେ ବୋଲି ଆରେ ହଁ ବଜାର ଯାଇ ଡ଼ାଲି, ତେଲ, ଅଟା କେତେ କ'ଣ ଆଣିବା କଥା - ହଉ ଆଜି ଆଉ ଯାଇହେବନାହିଁ କାଲିକୁ ଯିବା । ଆଜି ଆମ ଘରେ ଖାଇବା ବ୍ୟବସ୍ଥା କରିଛି । ଏଣୁ ବ୍ୟସ୍ତ ହବାର କିଛି ନାହିଁ । ଆରେ ମୋ ଲାଗି ତୁମେ ଦୁହେଁ କାହିଁକି ଏତେ ହଇରାଣ ହବ ।

ଛୁଆବାବୁ ଏତେ ବଡ଼ କଥା କହିଲ, ବଡ଼ ବାବୁ, ମା ସାଆନ୍ତାଣି ଥିଲେ ବୋଲି ମୁଁ ନଟରୁ ନଟିଆ ହୋଇପାରିଛି । ଛୁଆବାବୁ ନୟନା ଆଜି ଚିତଉ ପିଠା କରିଛି - ସେଇ କଥା କହିବାକୁ ଆସିଥିଲା -ଖିର ଆଣିଛି । ନୟନା ଯାଆ -ଖିର ଗରମ

କରି ଚା ' କର ଛୁଆ ବାବୁଙ୍କ ପାଇଁ, ଆରେ ଖାଲି ମୋ ଲାଗି, ଆମ ତିନି ଜଣଙ୍କ ପାଇଁ କର ମିଶି କି ଚା' ପିଇବା । ନୟନା ଚା' କରି ବସିଲା - ଆଗ ଚଉରା ମୂଳେ ରଙ୍ଗଣୀ ଫୁଲ ଫୁଟିବାକୁ ଆରମ୍ଭ କରି ସାରିଲାଣି । ପଲାଶ ଚା' ପିଉ, ପିଉ ଫୁଲ ଫୁଟିବା ଦେଖି ଆନନ୍ଦିତ ହେଉଥିଲା ମନେ ମନେ । ନଟିଆ ମୋର ଆଉ ବଜାର ଯିବାର ହବ ନାହିଁ, ତୁ କୁଆଡ଼େ ଯିବୁ କହୁଥିଲୁ ଯାଆ । କାଲି ଦାଣ୍ଡ ଘର ଚଉକି, ଟେବୁଲ ଝାଡ଼ିବା ବୁଝିଲୁ । ଛୁଆ ବାବୁ ଚଉରା ମୂଳେ ରଙ୍ଗଣୀ ଫୁଲ ବୁଦା ଗୁଡ଼ାକ ଓପାଡ଼ି ନେବିକି ? ନା ନା ଫୁଲ ଗୁଡ଼ିକ ସୁନ୍ଦର ହୋଇଛି - ଥାଉ ।

ହଁ ଏଇ ଆଶିଣ ମାସରେ ରଙ୍ଗଣୀ ଫୁଲର ଯାତରା ମା ଯୋଗୁଁ ଯାହା । କୁଆଁର ପୁନେଇଁ ଆଗକୁ ଅଛି ତୁମେ ରହିବ ନାହିଁ । ଛୁଆ ବାବୁ ତୁମେ ପରା ଏଇ ଗଛର ମଞ୍ଜି କେଉଁଠୁ ଆଣିଥିଲ ? ଆରେ ମୋର ମନେ ନାହିଁ ? ହୋଇଥିବ ବୋଧ ହୁଏ । ଏତେ ଫୁଲ ଫୁଟିବାର ଆଗରୁ ଦେଖି ନାହିଁ ତ - ହଁ - ଏ ଫୁଲର ଗୋଟିଏ ଦୋଷ ସଞ୍ଜ ବେଳେ ଫୁଟିବ ସକାଳକୁ ଝାଉଁଳିବ । ହାଲୁକା ମହକ, ରଙ୍ଗବି ଅତି ସୁନ୍ଦର ଅଗଣା ଭିତରକୁ ପଶି ଆସିଲେ ଫୁଲକୁ ଘଡ଼ିଏ ଚାହାନ୍ତି ।

ଛୁଆ ବାବୁ - ଆପଣ ଏଥର ଠିକ୍ ପାର୍ବଣ ବେଳକୁ ଆସିଛନ୍ତି ରହି ଯାଆନ୍ତୁ କୁଆଁର ପୁନେଇଁ ପରେ ଯିବେ । ହଉ କହିଲିଣୁ ଯେତେବେଳେ ଭାବି ଦେଖିବି । ଆରେ ମୋର ତ ଆଉ ଚାକିରି ନାହିଁ ଏଠି ଯା - ସେଠି ସେଇଆ - ଖଟ ଉପରେ ବସି ଭାତ ଖାଇବାକୁ ଲାଗିଲେ । ଆରିସି ପାଖରେ ଠିଆ ହୋଇ ନିଜ ମୁହଁଟିକୁ ଦେଖିଲେ ପୂର୍ବଭଳି ଗାମ୍ଭିର୍ଯ୍ୟତା ଅଛି ନା ନାହିଁ । ବୟସ ଅନୁଯାୟୀ ଚେହେରାଟା ତାଙ୍କର ଠିକ୍ ଅଛି ।

ସଞ୍ଜ ନଇଁବାକୁ ଆରମ୍ଭ ସୂରୁଜ ଦେବତା ପଶ୍ଚିମକୁ ଢଳିବାକୁ ଆରମ୍ଭ କଲେଣି ଚଉରା ମୂଳେ ରଙ୍ଗଣୀ ଫୁଲ ଫୁଟିବାକୁ ଆରମ୍ଭ କଲାଣି- ହାଲୁକା ପବନରେ ରଙ୍ଗଣୀ ଫୁଲର ବାସ୍ନାବି ଆସୁଛି । ସାଙ୍ଗରେ ଆଣିଥିବା ଟେପ ରେକର୍ଡ଼ର ତାଙ୍କର ପ୍ରିୟ ସାଥି । ଖଟ ଉପରେ ବସି ଟେପଟିକୁ ଖୋଲିଲେ ଆସ୍ତେ କରି ସ୍ୱର ଶୁଭିଲା ମଲ୍ଲିମାଳ ଶ୍ୟାମକୁ ଦେବି ଓଡ଼ିଆ ଗୀତ । ଯେତେ ଶୁଣିଲେ ବହୁତ ଭଲ ଲାଗେ ଶୁଣିବାକୁ ଚାକିରୀର ପ୍ରଥମ ଦରମାରେ ସିଏ ଏଇ ଯନ୍ତ୍ରଟିକୁ କିଣିଥିଲେ । ଏଇଟି ଥିଲା ତାଙ୍କର ଅତି ପ୍ରିୟ ସାଥି । ଯୁଆଡ଼େ ଯାଆନ୍ତି ସାଙ୍ଗରେ ନେଇ ଯାଆନ୍ତି । ଏଇ ଭାବନା ଭିତରେ ଖଟ ଉପରୁ ଉଠି ଆସି ନିଜ ମୋବାଇଲଟି ଧରି ଅଗଣା ପିଣ୍ଡାକୁ ଆସିଲେ । ଆସି ଦେଖିଲେ ଫୁଲ ଫୁଟିବାକୁ ଆରମ୍ଭ କରି ସାରିଛି ରଙ୍ଗ ଭରା ଅଗଣା । କିଛି ଫଟ ଉଠାଇଲେ । ବାପାଙ୍କର ହାତ ତିଆରି ଏଇ ଘର - ସବୁ ଅଛି - କେବଳ ମା-ବାପା ଦୁହେଁ ପାଖରେ ନଥିଲେ । ବାପାଙ୍କର ଡ଼ାଲା କୁଲାର ସୁନ୍ଦର ସଂସାର - ମନଟା ତାଙ୍କର କାହିଁ କେତେ ପଛକୁ ଫେରି ଯାଇ ସମୟକୁ ଅଣ୍ଡାଳୁ ଥିଲା । କୁଆଡ଼େ ଗଲା ସେସବୁ ଦିନ - ରଙ୍ଗଣୀ ଫୁଲର ବାସ୍ନା ମନଟାକୁ ଚହଲେଇ ଦେଇଥିଲା । ବାପାଙ୍କ ଇଚ୍ଛା ପୂରଣ କରି ପାରିନଥିଲେ ମାନେ ବାହା ହୋଇ ଡ଼ାଲାକୁଲାର ସଂସାର କରି ପାରି ନଥିଲେ ।

ଛୁଆ ବାବୁ, ଛୁଆ ବାବୁ .....

ନୟନା ଡ଼ାକରେ ପଲାଶର ଧ୍ୟାନ ଭାଙ୍ଗିଲା । ଛୁଆ ବାବୁ ଟେବୁଲ୍ ଉପରେ ପିଠା ଖିରି ତରକାରି ରଖିଲି । ଶିଘ୍ର ଖାଇବ ଥଣ୍ଡା ହେଲେ ଭଲ ଲାଗିବ ନାହିଁ । ଆଲୋ ଟିକେ ଆଲୁଅ ଦେଖା, ଖାଇବା ଗୁଡ଼ାକ ଘୋଡ଼େଇ ରଖେ । କାହା ସାଙ୍ଗରେ କଥା ହେଉଛି ନୟନା କେଜାଣି ।

ଆସେ ମୁଁ ଆଲୁଅ ଦେଖେଉଛି ତୁ ରୋଷେଇ ଚାଳିଟା ସଜାଡ଼ିଦେ । ସକାଳକୁ ସବୁ ଶୁଖି ଯାଇଥିବ ନୁହଁ ? ହଁ ଭଲ କରି ଲିପୁଛି - ହଁ ହଁ ନୂଆବୋଉ ତୁ ଟିକେ ଶିଘ୍ର ଆ..ମୁଁ ଯାଉଛି । ଆଲୋ ରହ ଟିକେ ମୁଁ ବୁଢି ହେଲିଣି ଟିକେ ହାତ ବଢେଇଲୁ ? କଣ କହୁଛୁ ।

ନୟନା କାହା ସହିତ କଥା ହେଉଛି ? ଓଃ ରେଣୁ ସାଙ୍ଗରେ । ନୟନା ପଲାଶକୁ ଦେଖି କହି ଉଠିଲା - ଚିହ୍ନି ପାରିଲେ ନାହିଁ ଇଏ ସେଇ ରେଣୁ, ଆପଣ କଲେଜରେ ପାଠ ପଢୁ ଥିଲା ବେଳେ ବଡ଼ ମାଙ୍କ ପାଖକୁ ରେଣୁ ଆସେ ସିଲେଇ ଶିଖିବା, ରୋଷେଇ ଶିଖିବା - ଚିତା ପକେଇବା ଇତ୍ୟାଦି ପାଇଁ ।

ବଡ଼ ମା' ଓ ବାବୁଙ୍କ କାଳ ହେଲାର କିଛି ଦିନ ପରେ ରେଣୁ ବାପାମା ଦୁହେଁ ଆଗ ପଛ ହୋଇ ବାହୁଡ଼ିଲେ । ରହିଗଲା ସିଏ ଏକା । ଓହୋ ସିଏ ରଘୁ ଦାଦାଙ୍କ ଝିଅ ତ ? ହଁ ଛୁଆ ବାବୁ ଆପଣ ଠିକ୍ ରେ ଅଛନ୍ତି ?

ଆଲୋ କାଠ ଭଳି ଠିଆ ହୋଇଛୁ କ'ଣ ମୁଣ୍ଡିଆ ମାରୁନୁ । ରେଣୁ ବଡ଼ କଷ୍ଟରେ ଆସି ପାଦ ଛୁଇଁ ମୁଣ୍ଡିଆ ମାରିଲା । ହଠାତ୍ ରେଣୁର ଆଙ୍ଗୁଳିର ପରଶ ପଲାଶର ଦେହରେ କିପରି ଝାଇଁ, ଝାଇଁ ହୋଇଗଲା ଭଳି ଲାଗିଲା ଥାଉ ଥାଉ, ହେଲା ଆଚ୍ଛା ରେଣୁ ତୋ ଭଳି ଚଣ୍ଡୀ କେଉଁଠି ବାହା ହେଲୁ । କାହା ବେକରେ ବର ମାଳ ପକେଇଲୁ ? ତୋ ବର ଭଲ ତ ? ତୋତେ ଭଲପାଏ ତ ? ରେଣୁ ଚୁପ ହୋଇ ପଳାଶର କଥା ଶୁଣୁଥିଲା । ସଞ୍ଜର ହାଲୁକା ଅଧା ଛାଇ ଆଲୁଅରେ ପଲାଶ ଟିକେ ରେଣୁକୁ ଚାହିଁଲେ ।

କଳା ଘୁମର ଲମ୍ବା ବେଣୀ, ଶସ୍ତା ଶାଢି ଦେହରେ ଟିକେ ଉଚ୍ଚ କରି ପିନ୍ଧିଛି । ବଳିଷ୍ଠ ଦେହ ହାତ ସବୁଠୁ ସୁନ୍ଦର ତାର ବଡ଼ ବଡ଼ ଆଖି ଦୁଇଟି, ଲମ୍ବା ନାକ ପଲାଶକୁ ଲାଗିଲା ରେଣୁ ତ ବେଶ ସୁନ୍ଦର ଦିଶୁଛି । କିଛି ବର୍ଷ ପୂର୍ବେ ରେଣୁକୁ ସିଏ ବହୁ ପାଖରୁ ଦେଖିଛି, କଥାବାର୍ତ୍ତା, ଖାଇବା, ବୁଲିବା କରିଛି ହେଲେ ଏତେ ନିଘା କେବେ କରି ନାହିଁ । ପିଲାବେଳେ ଦୁହିଁଙ୍କର ଦୁହିଁଙ୍କ ସହିତ ପ୍ରଚଣ୍ଡ ଝଗଡ଼ା କଳିକଜିଆ ହେଉଥିଲା । କେବଳ ଇଂରାଜୀ ଗ୍ରାମାର (ବ୍ୟାକରଣ) ଯୋଗୁଁ ।

ନୂଆ ବୋଉ ମୁଁ ଯାଉଛି, ତୁ ପଛରେ ଆସେ । ଆଲୋ ଟିକେ ରହ ସାଙ୍ଗ ହୋଇ ଯିବା ତୁ ଟିକେ ହାତ ଧରିଲେ ହେଲା । ରେଣୁ କିଛି ନ ଶୁଣି ତରତର ହୋଇ ବାହାରି ପଳେଇଲା - ଗଲାବେଳେ ପଳାଶ କାନରେ ବାଜୁଥିଲା ରେଣୁ ପାଦ ପାଉଁଜିର ରୁଣୁଝୁଣୁ ଶବ୍ଦ ଓହୋ- ନୟନା ରେଣୁ ଯିବା ବାଟକୁ ଅନେଇ ଆଖିରୁ ଲୁହ ପୋଛିଲା ତା' କାନିରେ । ହଠାତ୍ ପଲାଶର ନଜର ନୟନାର ଆଖିରୁ ଲୁହ ପୋଛିବା ଦେଖି କହି ଉଠିଲା - ଆରେ ନୟନା କ'ଣ ହେଲା କି ? ଛୁଆ ବାବୁ ଆପଣ ତ ପାଠ ପଢିବାକୁ ଗଲେ ଆଉ ଗାଆଁକୁ ଫେରିଲେ ନାହିଁ । ଯଦିବା ଆସିଲେ କୁଣିଆ ଭଳି - ରାତିରେ ଆସିବେ ସକାଳେ ପଳେଇବେ ? ଏଇ ରେଣୁର ବହୁ ଜାଗାରୁ ବାହାଘର ଆସୁଥାଏ, ଆସିବେ ଖାଇବେ କହିବେ ଘରକୁ ଯାଉଛୁ ଖବର ପଠେଇବୁ । ନାଁ ଜାତକ ପଡୁନାହିଁ । କିଏ ଟଙ୍କା ବହୁତ ମାଗିଲେ, ଅଭାବୀ ଲୋକ ଏତେ ଗୁଡ଼ାଏ ଟଙ୍କା ପାଇବ କେଉଁଠୁ ? ବାବୁ ବଡ଼ ମାଆ ବି ବହୁତ ଚେଷ୍ଟା କଲେ - ସବୁ ଫେଲ । ସେ ଦୁହେଁ ଆଗ ପଛ ହୋଇ ଚାଲିଗଲେ । ମା'ଙ୍କର ଠାକୁରାଣୀ ମାଜଣା, ଉପାଷ, ବ୍ରତ କିଛି କାମ କରିନଥିଲା - ରେଣୁ ବହୁତ ଉପାସ ବାର କରିଛି- ସବୁ ବିଫଳ । ରେଣୁର ବାପ-ମା' ଝିଅ ପାଇଁ ବାହାଘର ଯୋଗାଡ଼ କରୁ କରୁ ଆଗପଛ ହୋଇ ଗଲେ । ବର ଯୋଗାଡ଼ କରୁ କରୁ ପାଞ୍ଚ ଗୁଣ୍ଠ ଜମି ବକ୍ରି ହୋଇଗଲା । ଶେଷରେ ଗାଁରେ କୁହାକୁହି ହେଲେ ରେଣୁ କୁଆଡ଼େ ମଙ୍ଗୁଳା କନିଆ । ସିଏ ଅଭିଆଡ଼ି ରହିଗଲା - ମାଟ୍ରିକ ପାଶ୍ କରିଥିଲା - ଘରେ ବସି ଟ୍ୟୁସନ, ସିଲେଇ ଇତ୍ୟାଦି

କରି ଚଳିଯାଏ । ଆମ ଘର ପାଖ ଆମେ ତାର ସବୁ କହିଲେ ଚଳେ । ଯାହା ଜମିଅଛି ଭଲ ଫସଲ ହୁଏ ବିକ୍ରି କରି ଦିଏ ଗୋଟିଏ ପେଟ- ଯାହା ପଇସା ପାଏ ଡ଼ାକ ଘରେ ରଖେ ।

କଥା ଶେଷ ହେଉ ହେଉ ନୟନା ଚା' ଆଣି ପଲାଶ ପାଖରେ ହାଜର । ଛୁଆବାବୁ ତୁମେ ତ ଦୁନିଆ ସାରା ବୁଲୁଛ- ତା ଲାଗି ଗୋଟିଏ ବର ଯୋଗାଡ଼ କରି ପାରିବ ନାହିଁ, ଏତେ ମଣିଷଙ୍କ ସେବା କରୁଛ, ଏଝିଅଟି ତୁମ ହାତ ପରଶରେ ଅଭିଆଡ଼ି ଶବ୍ଦରୁ ଉଦ୍ଧାର ହୋଇ ଯାଆନ୍ତା । ଏଇ କଥା ତକ କହି ନୟନା ଉଠିଲା । ଯିବାବେଳକୁ ଲଣ୍ଠନକୁ ଟିକେ ତେଜି ଦେଲା । ଛୁଆ ବାବୁ କବାଟ ଭଲ କରି ବନ୍ଦ କରିବେ - କାଲି ସକାଳେ ଆସିବି ଚା' କରିବାକୁ । ପଲାଶ ଦୁଆର ବନ୍ଦ କରି ଲଣ୍ଠନଟି ଟେବୁଲ୍ ଉପରେ ରଖିଲେ - ଖାଇ ବସିଲେ ଚିତଉ ପିଠା, ସଜନା ଛୁଇଁ, ବଡ଼ି ଆଳୁ ଝୋଳ । ବହୁ ଦିନ ପରେ ଘରୁଆ ଖାଦ୍ୟ ଖାଇବାକୁ ମିଳିଲା - ଓହୋ...

କବାଟ ଠକ୍ ଠକ୍ ହେବା ଶବ୍ଦ ଶୁଣି ହଠାତ୍ ନିଦ ଭାଙ୍ଗିଲା ପଲାଶ ଦେହରେ ସାର୍ଟଟା ଗଳେଇ ଆସି ଦାଣ୍ଡ ଦୁଆର ଖୋଲିଲେ । ଖୋଲି ଦେଖିଲେ ଦୁଆର ମୁହଁରେ ଖିର ବୋତଲ ଧରି ରେଣୁ ଠିଆ ହୋଇଛି । ରେଣୁକୁ ଦେଖି ଚମକି ପଡ଼ିଲେ ହାତ ଘଣ୍ଟାକୁ ଚାହିଁଲେ ସାତଟା - ମଣିଷ କଣ ଏମିତି ଶୁଅନ୍ତି କହି ପଲାଶର ହାତକୁ ଠେଲି ଘର ଭିତରକୁ ଚାଲିଗଲା । ଘର କାମ ସାରି ଅଗଣା ଖରକି ଦାଣ୍ଡରୁ ଟିବଲ ପାଣି ଦୁଇ ଗରା ଆଣି ସଜାଡ଼ି ବସିଲା । ରନ୍ଧାଶାଳକୁ ଯାଇ ଚୁଲି ଲଗେଇଲା । ଚା' ବସେଇ ଡ଼ାକ ଛାଡ଼ିଲା ଶିଘ୍ର ଦାନ୍ତ ଘଷି ଚା' ଶିତଳ ହେଲା - ନୟନା ଭାଉଜ ଆଜି ଆସିବେ ନାହିଁ, ମୁଁ ଚା' କରିବି । ତୁ ଯା - ମୁଁ ଚା' କରି ପିଇ ପାରିବି କହି ଉଠିଲେ ପଲାଶ ।

ସେକଥା ମୋତେ ଜଣା ? ନିଜ ପାଇଁ ଗୋଟିଏ ଜୀବନ ସାଥି ଯୋଗାଡ଼ କରି ପାରିଲ ନାହିଁ ...ଆଉ ଚା' କରି ପିଇବ । ବାହାରେ ରହିଲେ ନିଜେ କରି ପିଇବ । କିନ୍ତୁ, ଏଠି ମୁଁ ଆଉ ନଟିଆ ଭାଇ ନୟନା ଭାଉଜ ସବୁ କରିବୁ । ତୁମେ ଏଠିକୁ ଆସିବ ନାହିଁ । ପଲାଶ ଦାନ୍ତ ଘଷି ଚେୟାରଟି ନେଇ ଅଗଣାରେ ବସିଲେ । ହଉ- ଆଣ, ଆରେ ନଟିଆ ପାଇଁ କରିଛୁ ? ହଁ ଆଉ ତୋ ପାଇଁ ? କରିଛି ରେଣୁ ଗୋଟିଏ ଥାଳିରେ ମଣିରାଜ ବିସ୍କୁଟ ଆଉ ଚା' କପ ପ୍ଲେଟ ଧରି ଆସି ହାଜର ଆରେ ମୁଁ ବିସ୍କୁଟ ଖାଏନା - ତୁ ନେଇ ଯାଆ । ରେଣୁ ବଡ଼ ବଡ଼ ଆଖିରେ ପଲାଶକୁ ଚାହିଁଲା । ଆରେ ଦୁନିଆ ଲୋକଙ୍କୁ ଉପଦେଶ ଦେଉଛ ଖାଲି ପେଟରେ ଚା' ପିଇବ ନାହିଁ କିନ୍ତୁ ନିଜେ ଅମାନିଆ ପୁନରାୟ ଘରକୁ ଯାଇ ଗୋଟିଏ ଗିନାରେ କିଛି ମୁଢି ଧରି ଆସି ହାଜର । ପଲାଶ କଣେଇ ଚାହିଁଲେ ରେଣୁର ରାଗିଲା ମୁହଁକୁ । ହଉ ନିଅ - ମୁଢି । ଚା' ସହିତ ମୁଢି ଖାଇଲେ - ଆରେ ଆରେ ତୋ ଚା' ଥଣ୍ଡା ହୋଇଗଲା । ରନ୍ଧା ଘରକୁ ଯାଇ ଷ୍ଟିଲ ଗ୍ଲାସରେ ଚା' ଧରି ହାଜର ପଲାଶ ପାଖରେ । ହଠାତ୍ ଚଉରା ମୂଳେ ରଙ୍ଗଣୀ ଫୁଲ ସବୁ ଝାଉଁଳି ଥିବା ଦେଖି ବ୍ୟସ୍ତ ହୋଇ ପଚାରିଲେ ଆରେ ଫୁଲ ଗୁଡ଼ାକ ଏମିତି ଶୁଖିଗଲା କିପରି ? କାଲିତ ନଟିଆ ପାଣି ଦେଇଥିଲା ଆରେ ବ୍ୟସ୍ତ ହବାର କିଛି ନାହିଁ । ଏଇ ଫୁଲର ଏହିଭଳି ଅବସ୍ଥା ସଞ୍ଜରେ ଫୁଟିବ ସକାଳେ ଝାଉଁଳିବ । ପଲାସ ଚଉକିରେ ବସି ଚା' ସହିତ ମୁଢି ଖାଉଥିଲେ ବଡ଼ ଶାନ୍ତି ବି ଲାଗୁଥିଲା, ଶୁଣ ଭାଉଜ ପଚାରିଛନ୍ତି ଆଜି କ'ଣ ଖାଇବ ?

ଆରେ ତୁ କାହିଁକି ମୋ ଲାଗି ବ୍ୟସ୍ତ ହେଉଛୁ । ମୁଁ ରାନ୍ଧି ଖାଇ ପାରିବି । ଭାଉଜ ପାଖରୁ ସବୁ ଶୁଣିଛି । ବଡ଼ ମା' ଥିଲାବେଳେ ସବୁବେଳେ ମୋର ଯା' ଆସ ଥିଲା । ଯାହା ହେବାର ଥିବ ହବ ଚିନ୍ତା କଲେ କଣ ହେବ । ରେଣୁ ହଠାତ୍ ଘର ଭିତରକୁ ଯାଇ କିଛି ନ ପାଇ ପୁନରାୟ ତର ତର ହୋଇ ଦାଣ୍ଡ ଦୁଆର ବାଟେ ଫେରିଗଲା ।

ପଲାଶ ସେମିତି ଚଉକିରେ ବସି ରେଣୁର ଯିବା ବାଟକୁ ଚାହିଁ ରହିଥିଲେ । ରେଣୁ ଯେମିତି ଯାଇଥିଲା ସେମିତି ତର ତର ହୋଇ ଗୋଟିଏ ବ୍ୟାଗ ଧରି ଫେରିଲା । ରନ୍ଧା ଘରକୁ ଯାଇ ବ୍ୟାଗରୁ ଚୁଡ଼ା କାଢି ସନ୍ତୁଳା କରି ବସିଲା । ପୁନରାୟ ଡ଼ାକ ଛାଡ଼ିଲା - ଶୁଭୁଛି ଜଳଖିଆ ହେଲା ସେ ଚଉକିରୁ ଉଠ ଖାଇବ ଆସ । ପିଣ୍ଡା ଟେବୁଲରେ ଚୁଡ଼ା ସନ୍ତୁଳା ଥୋଇ ପୁନରାୟ ଚା' ବସେଇଲା - ପଲାଶ ସେମିତି ରେଣୁର କାର୍ଯ୍ୟକଳାପ ଦେଖୁଥାନ୍ତି । ଆରେ ଜଳଖିଆ ଥଣ୍ଡା ହେଲା ନା' ଯାଉଛି ଖାଇବି ? ଯାଇ ଖାଇବା ଟେବୁଲରେ ସବି ଖାଇବାକୁ ଆରମ୍ଭ କଲେ । ଦିର୍ଘ ତିରିଶି ବର୍ଷ ପରେ ନିଜ ଘରେ ଜଣେ ନାରୀ(ମା) ହାତର ରୋଷେଇ ଖାଇବା ତାଙ୍କୁ ବଡ଼ ଶାନ୍ତି ଲାଗୁଥିଲା । ମା' ଗଲା ପରେ ଏମିତି ଆଦର, ସ୍ନେହ, ତାଗିଦରେ କେହି କେବେ ଖାଇବାକୁ ଦେଇ ନାହାନ୍ତି ଏହି ଭାବନା ଭିତରେ ଅଦାପକା ଗରମ ଚା' ଆସି ହାଜର । ଆରେ ଏତେ କ'ଣ ଭାବୁଛ ଚା' ପୁରାପୁରି ଥଣ୍ଡା ହେଲା । ହଉ ଦେ ରେଣୁ ହାତରୁ ଚା କପଟା ନେଇ ପିଇବାକୁ ଆରମ୍ଭ କଲେ । ଶୁଣ ମୁଁ ଏବେ ଯାଉଛି ଘଣ୍ଟାକ ପରେ ଫେରିବି - ନୟନା ଭାଉଜ ଆସି ରାନ୍ଧିଲେ ତ ଭଲ ନହେଲେ ମୁଁ ଆସି ରାନ୍ଧିବି, ଯାହା କାମ କରିବାର ଥିବ କର । ବାସନ କୁସନ ସବୁ ଧୋଇ କୁଲାରେ ଶୁଖେଇ ପାଣି ବୋତଲ ଗ୍ଲାସଟି ପିଣ୍ଡା ଦାଢରେ ଥୋଇ ବାହାରିଗଲା । କିଛି ସମୟ ପରେ ନଟିଆ ଆସି ହାଜର ହାତରେ ଗୋଟିଏ ଷ୍ଟିଲ ଗ୍ଲାସ । ଆରେ ତୋ ହାତରେ ସେଇଟା କ'ଣ ?

ଛୁଆ ବାବୁ ରେଣୁ ଦେଇଛି ଚୁଲି ମୂଳେ ରଖିବାକୁ ଉଷୁମ ରହିବ ? ଓହୋ କହି ଚୁପ ରହିଗଲେ । ବାବୁ କ'ଣ କରିବା ତଳ ବାରିଘରଟା ସଜାଡ଼ିବ । ହଁ ଚାଲ । ଛୁଆ ବାବୁ ଗୋଟିଏ କଥା କହିବି ? କହ କ'ଣ କରିବୁ ତୁମେ ତ ଦୁନିଆଟା ସାରା ବୁଲୁଛ । ଆମ ରେଣୁ ସରସ୍ୱତୀ ଶିଶୁ ମନ୍ଦିରରେ ଚାକିରୀ କରୁଛି । ଆଚ୍ଛା ନଟିଆ ତୁ ଓ ନୟନା ଟିକେ ଚେଷ୍ଟା କରୁନ ମୋ ଦ୍ୱାରା ସେ ସବୁ ହବନାହିଁ ?

ଆରେ ଆମେ ତ ମୁର୍ଖ ଲୋକ, ବାବୁ ମା ଯେଉଁଠି ହାର ମାନିଲେ ଆମକୁ ପଚାରୁଛି କିଏ ? ହଁ ନୁହଁତ ଆଉ କ'ଣ ?

ଦୁହେଁ ଘର ଭିତରେ ପଶି ଝଡ଼ାଝଡ଼ିରେ ଲାଗିଲେ । ରେଣୁ ଆର ସାହିର ଦାସ ଘର ବୋହୂକୁ ନେଇ ମେଡ଼ିକାଲ ଯାଇଛି । ପିଲାହେବ (ଜନନୀ ସୁରକ୍ଷା) କାର୍ଡ଼ ପାଇବ । ଆମ ଗାଁରେ ଏସବୁ କଥା ଆମକୁ ଜଣା ନାହିଁ ରେଣୁକୁ ସବୁ ଜଣା । ଏମିତି କଥାବାର୍ତ୍ତା ଭିତରେ କାମ ସରି ଆସୁଥାଏ । ନଟିଆ ଉଷୁମ ଥିବା ଚା' ଆଣି ପଲାଶକୁ ଦେଇ ସାରିଲାଣି । ଦାଣ୍ଡ ଦୁଆର ଫାଁ ମେଲା - ରେଣୁ ଆସି ରୋଷେଇ ବସେଇ ସାରିଲାଣି । ନଟିଆ ଭାଇ ଗୋଟିଏ ଦିନରେ କ'ଣ ଦେଉଳ ଚୁଳି ମାରିବୁ କାଲିକି କିଛି ରଖ । ରେଣୁର ପାଟି ଶୁଣି ଦୁହେଁ ଖୁସି ମନରେ ଘରୁ ବାହାରି ଆସିଲେ । ଆଲୋ ତୁ କେତେବେଳେ ଆସିଲୁ ? ଏଇ ଲାଗେ - ନଟିଆ ଭାଇ ତୁ ଏଠି ଖାଇବୁ ନା ଘରେ ? ନା ନା ମୁଁ ଘରେ ଖାଇବି ନହେଲେ ତୋ ଭାଉଜ ଉପାସ ଶୋଇବ । ତୁ ଏଠି ଟିକେ ସମ୍ଭାଳି ଦେ । ବୁଝିଲୁ ନଟିଆ ତୁ ମିଛଟାରେ ମୋ ଲାଗି ହଇରାଣ ହେଉଛୁ ମୁଁ ନିଜେ ରାନ୍ଧି ଖାଇବି ବୁଝିଲୁ । ଆଗରୁ ବହୁ ଥର ଆସି ରାନ୍ଧି ଖାଇଛି ? ତୁ ଯା ରେଣୁ...

ହଁ ଠାକୁର ହାତ ଗୋଡ଼ ଦେଇଛନ୍ତି କାମ କରିବାକୁ କିଏ ମନା କରୁଛି - ପଲାଶ ଠିକ୍ ଲକ୍ଷ୍ୟ କରିଛନ୍ତି ରେଣୁର ଆରକ୍ତ ମୁହଁକୁ । ହଉ ହେଲା ଏବେ ରାନ୍ଧୁଛି ଆର ଓଳି ତୁମେ ରାନ୍ଧି ଖାଇବ । ଆମେ ତୁମ ଘରେ ମୁରବି ହେବା ଭଲ କଥା ନୁହଁ । ଦୁହିଁଙ୍କ ଝଗଡ଼ା ଭିତରେ ନଟିଆ ଯାଇ ସାରିଲାଣି କେତେବେଳୁ । ଶିଘ୍ର ଗାଧୋଇଲ, ଘର ଖରିକି

ପାଣି ଛିଞ୍ଚି, ପାଣି ଲୋଟା ଗ୍ଲାସ ସବୁ ସଜ କରି ଗାଧୁଆ ଘରକୁ ଗଲାବେଳେ ସେଠି ଲୁଗାପଟା ପାଣି ସାବୁନ ସବୁ ସଜ । ଗାଧୁଆ କାମ ସାରି ଆସି ଭାଗବତଙ୍କୁ ମୁଣ୍ଡିଆ ମାରି ସିଧା ଖାଇବା ଆସନରେ ବସି ପଡ଼ିଲେ ଖାଇବାକୁ । ମଞ୍ଜି କଦଳୀ ପତ୍ର, ଲେମ୍ବୁ, କଞ୍ଚା ଲଙ୍କା ଥୋଇ ଭାତ ବାଢିବାକୁ ଆରମ୍ଭ ପତ୍ର ଅନୁପାତରେ ଖାଇବା ସଜ ମାନେ ଭାତ, ମୁଗ ଡ଼ାଲି, ସଜନା ଶାଗ ଭଜା, ବାଲି ଛତୁ, ଆମ୍ବୁଲ ରାଇ ଓ ଆଳୁ ପୋଡ଼ା -ପଲାଶ ଖାଇବା ଦେଖି ପୁରାମାତ୍ରାରେ ସ୍ଥିର । ଆରେ ଖାଉନ ରେଣୁର ପାଟିରେ ହଁ ହଁ ଖାଉଛି କହି ଖାଇବା ଆରମ୍ଭ କଲେ । ଖାଇଲା ଭିତରେ ଭାବି ଚାଲିଛନ୍ତି ଗୋଟିଏ ହେଲେ ଟଙ୍କା ଖର୍ଚ୍ଚ କରିନାହାନ୍ତି - କିନ୍ତୁ ଖାଇ ଚାଲିଛନ୍ତି ? ଦେଶ ଦୁନିଆ ବୁଲିଲ ବାରବୁଲା ହୋଇ କିନ୍ତୁ ନିଜ ପାଇଁ ଗୋଟିଏ ସାଥି ଯୋଗାଡ଼ କରିପାରିଲ ନାହିଁ । ଛାଡ଼ ଛୋଟ ମୁହଁରେ ବଡ଼ କଥା ? ରୋଷେଇ ପାଇଁ ଖର୍ଚ୍ଚ ହୋଇଛି ଅଶିଟଙ୍କା ସଞ୍ଜବେଳକୁ ଆସିବି ଟଙ୍କା ରଖିଥିବ । ତୁମେ ତ ସହଜେ ବଡ଼ଲୋକ - କାହାରି ଉଧାର ରଖ ନାହିଁ । ଆଉ ଯାହା ଖାଇଛ ସବୁ ତୁମ ବାରିର, ଡ଼ରିବାର କିଛି ନାହିଁ । ଖିର ନଟିଆ ଭାଇ ଗାଈ ଖିର - ରେଣୁର ଭାଷଣ ଶୁଣୁ ଶୁଣୁ ଖିଆ ସରିଲା ଖୁସିବି ଲାଗିଲା । ଆଚ୍ଛା ରେଣୁ ଏଇଟା କି ତରକାରୀ । ଆରେ ବାଲି ଛତୁ ପୋଖରୀ ହୁଡ଼ାରେ ହୋଇଥିଲା । ଏଣୁ ସିଏ ବି ତୁମ ନିଜର ଏଇ ବାଲି ଛତୁ ପତର ପୋଡ଼ା ଖାଇବା ପାଇଁ ବଡ଼ ମା'ଙ୍କ ସହିତ କେତେ ଅଝଟ କରୁଥିଲେ, ଅବଶ୍ୟ ବଡ଼ ମା' ଛତୁ ପତର ପୋଡ଼ା କରନ୍ତି ।

ହଉ ତୁ ଏଥର ଯା, ଆରେ ଆଚ୍ଛା ଲୋକ ତ' ମୁଁ କଣ ତୁମ ପେଟରେ ପଶିବି ଭାବୁଛ ? ନା, ମୁଁ କହୁଥିଲି ତୁ ଖାଇବୁ ନାହିଁ ? ଓ ହଁ ସେଇ କଥା କୁହ । ପତର ଉଠେଇ ଭଲ ଭାବରେ ଲିପି ବାସନ ଧୋଇ ହାତ ପୋଛୁ ପେଛୁ ଘରକୁ ବାହାରିଲା ରେଣୁ । ଶୁଣ ଦାଣ୍ଡ ଦୁଆର ବନ୍ଦ କରି ଶୁଅ - ମୁଁ ଚାରିଟା ବେଳକୁ ଆସିବି ଚା' କରିବି କହି ରେଣୁ ବାହାରିଗଲା ଘରକୁ । ଦାଣ୍ଡ ଦୁଆର ବନ୍ଦ କରି ଶୋଇବା ଘରକୁ ଆସି ଦେଖିଲା ବିଛଣା ସବୁ ସଫା ସୁତୁରା । ଶୋଇଲା ଭାବିଲା ସୁନିଦ୍ରା ହେବ । ଏପଟ ସେପଟ ହୋଇ ଦୁଇଟା ବାଜିଲା - ଉଠି ସୁଇଜ ଟିପିଲା ସୁଇଜ ବୋର୍ଡ଼ ପାଖରେ ବାପା ନିଲାମ୍ବର ବାବୁ ଓ ମା ବସୁଧାର ବିରାଟ ଫଟ ଟଙ୍ଗା ହୋଇଛି । ତା'ଛଡ଼ା ଆହୁରି ଅନେକ ଫଟ ଥିଲା ସବୁ ଫଟ ଦେଖି ପୁନରାୟ ଚୁପଚାପ ଶୋଇବାକୁ ବାହାରିଲେ ପଲାଶ । ମୁଣ୍ଡ ଉପରେ ତକିଆ ଦେଇ ଶୋଇବାକୁ ଚେଷ୍ଟା କଲେ । ନା ଆଖିରୁ ନିଦ ଉଭେଇ ଯାଇଛି - ଯେଉଁ ମଣିଷ ତକିଆ ସଜ କରୁ କରୁ ନିଦ ଆସି ହାଜର, ଆଜି କିନ୍ତୁ ବିଫଳ - ଏପଟ ସେପଟ ହେଉ ହେଉ ଘଣ୍ଟାକୁ ଚାହିଁଲାରୁ ପାଞ୍ଚଟା- ଭାବିଥିଲେ ବଜାର ଆଡ଼େ ଯାଇଥାନ୍ତେ ? ଖଡ଼ ଖଡ଼ ଶବ୍ଦ ଶୁଣି ଆସି ଦାଣ୍ଡ ଦୁଆର ଖୋଲିଲେ । ଆଖି ଆଗରେ ରେଣୁକୁ ଦେଖି ଚମକି ପଡ଼ିଲେ । ଦେହରେ ସୁନ୍ଦର ସମ୍ବଲପୁରୀ ପଶାପାଲି ଶାଢି, ଲମ୍ବା ବେଣୀ, ହାତରେ ନାଲି ଚୁଡ଼ି ବହୁତ ସୁନ୍ଦର ଲାଗୁଥିଲା - ରେଣୁ ପଲାଶର ଭାବନାକୁ ଖାତିର ନକରି ତାକୁ ଠେଲି ଘର ଭିତରକୁ ଗଲା ବାଟ ଭାଙ୍ଗି ଖାଇବା ଘରେ ବିଛଣା ସଜାଡ଼ି । ରୋଷେଇ ଶାଳେ ଚା' ବସେଇବାକୁ ଆରମ୍ଭ । ପଲାଶ ଗାମୁଛାଟା ନେଇ ନିଜ ଗାଡ଼ି ଝାଡ଼ିବାକୁ ଲାଗିଲେ । ଚା' କପ ଧରି ରେଣୁ ଆସି ଦାଣ୍ଡ ପିଣ୍ଡା ଉପରେ ହାଜର । କୁଆଡ଼େ ବାହାରିଛ ? ହଁ ନଟିଆ କୁଆଡ଼େ ଗଲା ତାକୁ ନେଇ ବଜାର ଯିବି ବୋଲି ଭାବିଛି । ସିଏ ଗଲା କୁଆଡ଼େ । ହଉ ଚା' ଧର, ରେଣୁ ଚା' କପଟି ପଲାଶ ହାତକୁ ବଢେଇ ଦେଲା ହଠାତ୍ ରେଣୁ ହାତରୁ ଚା କପଟା ନେଇ ତା' ହାତରେ ବାଜି ଦେହଟା କେମିତି ଶିହରଣ ସୃଷ୍ଟି ହେଲା ଭଳି ଲାଗିଲା । ଚା' କପଟି ଧରି ଆସି ଅଗଣାରେ ପଡ଼ିଥିବା ଚେୟାରରେ ବସି

ପଡ଼ିଲେ- ରାତିରେ କ'ଣ ଖାଇବେ ପଚାରିଲା ରେଣୁ । ପଲାଶ କହିଲେ ଲକ୍ଷ୍ମୀ ଠାକୁରାଣୀଙ୍କ ଉପରେ ନିର୍ଭର କରେ । ଏତିକି କଥାଶୁଣି ରେଣୁ ସିଧା ଘର ଭିତରକୁ ଯାଇ ସଞ୍ଜବତୀଟିଏ ଆଣି ଚଉରା ମୂଳେ ଥୋଇ ମୁଣ୍ଡିଆ ମାରିଲା । ପଲାଶ ସବୁ ଲକ୍ଷ୍ୟ କରୁଥାନ୍ତି । ତା'ର କିଛି ଗୋଟିଏ ପରିବର୍ତ୍ତନ ହେଉଛି ବୋଲି ଅନୁଭବ କରୁଛନ୍ତି । ମନଟା କେମିତି ଛଟପଟ ହେଲା ଭଳି ଲାଗୁଛି । ରେଣୁ ...କପରୁ ମୁହଁ କାଢି ରେଣୁ ଆଡ଼କୁ ଚାହିଁଲେ । ରେଣୁ ଆସି ପଲାଶ ହାତରୁ କପଟି ଧରି କହି ଉଠିଲା ତୁମେତ ବାରବୁଲା ଲୋକ ଏଇ ବାତ୍ୟା ନହୁଏ - ତୁମେ ନ ଆସ, ଆଉ ଚାରିଆଡ଼ ସଫା କରି ସାରିଛ । ପୁଣି କେତେବେଳେ ମନ ଚାହିଁବ ପଳେଇବ - ଏଣୁ କରି ଭାବିଛି ଘରେ ଗୋଟିଏ ସତ୍ୟ ନାରାୟଣ ପୂଜା କଲେ ଭଲ ହୁଅନ୍ତା ପଲାଶ କହିଲେ ହଁ ମୁଁ ସେଇଆ ଭାବୁଛି । ରେଣୁ କହିଲା ତୁମେ ପୁଣି ଭାବୁଛ ନା ତୁମେ କିଛି ଭାବୁନ ତୁମ ମନରେ ସେ ପଲାତକ ବାରବୁଲା ରୋଗ ଘର କରି ସାରିଛି । ତୁମେ ଚୁପ ରୁହ ? ଶୁଣ ବାରିରେ ଦେଶୀ କଦଳୀ ଦୁଇ କାନ୍ଦି ପଡ଼ିଛି - ପାଚି ଆସିଲାଣି ଏଣୁ ଗୁରୁବାର ଦିନ ପୂଜା କରିବା - ସଉଦା ହାଟରୁ ଯାଇ ନେଇ ଆସିବି । ପୁରୋହିତକୁ ଖବର ଦେଇ ସାରିଛି । ପଲାଶ ଘର ଭିତରକୁ ଯାଇ ମନିବ୍ୟାଗରୁ ପାଞ୍ଚ ଖଣ୍ଡ ଶହେ ଟଙ୍କିଆ ନୋଟ ଧରି ଆସି ହାଜର ରେଣୁ ହାତକୁ ବଢେଇ ଦେଲେ - ରେଣୁ ଟଙ୍କା ଦେଖି ବ୍ୟସ୍ତ ଆରେ ଏତେ ଟଙ୍କା- ନା ଦୋକାନ କ'ଣ ତୋ ଶଶୁରର କି ? ନା ସେଇଆ ନୁହଁ ଗୋଟିଏ ଶହେ ଟଙ୍କା ନେଇ ବାକି ଚାରିଶହ ଟଙ୍କା ପଲାଶଙ୍କ ହାତରେ ଧରାଇ ଦେଇ ଚାଲିଗଲା । - ପଲାଶ ରେଣୁ ଯିବା ବାଟକୁ ଚାହିଁ ରହିଗଲେ । ମନକୁ ଭାବନା ଆସିଲା ପିଲାଦିନରୁ ଏଇ ରେଣୁକୁ ସିଏ ଦେଖୁଛନ୍ତି । ଏଇ ଗାଁର ଝିଅ ଘରେ ଚଳପ୍ରଚଳ । ତାଙ୍କୁ ଦେଖି ମନଟା ଏମିତି ହଲଚଲ ହେଉଛି । ମା' ଭଳି ସ୍ନେହ, ଶାସନ, ଶ୍ରଦ୍ଧା ବି ମୋ ଉପରେ ରହିଛି । ଘର ଭିତରକୁ ଯାଇ ଟଙ୍କା ତକ ରଖି ପୁଣି ଅଗଣାକୁ ଯାଇ ଚେୟାର ଉପରେ ଆଖି ବନ୍ଦ କରି ବସି ରହିଲେ । ଭାବନାର ଅଡୁଆ ସୂତାରେ ଖାଲି ଟାଣି ଓଟାରି ହେଉଥାନ୍ତି । କେତେ ଆଦର କରି ଖାଇବାକୁ ଦବା, ଘର ସମ୍ଭାଳିବା, ଶାସନ ବି କରିବା - ଆଖି ବନ୍ଦ କଲା ମାତ୍ରେ ରେଣୁର ଲମ୍ବା ବଡ଼ ବଡ଼ ଆଖି ଦୁଇଟା ତାଙ୍କ ଆଖି ଆଗରେ ଭାଷି ଉଠୁଥାଏ । କହୁଥିଲା ମୋ ମନରେ ପଳାତକର ବସା ବାନ୍ଧିଛି - ପଳେଇବା, ପଳେଇବା ମନ ସ୍ଥିର ନୁହଁ ।

ଏତେ ସୁନ୍ଦର ଘର ଥାଇ ଲକ୍ଷ୍ମୀଛଡ଼ା ଭଳି ଖାଲି ବୁଲିବା ସାର । କିଏ ତା'ର ଅଛି ଆକଟ କରିବ କୁଆଡ଼େ ଯାଉଛୁ । ଯାହା ଭାବିଲେ ଭାବନାରେ କେବଳ ରେଣୁ ହିଁ ରେଣୁ ।

ପଲାଶକୁ ଲାଗୁଥାଏ, ରେଣୁ ତାରି ଚାରି ପାଖରେ ଘୁରି ବୁଲୁଛି ? ଏଇଟା ବୋଧହୁଏ ଭଲ ପାଇବାର ପୂର୍ବାଭାଷ । ମନ ଚାହୁଁନାହିଁ ଆଉ ଘର ଛାଡ଼ି ବାହାରକୁ ଯିବାକୁ । ଅଗଣା, ତୁଳସୀ ଚଉରା, ବାରି ସବୁ ସଦ୍ୟସ୍ନାତା ଭଳି ଲାଗୁଛି । ପାଉଁଜିର ରୁଣୁଝୁଣୁ ଶବ୍ଦ, ଦେହର ବାସ୍ନା, ଶାଢୀର ରଙ୍ଗ ତାକୁ ବିଚଳିତ କରି ଦେଉଛି ମନ, ଦେହ ସବୁ ଅବସ ହେଲା ଭଳି ଲାଗୁଛି । ପଲାଶକୁ ସଞ୍ଜ ହେଲା ମାତ୍ରେ ଆଖି ଦୁଇଟି ସେଇ ନାରୀଟିର ସାନିଧ ପାଇଁ ଅପେକ୍ଷା ମନ ତାକୁହିଁ ଚାହୁଁଥିଲା । ଭଲ ପାଇବା ଠାରୁ ବଞ୍ଚିତ, ବ୍ୟାକୁଳ ଜୀବନ ଯାହାର ଥଳକୂଳ ନାହିଁ। ପଶୁପକ୍ଷୀଙ୍କର ଗୋଟିଏ ଆଶ୍ରୟସ୍ଥଳ ଅଛି (ବସା), ସଞ୍ଜ ହେଲେ ଫେରିବ । କିନ୍ତୁ ପଲାଶର ତ କିଛି ନାହିଁ । ସୁଖ ତାକୁ ଜଣା ନାହିଁ । ଏଇ କେଇଦିନ ଧରି ରେଣୁର ହାତର ସ୍ପର୍ଶରେ କେମିତି ଆଲୋକର ଝଲକ ସୃଷ୍ଟି କରିଛି ମନେ ହେଉଛି ସତେ ଯେମିତି ପାହାନ୍ତାରେ ଗଙ୍ଗ ଶିଉଳି ଫୁଲର ଶେଯ । ସଞ୍ଜ ରତ ରତ ରଙ୍ଗଣୀ ଫୁଲ ଫୁଟିବାକୁ ଆରମ୍ଭ କରି ସାରିଲାଣି

ନାକରେ ଫୁଲର ବାସ୍ନା । ଏଇ ଭାବନା ଭିତରେ ଆଖି ଖୋଲି ଦେଖିଲେ ବୃନ୍ଦାବତୀ ମୂଳେ ଦୀପ ଜଳୁଛି ଧିକ ଧିକ ହୋଇ । ପିଲା ଦିନେ ମା' ଦୀପ ଦେଇ ଘରେ ଝୁଣା ଧୂପ ବୁଲାଏ । ରେଣୁ ସେଇ କଥା ମନେ ରଖିଛି ପଲାଶ ଥାଏ କି ନଥାଏ । ବୃନ୍ଦାବତୀ ମୂଳେ ଦୀପ ଦିଆ ହେବ ଝୁଣା ଧୂପ ବି ଘରେ ବୁଲିବ । ଶଙ୍ଖ ବଜେଇବ, ଆଜି ସେଇଆ ହେଲା । ରେଣୁ ମନେ ରଖିଛି ଅଥଚ ନିଜେ ଭୀରୁ ପଳାତକ ଭଳି କିଛି ମନେ ରଖିନାହିଁ । ଶଙ୍ଖ ବଜେଇ ରେଣୁ ପିଣ୍ଡା ଉପରେ ଆସି ଠିଆ ହୋଇ ପଚାରିଲା ରାତିରେ କ'ଣ ଖାଇବ ? ତୋ ଇଚ୍ଛା, ତୋତେ ମୁଁ ହଇରାଣ କରୁଛି - କଷ୍ଟ ସହୁଛୁ ମୋ ଲାଗି । ଇଚ୍ଛାଥିଲା ପୁରୀ ଖାଇବାକୁ । ନଟକୁ ଡ଼ାକିଲେ ଭଲ ହୁଅନ୍ତା । ରେଣୁ ବୁଲି ବୁଲି ବଲବ ଗୁଡ଼ିକ ଜାଳି ସାରି ଆସି କହିଲା - ନା ନଟ ଭାଇ ଆଜି ଏଠି ଖାଇବ ନାହିଁ, ମଧୁଭାଇ ନାତୁଣୀର ପୂଜା, ନଟ ଭାଇ ସେଠି ଖାଇବ । ଆଚ୍ଛା ତୁ ଏତେ ଖବର କେମିତି ରଖୁ । ଆରେ ଗାଁରେ ରହିବି, ତାଙ୍କରି ସହିତ ଚଳିବି ଏଣୁ, ସବୁ ଖବର ରଖିବାକୁ ପଡ଼ିବ ? ପଲାଶ କହିବା ଅନୁଯାୟୀ, ଚା' ପରେ ପୁରି ଆଳୁ ଝୋଳ ହେଲା ପେଟ ପୁରେଇ ଖାଇଲା ମନ ବୁଝିଲା ।

ଆଚ୍ଛା ଏଥରକ ପୂଜାରେ ଏଇଠି ରହିବ ନା... ? ନା ଏଇଠି ରହିବି ପୂଜାଟା ଏଇଠି ଦେଖିବି । ଯାହା ହେଉ ଏ ଗାଁର ଭାଗ୍ୟ ଏଘରର ସମୟ ବଦଳିଛି ହଉ ଦେଖିବା କେତେ ଦିନ ରହୁଛ ?

ଆଚ୍ଛା ତୁ କଣ ଚାହୁଁଛ ମୁଁ ରୁହେ ବୋଲି ? ଆରେ ତୁମେ ତୁମ ଘରେ ରହିବ, ତୁମ ବାରି ବଗିଚାର ଜିନିଷ ଖାଇବ, ତୁମ ଗାଁଲୋକଙ୍କ ସହିତ ମିଶିବ ? ମୁଁ କିଏ ମୋର ଭୂମିକା କ'ଣ ଏଠି ....ରେଣୁର ବାକ୍ୟ ବାଣ ଶୁଣି ପଲାଶ ଚୁପ ।

ହଉ ଦାଣ୍ଡ ଦୁଆର କବାଟ ଦବ ଆସ, ସକାଳୁ ଟିକେ ସଅଳ ଉଠିବ - ମୁଁ ଆର ଗାଁକୁ ଯିବି । ହଉ ତୁ କଣ ଗାଁର ସରପଞ୍ଚ - ରେଣୁକୁ ଯେତେ ଦେଖୁଛନ୍ତି ତାଙ୍କୁ କୁହୁକ ଭଳି ଲାଗୁଛି - ପିଲାଦିନରୁ ଦେଖି ଆସୁଛନ୍ତି । ପିଜୁଳି ଗଛରେ ଚଢି ପିଜୁଳି ଖାଇବ ଆଉ ତଳକୁ ଫୋପାଡ଼ିବ, ଆମ୍ବ ଖାଇବ ଫୋପାଡ଼ିବ । ପଲାଶଙ୍କୁ ଲାଗୁଛି ସିଏ ଯେମିତି ବେଶି ବେଶି ରେଣୁ ଆଡ଼କୁ ଲଟେଇ ଯାଉଛନ୍ତି । ରେଣୁ ସହିତ ପିଲାଦିନେ ବିତେଇଥିବା ଦିନ - ଆଗ କଥା ଭାବିଲେ ନିଜକୁ କେମିତି ଅସ୍ତବ୍ୟସ୍ତ ଲାଗୁଛି । ଏତେ ବର୍ଷ ପରେ ରେଣୁକୁ ଦେଖି ଆଚମ୍ବିତ କି ଦାମ୍ଭିକ ମୁହଁ, ଗାମ୍ଭିର୍ଜ୍ୟ ଚାହାଣି, ଜୀବନର ଶେଷ ଅପରାହ୍ନ, ସୂର୍ଯ୍ୟ ଅସ୍ତଗାମୀ-ବିଡ଼ମ୍ବନା । ତେବେ ଏଇ ବିଡ଼ମ୍ବନା ତାଙ୍କୁ ଆଙ୍କୁଡ଼ି ଧରିଛି । ରଙ୍ଗଣୀ ଫୁଲ ଫୁଟି ଅଗଣା ଭର୍ତ୍ତି, ବାରିରେ ଥିବା ବାଉଁଶ ଗଛରେ କଟମଟ ଶବ୍ଦ ଚଢେଇଙ୍କ କିଚିରି ମିଚିରି ଶବ୍ଦ, ପୁରୁଷ ନାରୀ ଯୋଡ଼ି ଯୋଡ଼ି ହୋଇ ଖାଦ୍ୟ ସଂଗ୍ରହ କରି ବସା (ନିଡ)କୁ ଫେରନ୍ତି ଯୋଡ଼ି, ନିଜ ଭିତରେ ପ୍ରେମାଳାପ ରେ ଗାଇ ଚାଲିଛନ୍ତି ଗୀତ, କିନ୍ତୁ....ପଲାଶ ଏକଲା, ସାଥି ହରା....।

କବାଟ ଖଟ ଖଟ, ଆରେ ଏତେ ସକାଳୁ ପୁଣି କିଏ ଆସିଲା ଓହୋ ରେଣୁ, ଦାନ୍ତ ଘସ, ଚା' ବସେଇଲି- ବଜାରରୁ ଆସିଥିବା ନିମିକି ଟେବୁଲ ଉପରେ ଥୋଇ ଚା' ବସେଇ ଘର ଖରକିବାକୁ ଲାଗିଲା- ପଲାଶ କାମ ସାରି ପିଣ୍ଡାରେ ପଡ଼ିଥିବା ଚଉକିରେ ବସିଲେ, ଆଗରେ ବାସି ଖବର କାଗଜ..... ହଠାତ୍ ନଜର ପଡ଼ିଲା ରେଣୁ ଉପରେ । ସୁନ୍ଦର ସେଇ ସମ୍ବଲପୁରୀ ପସାପଲ୍ଲୀ ଲମ୍ବା ବେଣି, ବଡ଼ ବଡ଼ ଆଖିରେ କଳା, କପାଳରେ ଶାଢି ସହିତ ମ୍ୟାଚ ଟିପା, ଆଜି ରେଣୁ ଟିକେ ଅଧିକ ସୁନ୍ଦର ଲାଗୁଥିଲା । ରେଣୁ କାମରେ ବ୍ୟସ୍ତ, ସବୁ କାମସାରି ଲୁଗା କାନିରେ ହାତ ପୋଛି ପୋଛି ଆସି ପଲାଶ ଆଗରେ ଠିଆ ହେଲା ଆଉ କହିଲା ତୁମେ ଟିକେ ଠିଆ ହେଲ । ପଲାଶ ରେଣୁ କଥା ଶୁଣି ଉଠି ଠିଆ ହୋଇ ପଡ଼ିଲା । କ'ଣ ହେଲା ତୋର ? ଆରେ ଟିକେ ଠିଆ ହୁଅ । ମୋର ତ ନିଜର କେହି ନାହାନ୍ତି ଯେତେବେଳେ ଏଠିକି ଆସି ସାରିଛ ଏଣୁ ଏ ଘରର

ମାଲିକ - ରେଣୁ ମୁଣ୍ଡରେ ଓଢଣା ଦେଇ ପାଦ ଛୁଇଁ ମୁଣ୍ଡିଆ ମାରିଲା । ଆରେ ଇଏ କି କଥା ତୁ କ'ଣ ଶଶୁର ଘରକୁ ଯାଉଛୁ ନା କ'ଣ ? ଆରେ ନା ଆଜି ମୋର ଜନ୍ମ ଦିନ ଆରେ ଆଗରୁ କହିଲୁ ନାହିଁ ? କ'ଣ କରିଥାନ୍ତ ? ଟେବୁଲ୍ ଉପରେ ଜଳଖିଆ ଅଛି - ଖାଇବ । ଖରାବେଳେ ଘର ଖାଇବା ଆଣିବି ଧୂମକେତୁ ଭଳି ଯେମିତି ଆସିଥିଲା ସେମିତି ବାହାରିଗଲା ।

ଗାଆଁକୁ ଆସିବା ପନ୍ଦର ଦିନ ହେବ - ଏବେ ତା'ର ଫେରି ଯିବା କଥା କିନ୍ତୁ - ମନ ଚାହିଁଲେ ଆତ୍ମା ଚାହୁଁନାହିଁ । କ'ଣ ପାଇଁ ପଲାଶ ଫେରି ପାରୁ ନାହାନ୍ତି, ପିଣ୍ଡା ଉପରେ ଚେୟାରରେ ବସି ପଡ଼ି ଭାବି ଚାଲିଲେ । ଭାବନାର ଶେଷ ହେଇନାହିଁ ତା'ର ଅନ୍ତଃ ନାହିଁ । ଏଇ ଭାବିଲା ଭିତରେ କେବେବେଳେ ଆଖି ଲାଗି ଯାଇଛି ଜଣାନାହିଁ । କିନ୍ତୁ, ଟେପଟି ବାଜି ଚାଲିଛି । ରେଣୁ ଡ଼ାକରେ ନିଦଟା ଚାଉଁକିନା ଭାଙ୍ଗିଗଲା ପଲାଶର, ଆରେ ବଡ଼ ଭାବୁକ ଲୋକ ତ' ତୁମ ଦେହ ପା ଠିକ୍ ଅଛି ତ ? ତରତର ହୋଇ ଟିଫିନ୍‌ଟା ଟେବୁଲ୍ ଉପରେ ଥୋଇ ହାତକୁ ଭଲ ଭାବରେ ପୋଛି ଆସି ପଲାଶ କପାଳରେ ହାତ ରଖିଲା ଉଷୁମ ଲାଗୁଛି । ଆରେ ଗାଧେଇଛ ? ନା ଓହୋ ଯାଅ ଗାଧେଇବ ଖାଇବା ଥଣ୍ଡା ହୋଇଯିବ । ହଁ ଯାଉଛି କହି ବହୁ କଷ୍ଟରେ ଗାଧୋଇବାକୁ ବାହାରିଲେ । ଲୁଗାପଟା ସବୁ ଆଗରୁ ସଜ ହୋଇ ଥୁଆ ହୋଇଛି । ଆଜି ଆଉ ଠାକୁର ଘର ଆଡ଼େ ନଯାଇ ତୁଳସୀ ଚଉରାକୁ ମୁଣ୍ଡିଆ ମାରି ଆସନରେ ବସି ପଡ଼ିଲେ ଖାଇବାକୁ । ଗୁଆ ଘିଅର ମହକରେ ଭୋକର ଲୋଭ ବଢିଗଲା ଏଇ ମହକରେ ଭଲପାଇବା - ଶ୍ରଦ୍ଧାରେ ଭରପୁର ଧିରେ ଧିରେ କହି ଉଠିଲେ ଆରେ ଏଇ ଦରବୁଢାକୁ ଭଲ ପାଇ ବସିଲୁ ? ତୋରି ଭଲପାଇବାରେ ମୁଁ ବୁଡ଼ି ଗଲି ଜାଣ । ନିରାଟ ଖରାବେଳଟାରେ ମନେ ମନେ କହିଉଠିଲେ ମୋ ପାଇଁ କେହି ଭାବୁ ଓ ଚିନ୍ତା କରୁଛି ମୁଁ ଭାବି ନଥିଲି । ମୁଁ ଏତେ ଦିନ ପରେ ନିଜକୁ ଧନ୍ୟ ମନେ କରୁଛି । ରେଣୁ ତୋ ପାଖରେ ମୁଁ ଋଣି ଧନ୍ୟବାଦ ଜଣେଇବାକୁ ଯାଇ ଆଖି ଦୁଇଟି ଲୁହରେ ଟଳମଳ । ରେଣୁ ବଡ଼ ପାଟିରେ କହି ଉଠିଲା ଆରେ ଖାଉନ କାହିଁକି ? ରେଣୁ ପାଟିରେ ପଲାଶର ଧ୍ୟାନ ଭାଙ୍ଗିଲା । ଆଚ୍ଛା କହିଲୁ ତୁ ଏତେ ଭଲ ରାନ୍ଧି ଶିଖିଲୁ କେଉଁଠୁ । ବୁଝିଲ କିଛି ଖାଇବା ଟିଭିରୁ ଶିଖିଛି, ବାକି ସବୁ ବଡ଼ ମା'ଙ୍କ ପାଖରୁ ଶିଖିଛି । ଏଥର ଉଠ ତୁମ ମନ ବୋଧହୁଏ ଭଲ ନାହିଁ ? ଏଇଟା ମଫସଲ ଗାଁ, ମନୋରଞ୍ଜନ କଲା ଭଳି କିଛି ନାହିଁ ରେଡ଼ିଓ ଛଡ଼ା ଏଠି କିଛି ନାହିଁ । ଖାଇବା ସରି ଆସୁଥାଏ କିନ୍ତୁ କାନ ଦୁଇଟି ରେଣୁ ଘରକୁ ଶୁଣିବାକୁ ଚାହୁଁଛି ? ଉଠ ମୁଁ ଯାଏ । ତୁ ଖାଇଛୁ ? ଆଚ୍ଛା ଲୋକ ନଟିଆ ଭାଇ, ଭାଉଜ ଆମେ ସାଥି ହୋଇ ଖାଇବୁ ବୋଲି କଥା ଅଛି ଆଜି । ତୁମର ଏଠି କେହି ନାହାନ୍ତି ଏଣୁ ତୁମ କାମ ସରିଲେ ଆମେ ଖାଇବୁ ।

ଦଶହରା ଯୋଗୁଁ ଗାଁଟା ଚଳଚଞ୍ଚଳ ଲାଗୁଥିଲା । ରେଣୁ ଯିବା ପରେ ଟେପଟି ଅନ କରି ଶୋଇବାକୁ ଗଲେ । ଯେତେ ଚେଷ୍ଟା କଲେ ଶୋଇବାକୁ କିନ୍ତୁ ନିଦ ଆଖିକୁ ଆସିବାକୁ ନାରାଜ । ଝରକା ସେପଟୁ ଶରତର ଶିତୁଆ ପବନ ଝରକା ଦେଇ ଘର ଭିତରକୁ ପଶି ଆସୁଥାଏ । ସେଇ ପବନରେ କିଛି ଫୁଲର ବାସ୍ନା ପଲାଶ ମନକୁ ହାଲ୍‌କା କରି ଦେଉଥାଏ । ଭଲ ପାଇବାର ଅନେକ ଫୁଲ ଅଛି - ଯେମିତି କିଏ ସଂନ୍ଧ୍ୟାରେ ଫୁଟେ କିଏ ରାତିରେ ଫୁଟେ, କିଏ ବା ଝାଞ୍ଜି ଖରାରେ ଫୁଟେ କିନ୍ତୁ ରଙ୍ଗଣି ସଞ୍ଜ ହେଲେ ପାଖୁଡ଼ା ଖୋଲିବ ଆଉ ନିଜ ଜୀବନକୁ ବନ୍ଧନରେ ବାନ୍ଧିବାକୁ ଚେଷ୍ଟା କରିବ । ଭାବନା, ଖାଲି ଭାବନା ।

ଶରୀର, ମନ ଓ ଅନ୍ତର ବାହାର ଭରା ନଈ ଭଳି - ଦେହରୁ ଝାଳ ଭଳି ସୁଖ ବୋହିବାରେ ଲାଗିଛି । ଏଇ ରେଣୁ ପାଖରେ ବନ୍ଧା ପଡ଼ିଲେ ବୋଧହୁଏ ପାଗଳି ଝିଅଟା ଶେଷରେ ଏ ବୁଢାକୁ ଭଲ ପାଇ ବସିଲା । ମମତାମୟୀ, ହାଲୁକା, ଯୋଛନା ପ୍ରେମର ମହକ ଦେହ ସାରା ମହୁମାଛି ଭଳି ବୋଳି ହେଲା ଭଳି ଲାଗୁଛି । କାନରେ ବାଜିଲା କାହାର ପାଦର ଶବ୍ଦ । ରେଣୁର ସ୍ୱର କି ପାଗଳା ଲୋକ ଦାଣ୍ଡ ଦୁଆର ଠିଆ ମେଲା - କୁଆଡ଼େ ଗଲ - ପଲାଶ ରେଣୁର ପାଟି ଶୁଣି ଘରୁ ବାହାରି ଆସିଲା । ରେଣୁ ...ପଲାଶର ଡ଼ାକ ଶୁଣି ଠିଆ ହୋଇଗଲା । ଘରୁ ବାହାରି ଆସି ନିଜ ପକେଟରୁ ଗୋଟିଏ ସୁନ୍ଦର ଡ଼ବାଟିଏ ବାହାର କରି ରେଣୁ ହାତରେ ଧରେଇ ଦେଲେ । ଆରେ ଏଇଟା ପୁଣି କ'ଣ ? ଡ଼ବା ଖୋଲି ଦେଖିଲା ବେଳକୁ ସୁନା ଚେନ, ଆରେ ଏଇଟା ତ ବଡ଼ମାର ମୋତେ କାହିଁକି ଦେଲ । ଆରେ ତୁ ତ ଏଇ ଜିନିଷଟାର ହକ । ଭାଗିଦାର । ମୋତେ ଶେଷରେ ଏଇଆ ବୁଝିଲ ? କାହିଁକି ମୋ ପାଖରେ ତୋର କିଛି ଦାବିନାହିଁ ପାଇବାର - ତୁମକୁ କିଏ ଖରାପ ଭାବିବ କି ଅଣଦେଖା କରିବ ମୁଁ ଚାହେଁନା । ପାଗଳିଟା କହି ତା' ହାତଟିକୁ ଧରି ପକେଇଲେ ରାଗୁଛୁ କାହିଁକି ସଂସାରରେ ସ୍ତ୍ରୀ, ପୁରୁଷକୁ ମୁଖ୍ୟ ଭୂମିକା କରିବାକୁ ପଡ଼ିବ - ରେଣୁ ସହଜ ହୋଇ ଠିଆ ହୋଇ ରହିଲା । ତୁମରି ଘରେ ତୁମକୁ ବାନ୍ଧି ରଖିଲି, ତୁମରି ସେବା କରିବି ତୁମରି ପାଖରେ ଘୁରି ବୁଲିବି । ରେଣୁର ଦୁଇଟି ଆଖି ଲୁହରେ ଝାପ୍ସା ହୋଇ ଉଠିଲା । ଆସ୍ତେ କରି ଆଖିରୁ ଲୁହ ପୋଛିବାକୁ ହାତ ବଢେଇଲାବେଳକୁ ପଲାଶ ଆସି ତା' ଆଖିରୁ ଲୁହ ପୋଛିଲା । ନା ଆଉ କାନ୍ଦ ନାହିଁ । ଆମେ ଦୁହେଁ ବେଶ ଖୁସିଅଛୁ - ମୁଁ ଯୁଆଡ଼େ ଗଲେ ତୋରି କୋଳକୁ ଫେରିବି । ତୁ ମୋତେ ଅପେକ୍ଷା କରିଥିବୁ । ଆଉ ଭାବିବି ମୋ ଲାଗି କିଏ ଜଣେ ଭାବିବାକୁତ ଅଛି ?

ସଂନ୍ଧ୍ୟାର ରଙ୍ଗଣୀଫୁଲ ଫୁଟି ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବ ସୂର୍ଯ୍ୟକୁ, ତୁ ମୋତେ ଅପେକ୍ଷା କରିଥିବୁ ଏଇ ବାରବୁଲା ତୋରି କୋଳକୁ ଫେରିବ । ଘରକୁ ପଶି ଯାଇ ପଲାଶ ତା' ମାଆର ଚାବି ନେନ୍ଥାଟା ଆଣି ତାରି ଲୁଗା କାନିରେ ବାନ୍ଧି ଦେଲା । ନେ ତୋ' ସଂସାରକୁ ତୁ ସମ୍ଭାଳ । ଏଇ ବୁଢା ବୟସରେ ମୋତେ ବସ କରିଦେଲୁ ।

"ଏଇ ପଦକ କଥା କହିବାକୁ ଏତେ ସମୟ ଲାଗିଲା ତୁମକୁ" ? ଏଇଗାଁ, ଏଇ ଘର ଅଗଣା ସବୁ ଥିଲା ହେଲେ ତୁମର ଆତ୍ମାକୁ ପଳାତକ ଭଳି କେଉଁଠିକି ନେଇ ଯାଇଥିଲ - ସତଚେଷ୍ଟା କରି ମୋ ପାଖକୁ ଟାଣି ଆଣି ପାରୁନଥିଲି । ପଲାଶ ଚୁପ, ତାଙ୍କ ପାଖରେ କୌଣସି ଭାଷା ନଥିଲା । ଆଖି ଦୁଇଟି ଝାପ୍ସା ହୋଇ ଉଠିଲା -ଚଷମା ଖୋଲି ପକେଟରୁ ରୁମାଲ ବାହାର କରି ପୋଛିବାକୁ ଗଲାବେଳକୁ ରେଣୁ ଆସି ହାତରୁ ଚଷମାଟି ନେଇ ନିଜ ଲୁଗା କାନିରେ ପୋଛିଲା, ପୋଛି ସାରି ପଲାଶ ଆଖିରେ ପିନ୍ଧେଇ ଦେଲା ଦୁଇ ବାହୁରେ ଆବଦ୍ଧ କରି ସାରିଥିଲା ପଲାଶ, ରେଣୁ ନିଜକୁ ପୂର୍ଣ୍ଣ ଭାବରେ ସମର୍ପିତ କରି ସାରିଥିଲା । ପଲାଶ -ରେଣୁ -ରେଣୁ ପଲାଶ ।

ବାପା ନିଲାମ୍ବର ବାବୁ ହାତରେ ଗଢିଥିବା ଘର (ବସୁଧା) ବୋଧହୁଏ ଆଜି ତାକୁ ଶାନ୍ତି ମିଳିଥିବ ତାଙ୍କର ବାରବୁଲା ପୁଅ କିଛି ଗୋଟିଏ ସ୍ଥିର କାମ କରିଛି । ରେଣୁ ତୁ ଏମିତି ବାରବୁଲାଟାକୁ କୋଳେଇ ନେଇ ଶାନ୍ତି ପାଇବୁ ? ହଁ ଏଇଥିପାଇଁ ମୋତେ ବୋଧ ହୁଏ ଠାକୁର ଅଭିଆଡ଼ି ରଖିଥିଲେ । ପଲାଶ ରେଣୁର ହାତ ଧରି ତା' ବାପା-ମା' ଙ୍କ ଫଟ ପାଖରେ ହାତଯୋଡ଼ି ଠିଆ ହୋଇ ଦୁହେଁ ମୁଣ୍ଡିଆ ମାରିଲେ । ପଲାଶ ମନେ ମନେ କହି ଉଠିଲେ ଆପଣ ଦୁହିଁଙ୍କର ଇଚ୍ଛା ଆଜି ପୂରଣ ହୋଇଛି - ତୁମର କୁଲା ଡ଼ାଲାର ସଂସାର ସଜାଡ଼ି ଦେଇଛି ମୁଁ । ମୋତେ କ୍ଷମା କର - ଏତେ ଦିନ

ପରେ ମୋରି ଘରେ ମୋର ଦ୍ୱିତୀୟ ଥର (ଜନ୍ମ)ଆଖି ଖୋଲିଲା । ରେଣୁକୁ କାହିଁକି ଏତେ ଅବହେଳା କଲି ମୁଁ ଜାଣେନା । ଜୀବଦଶାଥିବା ଯାଏ ତାକୁ ସୁଖଶାନ୍ତିରେ ରଖିବାକୁ ଚେଷ୍ଟା କରିବି - ରେଣୁର ସେଇ ଲମ୍ବା ଲମ୍ବା ବଡ଼ ବଡ଼ ଆଖିରୁ ଝରି ପଡୁଥିଲା ଖୁସିର ଲୁହ ଟୋପା-ପଲାଶ ନିଜ ହାତରେ ରୋକିବାକୁ ଚେଷ୍ଟା କରୁଥିଲେ । ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରିଥିଲେ - ପଲାଶକୁ ଲାଗୁଥିଲା । ତା' ମା ଯେମିତି ଫଟରେ ଥାଇ ଆଶିର୍ବାଦ କରୁଛନ୍ତି । ତୁଳସୀ ମୂଳେ ଧଳା, ନାଲି, ହଳଦୀ, କମଳା ରଙ୍ଗର ଫୁଲ ଫୁଟି- ଜହ୍ନ ଭରା ସଂନ୍ଧ୍ୟାକୁ ଆହୁରି ମଧୁମୟ କରିଦେଇଛି - ପଲାଶ- ରେଣୁ-ରେଣୁ ପଲାଶ ।

ଜଗନ୍ନାଥ ଲେନ୍, ବାଦାମବାଡ଼ି
କଟକ-୧୨
୮୬୩୮୬୬୦୨୦



ଭକ୍ତ ଦାସିଆ ବାଉରୀ

ପ୍ରକାଶ କୁମାର ମହାପାତ୍ର

କ୍ଷୁଦ୍ର ଗଳ୍ପ



" ପ୍ରଭୁଙ୍କ ପ୍ରତି ପ୍ରଗାଢ ଭକ୍ତିଭାବ ମନୁଷ୍ୟକୁ ଉର୍ଦ୍ଧ୍ୱଗାମୀ କରାଇ ପରମାତ୍ମାଙ୍କର ନିକଟତର କରାଇଥାଏ, ଯାହାଦ୍ୱାରାକି ଆତ୍ମା କ୍ରମଶଃ ବିକଶିତ ହେବା ସହିତ ମନୁଷ୍ୟ ନିଜକୁ ସଂଶୋଧିତ କରାଇ ପରମାତ୍ମାଙ୍କୁ ନିଜର ହୃଦୟ ଭିତରେ ଆସୀନ କରାଇବାକୁ ସକ୍ଷମ ହୋଇଥାଏ । ଶ୍ରୀକ୍ଷେତ୍ର ପୁରୀ ଯିବା ବାଟରେ ବାଲିଗାଁ ନାମକ ଗୋଟିଏ ଛୋଟ ଗାଁ ଟିଏ ପଡ଼େ । ଉକ୍ତ ଗାଁଟିରେ ସବୁଜିମା ଭରା ଧାନ କ୍ଷେତ, ନାରିକେଳ ବୃକ୍ଷ, ବଟ ବୃକ୍ଷ ସହିତ ସ୍ୱଚ୍ଛ ନିର୍ମଳ ଜଳରେ ପରିପୂର୍ଣ୍ଣ ପୁଷ୍କରିଣୀ ଗୁଡ଼ିକ ମଧ୍ୟରୁ ଅନେକରେ ପଦ୍ମଫୁଲ ଶୋଭା ପାଉଥିଲାବେଳେ ଗ୍ରାମ୍ୟ ରାସ୍ତାର ଦୁଇପାର୍ଶ୍ୱରେ ଥିବା ସବୁଜ କ୍ଷେତ ଦେଇ ଯିବାକୁ ପଡ଼ିଥାଏ ଏହି ପବିତ୍ର ଦାସିଆ ବାଉରୀଙ୍କ ପୀଠକୁ । ପ୍ରଭୁ ଜଗନ୍ନାଥଙ୍କର ଜଣେ ମହାନ ଭକ୍ତ ଭାବରେ ଖ୍ୟାତ ଦାସିଆ ବାଉରୀଙ୍କର ଜନ୍ମ ହୁଏ ପଞ୍ଚଦଶ ଶତାବ୍ଦୀରେ । ସେ ଗୋଟିଏ ଅସ୍ପୃଶ୍ୟ ତନ୍ତୀ ଜାତିରେ ଜନ୍ମଗ୍ରହଣ କରିଥିଲେ ଏବଂ ପତ୍ନୀ ମାଳତୀଙ୍କ ସହିତ ଗୋଟିଏ ଛୋଟ କୁଡ଼ିଆ ଘରେ ଅବସ୍ଥାନ କରୁଥିଲେ । ନିଜର କୌଳିକ ବୃତ୍ତି ତନ୍ତରେ ଲୁଗା ବୁଣିବା କାର୍ଯ୍ୟରେ ନିୟୋଜିତ ରହି ଅତ୍ୟନ୍ତ ଦୁଃଖ ଓ ଦାରିଦ୍ର୍ୟ ଭିତରେ କାଳାତିପାତ କରୁଥିଲେ । ଏମିତିକି ବେଳେବେଳେ ଦୁଇଓଳି ମୁଠାଏ ଖାଇବା ଯୋଗାଡ଼ କରିବାବି ତାଙ୍କ ପକ୍ଷେ ସମ୍ଭବପର ହୋଇପାରୁନଥିଲା । ସେ ସମୟରେ ତାଙ୍କ ଗ୍ରାମରେ ଥିବା ଭାଗବତ ଟୁଙ୍ଗୀରେ ପ୍ରତ୍ୟହ ଭାଗବତ ପାଠ କରାଯିବା ସହିତ ପ୍ରବଚନ ମଧ୍ୟ ଦିଆଯାଉଥିଲା । ଗ୍ରାମର ଲୋକମାନେ ଭାଗବତ ଓ ପ୍ରବଚନ ଶ୍ରବଣ କରିବା ପାଇଁ ସନ୍ଧ୍ୟାବେଳେ ସେଠାରେ ଏକତ୍ରିତ ହେଉଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା, ଅସ୍ପୃଶ୍ୟ ଜାତିର ଲୋକମାନଙ୍କୁ ସେଠାକୁ ପ୍ରବେଶ କରିବାକୁ ବାରଣ କରାଯାଉଥିଲା, ଯାହାର କି ଶିକାର ହୋଇଥିଲେ ପ୍ରଭୁ ଜଗନ୍ନାଥଙ୍କର ପ୍ରିୟ ଭକ୍ତ ଦାସିଆ ବାଉରୀ । ଭାଗବତ ଟୁଙ୍ଗୀ ଭିତରକୁ ପ୍ରବେଶ କରିବାକୁ ଦିଆଯାଉନଥିଲେ ବି ସେ ଟୁଙ୍ଗୀର ବାହାରେ ବସି ଭାଗବତ ଓ ପ୍ରବଚନ ଶ୍ରବଣ କରୁଥିଲେ । ସେହି ସମୟରେ ପ୍ରଭୁ ଜଗନ୍ନାଥଙ୍କର ମହାନ ଭକ୍ତ ଭାବରେ ପଞ୍ଚସଖାଙ୍କ ନାମ ସାରା ରାଜ୍ୟରେ ଖ୍ୟାତ ଥିଲା । ଏହି ପଞ୍ଚସଖାମାନଙ୍କ ମଧ୍ୟରୁ ସନ୍ଥ ଜଗନ୍ନାଥ ଦାସଙ୍କୁ ଆଧ୍ୟାତ୍ମିକ ଗୁରୁଭାବେ ଦାସିଆ ଗ୍ରହଣ କରିଥିଲେ । ଥରେ ତାଙ୍କ ଗ୍ରାମର କେତେ ଜଣ ଗ୍ରାମବାସୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଉଥିଲେ । ସେମାନଙ୍କ ସହିତ ପୁରୀ ଯିବାପାଇଁ ଦାସିଆଙ୍କ ପାଖରେ ସମ୍ବଳ ନଥିବାରୁ ସେ ସେମାନଙ୍କ ହାତରେ ନିଜ ବାଡ଼ିରୁ ନଡ଼ିଆଟିଏ ତୋଳି ପ୍ରଭୁ ଜଗନ୍ନାଥଙ୍କ ପାଇଁ ପଠାଇଥିଲେ । ନଡ଼ିଆଟିକୁ ଦେବାବେଳେ ସେମାନଙ୍କୁ ସେ କହିଥିଲେ ଯେ ସିଂହଦ୍ୱାର

ସାମ୍ନାରେ ଥିବା ଅରୁଣ ସ୍ତମ୍ଭ ପାଖରେ ପ୍ରଭୂଙ୍କୁ ଅର୍ପଣ କରି ନଡ଼ିଆଟିକୁ ରଖିଦେଲେ ପ୍ରଭୁ ମୋର ନଡ଼ିଆଟିକୁ ଆପେ ଆପେ ନେଇଯିବେ । ପୁରୀରେ ପହଞ୍ଚିବା ପରେ ସେମାନେ ଦାସିଆ ଦେଇଥିବା ନଡ଼ିଆଟିକୁ ଉକ୍ତ ସ୍ଥାନରେ ରଖିଦେବାର କିଛି ସମୟ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବରେ ନଡ଼ିଆଟି ସେଠାରୁ ଅନ୍ତର୍ଧାନ ହୋଇଯାଇଥିଲା । ସେମାନେ ଗ୍ରାମକୁ ଫେରି ଦାସିଆଙ୍କର ପ୍ରଗାଢ



ଭକ୍ତିଭାବର ବର୍ଣ୍ଣନା କରିବା ପରେ ଦାସିଆ ଜଗନ୍ନାଥଙ୍କର ଜଣେ ମହାନ ଭକ୍ତ ଭାବରେ ଖ୍ୟାତ ହୋଇଯାଇଥିଲେ ।

ଏକଦା ଦାସିଆ ଜଗନ୍ନାଥଙ୍କର ରଥଯାତ୍ରା ଦେଖିବାପାଇଁ ପୁରୀ ଯାଇଥିଲେ ଯାହାକି ଅସ୍ପୃଶ୍ୟ ଜାତିର ଲୋକମାନଙ୍କ ପାଇଁ ପ୍ରଭୂଙ୍କ ଦର୍ଶନ ଲାଭର ଏକମାତ୍ର ସୁଯୋଗ ଥିଲା । ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କର ଦର୍ଶନ ଲାଭ କରି ଦାସିଆ ଅତ୍ୟନ୍ତ ଭାବବିହ୍ୱଳ ହୋଇ ନିଜ ଉପରେ ନିୟନ୍ତ୍ରଣ ହରାଇ ବସିଥିଲେ । ସେ ଐକାନ୍ତିକ ପରମାନନ୍ଦ ପ୍ରାପ୍ତ ହୋଇ ପ୍ରଭୁଙ୍କର ମାହାତ୍ମ୍ୟ ଗାନ କରି ବଡ଼ଦାଣ୍ଡର ଧୂଳି ଉପରେ ଗଡ଼ି ଯାଇଥିଲେ, ତାଙ୍କର ସହଚରମାନେ ସେଠାରୁ ତାଙ୍କୁ ବହୁ କଷ୍ଟରେ ଗ୍ରାମକୁ ଆଣିଥିଲେ । ସେଦିନର ସେହି ଘଟଣା ପରେ ସେ ସର୍ବତ୍ର ପ୍ରଭୁଙ୍କର ଉପସ୍ଥିତିକୁ ଅନୁଭବ କରିପାରୁଥିଲେ । ଦିନେ ତାଙ୍କର ଧର୍ମପତ୍ନୀ ତାଙ୍କପାଇଁ ଥାଳିରେ ଭାତ ବାଢି ତା'ଉପରେ ଶାଗଭଜା ଦେଇଥିଲେ । ଦାସିଆ ଖାଇବାପାଇଁ ବସିବା ପରେ ଭାତ ଥାଳି ଆଡ଼କୁ ଅପଲକ ନୟନରେ ଚାହିଁରହି ଅତ୍ୟନ୍ତ ଭାବପ୍ରବଣ ହୋଇଯାଇଥିଲେ । ତାଙ୍କୁ ଯେମିତି ଲାଗିଥିଲା ସ୍ୱୟଂ ପ୍ରଭୂ ଜଗନ୍ନାଥ ଚକା ଆଖିରେ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି । ସେ ଖାଇବା ପାଖରୁ ଉଠିପଡ଼ି ଭାବବିହ୍ୱଳ ହୋଇ ନୃତ୍ୟ କରିବାକୁ ଲାଗିଲେ । ସ୍ୱାମୀଙ୍କର ଏତାଦୃଶ ଅବସ୍ଥା ଦେଖି ପତ୍ନୀ ତୁରନ୍ତ ଭାତ ଥାଳି ଉପରୁ ଶାଗଭଜାକୁ ଅନ୍ୟତ୍ର ହଟାଇ ଦେବାପରେ ଦାସିଆ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲେ । ଏହିସବୁ କଥା ଶୁଣି ଆଖପାଖ ଗାଁରୁ ଲୋକମାନେ ଦାସିଆଙ୍କ ଦର୍ଶନ ଲାଭ କରିବାପାଇଁ ଆସିବାକୁ ଲାଗିଲେ । ଦାସିଆଙ୍କ ପତ୍ନୀ ମାଳତୀଙ୍କ ପକ୍ଷେ ଚାଲିଚାଲି ପୁରୀ ଯିବାପାଇଁ ସମ୍ଭବପର ନଥିବାରୁ ସେ ଦିନେ ସ୍ୱାମୀଙ୍କୁ ପଚାରିଲେ "ଠାକୁରମାନେ ରଥ ଉପରେ ବସି କେମିତି ଲାଗିଥା'ନ୍ତି ମତେ ଟିକେ କୁହ" ? ସେ ମାଳତୀଙ୍କୁ ନେଇ ତାଙ୍କ ଘର ପଛ ପାଖରେ ଥିବା ଗୋଠଗଡ଼ିଆ ପୋଖରୀ ପାଖକୁ ଗଲେ । ସେଠାରେ ସେ ପୋଖରୀର ନିର୍ମଳ ଜଳ ଆଡ଼କୁ ହାତ ବଢାଇ ରଥାରୁଢ ତିନିଠାକୁରଙ୍କୁ ଦେଖିବାକୁ କହିଥିଲେ । ମାଳତୀ ଉକ୍ତ ପୋଖରୀର ଜଳ ଭିତରେ ସ୍ପଷ୍ଟ ଭାବରେ ରଥାରୁଢ ତିନି ଠାକୁରଙ୍କ ଦର୍ଶନ ଲାଭକରି ଧନ୍ୟ ହୋଇଯାଇଥିଲେ । ପୋଖରୀ ହୁଡ଼ାରେ କଦଳୀ ଓ ଅଁଳା ବୃକ୍ଷ ସମେତ ଅନେକ ବୃକ୍ଷ ରହିଥିଲା । ସେହି ପୋଖରୀରେ କେହିବି ଗାଧୋଉନଥିଲେ କି ବାସନକୁସନ ଓ ଲୁଗାପଟା ଧୁଆଧୋଇ କରି ତାହାର ଜଳକୁ କଳୁଷିତ କରୁନଥିଲେ, ଏମିତିକି ସେହି ପୋଖରୀରୁ କେହି କେବେ ମାଛ ଧରିବାର ଦେଖିନାହିଁ । ଥରେ ଜଣେ ଗ୍ରାମବାସୀ ସେଠାରୁ ମାଛ ଧରି ତାକୁ ରାନ୍ଧୁଥିଲାବେଳେ କରେଇଟି ରକ୍ତରେ ପରିପୂର୍ଣ୍ଣ ହୋଇଯାଇଥିଲା । ସେହି ଦିନଠାରୁ କେହିବି ଉକ୍ତ ପୋଖରୀର ପବିତ୍ର ଜଳକୁ କଳୁଷିତ କରିବାକୁ ପ୍ରୟାସ କରିନାହିଁ । ସେହି ପୋଖରୀର ପବିତ୍ର ଜଳ ଭିତରେ ଭୟଙ୍କର କଳାନାଗମନେ ରହୁଥିବାର ବିଶ୍ୱାସ କରାଯାଏ ।

ଦାସିଆ ତାଙ୍କ ଘରପାଖ ପୋଖରୀ ଜଳରେ ପତ୍ନୀଙ୍କୁ ରଥାରୁଢ ତିନିଠାକୁରଙ୍କ ଦର୍ଶନ କରାଇଥିବା କଥା ଶୁଣି ଦିନେ ପଞ୍ଚସଖାମାନେ ହଠାତ୍ ଆସି ଭକ୍ତ ଦାସିଆଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଠାକୁରଙ୍କ ଗୋଟିଏ ଝଲକ ଦେଖାଇବାକୁ ଅନୁରୋଧ କରିବାରୁ ସେ ତାହାହିଁ କରିଥିଲେ । ସେମାନେ ସ୍ୱୟଂ ଚଉବାହା ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଭକରି ନିଜକୁ ଧନ୍ୟ ମନେ କରିଥିଲେ । ଦିନେ ରାତିରେ ଦାସିଆଙ୍କ ଘରେ କିଛିବି ଖାଇବାକୁ ନଥାଏ । ପ୍ରଭୁ ଜଗନ୍ନାଥ ସ୍ୱୟଂ ତାଙ୍କ ଘରଦ୍ୱାର ମୁହଁରେ ଜଣେ ବାଳକର ଛଦ୍ମ ବେଶରେ ଆବିର୍ଭୂତ ହୋଇ ତାଙ୍କୁ ଖାଇବାକୁ ମାଗିଲେ । ଘରେ କିଛି

ବି ଖାଇବାକୁ ନଥିଲାବେଳେ ତାଙ୍କ ପତ୍ନୀ ବହୁତ ବ୍ୟସ୍ତ ହୋଇ ପଡ଼ି ଘରସାରା ଖୋଜାଖୋଜି କରିବା ପରେ ଭାତ ହାଣ୍ଡିରେ ଲାଗିଥିବା ଖାଦ୍ୟ କଣିକାଟିଏ ଆଣି ପ୍ରଭୁଙ୍କ ନାମ ସ୍ମରଣ କରି କ୍ଷୁଧାର୍ତ୍ତ ଅତିଥିଙ୍କୁ ପ୍ରଦାନ କରିଥିଲେ । ମାଳତୀଙ୍କ ହାତରୁ ଖାଦ୍ୟ କଣିକାଟି ଗ୍ରହଣ କରି ଅତିଥି ଜଣକ ସଂପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ସେଠାରୁ ଫେରି ଯାଇଥିଲେ । ସେଦିନ ରାତ୍ରିରେ ପ୍ରଭୁ ଜଗନ୍ନାଥ ତାଙ୍କର ପ୍ରଥମ ସେବକ ପୁରୀ ରାଜାଙ୍କୁ ସ୍ୱପ୍ନାଦେଶ କରି ଭକ୍ତ ଦାସିଆ ପାଖରେ କିଛି ବି ଖାଇବାକୁ ନଥିବାରୁ ତୁରନ୍ତ ତା' ପାଇଁ



ସ୍ଥାୟୀ ଭାବରେ ଖାଦ୍ୟର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଲେ । ରାଜା ତୁରନ୍ତ ତାଙ୍କପାଇଁ ଖାଦ୍ୟର ବ୍ୟବସ୍ଥା କରାଇଲେ । ଶ୍ରୀମନ୍ଦିରରେ ତିନି ଠାକୁରଙ୍କ ପାଖରେ ଲଗାଯାଉଥିବା ପ୍ରଥମ ଭୋଗ ଭକ୍ତ ଦାସିଆଙ୍କ ପାଖକୁ ପଠାଯାଉଥିଲା, ଯାହା କି ଏକ ପରମ୍ପରା ହୋଇ ରହିଛି । ପ୍ରତ୍ୟେକ ବର୍ଷ ଭକ୍ତ ଦାସିଆ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଟୋକେଇ ଭର୍ତ୍ତିକରି ନିଜ ବାଡ଼ିରୁ ପାଚିଲା ଆମ୍ବ ତୋଳି ପଠାଉଥିଲେ। ନିଜେ ଜଗନ୍ନାଥଙ୍କ ପୂଜକ ରତ୍ନଦେବୀ ଉପରେ ପାଚିଲା ଆମ୍ବର ରସ ବୁନ୍ଦା ପଡ଼ିଥିବାର ଦେଖି ନିଶ୍ଚିତ ହୋଇଥିଲେ ଯେ ଠାକୁରମାନେ ବାସ୍ତବରେ ଭକ୍ତ ଦାସିଅଙ୍କ ଦ୍ୱାରା ପ୍ରଦତ୍ତ ଆମ୍ବକୁ ହିଁ ଖାଇଥିଲେ । ଦୀର୍ଘ ପାଞ୍ଚ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି ଭକ୍ତ ଦାସିଆଙ୍କ ଭକ୍ତି ଭାବର କାହାଣୀ ଜନମାନସରେ ଉଜ୍ଜୀବିତ ହୋଇ ରହିଛି । କିନ୍ତୁ ପରିତାପର ବିଷୟ ଉକ୍ତ ଦାସିଆଙ୍କ ପବିତ୍ର ପୀଠର ଏପର୍ଯ୍ୟନ୍ତ ସେମିତି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇପାରିନାହିଁ । ଅବଶ୍ୟ କିଛି ଲୋକଙ୍କ ପ୍ରଚେଷ୍ଟାରେ ପୀଠର ଉନ୍ନତି ଲକ୍ଷ୍ୟରେ ଦୁଇଟି କମିଟି ଗଠନ କରାଯାଇଛି । ଗୋଟିଏ କମିଟିର ନାମ “ଦାସିଆ ବାଉରୀ ସ୍ମୃତି କମିଟି” ହୋଇଥିଲା ବେଳେ ଅନ୍ୟଟିର ନାମ “ତୁଳସୀ କ୍ଷେତ୍ର” ରଖାଯାଇଛି । ଆଖପାଖର ୨୫ ଖଣ୍ଡ ଗ୍ରାମରୁ ୫ ଜଣ ଲେଖାଏଁ ପ୍ରତିନିଧି ଉକ୍ତ କମିଟିର ସଦସ୍ୟ ଅଛନ୍ତି ଏବଂ ସେମାନଙ୍କ ପ୍ରଚେଷ୍ଟାରେ ଦାସିଆଙ୍କର ଗୋଟିଏ ବ୍ରୋଞ୍ଜ ପ୍ରତିମୂର୍ତ୍ତୀ ନିର୍ମାଣ କରାଯାଇଛି । ଉକ୍ତ ପ୍ରତିମୂର୍ତ୍ତିରେ ଦାସିଆଙ୍କର ଲମ୍ବା ଲମ୍ବା ଚୁଟି ସହିତ ସୁଗଠିତ ଚେହେରା ଏବଂ ଦୁଇ ହାତରେ ନଡ଼ିଆଟିଏ ଧରି ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା ମୁଦ୍ରାରେ ଅଛନ୍ତି ଯାହାକି ଦର୍ଶକଙ୍କ ମନରେ ଆଧ୍ୟାତ୍ମିକ ଚିନ୍ତାଧାରା ଭଦ୍ରେକ କରାଇଥାଏ । ଉକ୍ତ ପ୍ରତିମୂର୍ତ୍ତିଟିକୁ ନିର୍ମାଣ କରିଛନ୍ତି ପ୍ରସିଦ୍ଧ ବ୍ରୋଞ୍ଜ ମୂର୍ତ୍ତି କାରିଗର ବିଜୟ କୁମାର ପରିଡ଼ା । ଭକ୍ତ ଦାସିଆଙ୍କ ପୀଠରେ ଗୋଟିଏ ସୁନ୍ଦର ପାଠାଗାରଟିଏ ଅଛି ଯେଉଁଠାରେ କି ଦାସିଆଙ୍କ ଉପରେ ରଚିତ ଅନେକ ଉପାଦେୟ ପୁସ୍ତକମାନ ଉପଲବ୍ଧ ଅଛି । ଦାସିଆଙ୍କ ପ୍ରତିମୂର୍ତ୍ତି ସାମ୍ନା ପଟରେ ୪୫ ଫୁଟ ଉଚ୍ଚତାର ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଯାଇଛି ଯାହାକି ପୂର୍ବ ଦିଗକୁ ମୁହଁ କରିଅଛି । ଏତଦ୍ ବ୍ୟତୀତ, ସେଠାରେ ଶଙ୍କୁ ଆକୃତିର ସୁଉଚ୍ଚ ଦାସିଆ ବାଉରୀ ସ୍ତମ୍ଭ ବିରାଜମାନ କରୁଛି । ଉକ୍ତ ସ୍ତମ୍ଭରେ ଦାସିଆଙ୍କର ଦୁଇଟି ଚକ୍ଷୁକୁ ଚିତ୍ରିତ କରାଯାଇଛି । ଭକ୍ତ ଦାସିଆଙ୍କର ପବିତ୍ର ଦେହାବଶେଷକୁ ଉକ୍ତ ପୀଠ ନିକଟରେ ସମାଧିସ୍ଥ କରାଯାଇଛି ଏବଂ ସେଠାରେ ତାଙ୍କର ଗୋଟିଏ ସମାଧି ପୀଠ ନିର୍ମାଣ କରାଯାଇଛି । ଗୌଡ଼ୀୟ ସନ୍ୟାସୀ ମହାରାଜା ଦାଶରଥି ଦାସଙ୍କ ଦ୍ୱାରା ୧୬ଶ ଶତାବ୍ଦୀରେ ଗୋଟିଏ ମଠ ନିର୍ମାଣ କରାଯାଇଛି, ଯେଉଁଠାରେ କି ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ସହିତ ଶ୍ରୀଚୈତନ୍ୟ, ହଳଧର ଦାସ, କୃଷ୍ଣ ଦାସଙ୍କ ସମେତ ଅନ୍ୟାନ୍ୟ ପ୍ରତିମାଗୁଡ଼ିକ ପୂଜା ପାଉଛନ୍ତି । ସେଠାରେ ମଧ୍ୟ ଗୋଟିଏ ଚକ୍ର ପୂଜା ପାଉଛନ୍ତି । କଥିତ ଅଛିଯେ ସ୍ୱୟଂ ପ୍ରଭୁ ଜଗନ୍ନାଥ ତାଙ୍କର ପ୍ରିୟ ଭକ୍ତ ଦାସିଆଙ୍କୁ ଉକ୍ତ ଚକ୍ରଟିକୁ ପ୍ରଦାନ କରିଥିଲେ । ୧୯୯୦ ମସିହାରୁ ସେଠାରେ ଅବସ୍ଥାନ କରୁଥିବା ଜନୈକ ବ୍ରାହ୍ମଣ କହୁଥିଲେ ଯେ ଥରେ ଭୁବନେଶ୍ୱରରୁ କେତେଜଣ ବିଦ୍ୟାର୍ଥୀ ପୀଠକୁ ଆସି ମଠରେ ପୂଜା ପାଉଥିବା ତାଳପତ୍ର ପୋଥିକୁ ପଢିବା ପାଇଁ ଚାହିଁଲେ । ସେମାନେ ଯେତେବେଳେ ପୋଥିଟିକୁ ନେଇ ପଢିବାପାଇଁ ଖୋଲିଲେ, ସେଥିରେ ଥିବା ଲେଖାଗୁଡ଼ିକ ସଂପୂର୍ଣ୍ଣ ଉଭାନ ହୋଇଯାଇଥିଲା । ସେମାନେ ଉକ୍ତ ପୋଥିଟିକୁ ବ୍ରାହ୍ମଣଙ୍କୁ ଫେରାଇ ଦେଇଥିଲେ । ପୋଥିକୁ ଦେଖିବାପରେ ବ୍ରାହ୍ମଣ ଜଣକ ବହୁତ ମନସ୍ତାପ

କରିଥିଲେ । ଯାହାବିହେଉ କିଛିଦିନ ଭିତରେ ପୋଥିରେ ଥିବା ଲେଖାଗୁଡ଼ିକ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା, ଯାହାକି ପୀଠର ଗୁରୁତ୍ୱକୁ ପ୍ରମାଣିତ କରିଥିଲା । ଡ଼େଲାଙ୍ଗ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗର ଅଧ୍ୟାପକ ଗଙ୍ଗାଧର ସାଇଁଙ୍କର ମନ୍ଦିର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେଠାରେ ଥିବା ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ସଂଗ୍ରହାଳୟଟି ଅନ୍ୟତମ, ଯାହାକି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ ।

ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଅବହେଳା କରାନଯାଇ ବରଂ ସରକାରୀ ଓ ବେସରକାରୀ ଉଦ୍ୟମରେ ସେଠାରେ ବିଭିନ୍ନ ପ୍ରକାରର ପ୍ରକଳ୍ପ କରାଯାଇ ପାରିଲେ ଆଗାମୀ ଦିନରେ ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଆନ୍ତା । ୱାଲମୀର ଜନୈକ ଯନ୍ତ୍ରୀ ଗଣେଶ ପଣ୍ଡାଙ୍କ ପ୍ରୟାସରେ ପୀଠର ଚାରିପାଖରେ ଖାଲିଥିବା ଜମିରେ ବିରାଟ ତୁଳସୀ ବଗିଚାଟିଏ କରାଯାଇଛି ଯାହାକି ପ୍ରଭୁ ଜଗନ୍ନାଥଙ୍କର ଅତି ପ୍ରିୟ । ସେଠାରେ ଥିବା ପୋଖରୀରେ ସେ ଗୋଲାପି ଓ ଧଳା ରଙ୍ଗର ପଦ୍ମଫୁଲ ଲଗାଇଛନ୍ତି ଯାହାକି ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରତ୍ୟେକଦିନ ସେଠାରୁ ପଦ୍ମଫୁଲ ଓ ତୁଳସୀପତ୍ର ଶ୍ରୀମନ୍ଦିର ଯାଇଥାଏ । ସେଠାରେ ଅନେକଗୁଡ଼ିଏ ଦରକାରୀ ବୃକ୍ଷ ସବୁ ଲଗାଯିବା ସହିତ ଗୋଟିଏ ପଣସ ବଗିଚା କରାଯିବା ପାଇଁ ଯୋଜନା ରହିଛି ଯାହାର ଗୋଲାକାର ଉଜ୍ଜ୍ୱଳ ପତ୍ରଗୁଡ଼ିକ ପ୍ରତ୍ୟେକ ଦିନ ଅନେକଥର ଜଗନ୍ନାଥଙ୍କ ନାକଗୁଣା ପାଇଁ ବ୍ୟବହାର କରାଯାଇଥାଏ । ଏହି ପବିତ୍ର ସ୍ଥାନଟିକୁ ଦେଖିଲେ ହୃଦୟକୁ ପରମ ଆନନ୍ଦ ମିଳିଥାଏ । ପବିତ୍ର କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀ ଦିନକୁ ଏଠାରେ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥାଏ । କିନ୍ତୁ,ଆଶ୍ୟକୀୟ ପାଣ୍ଠିର ଅଭାବ ଯୋଗୁଁ ଏହି ଉତ୍ସବକୁ କେବଳ ଗୋଟିଏ ଦିନରେ ହିଁ ସୀମିତ ରଖାଯାଇଛି । ସେଠାରେ ଥିବା "ଭକ୍ତ ଦାସିଆ ସ୍ମୃତି କମିଟି" ଓ "ଭକ୍ତ ଦାସିଆ ସ୍ମୃତି ପାଠାଗାର"ର ପରିଚାଳନା ଦାୟିତ୍ୱ ସ୍ଥାନୀୟ ପ୍ରଶାସନ ଉପରେ ନ୍ୟସ୍ତ ଅଛି । ମନ୍ଦିର ପରିବେଷ୍ଟନୀର ଉନ୍ନତିକରଣ ପାଇଁ "ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀ" ୨୦୦୩ ମସିହାରେ ଯନ୍ତ୍ରୀ ଗଣେଷ ପଣ୍ଡାଙ୍କ ଦ୍ୱାରା ଗଠନ କରାଯାଇଥିଲା । ସେଠାକାର ପୂଜକ ଅତ୍ୟନ୍ତ ସାଧାରଣ ସୁଗନ୍ଧିତ ଅନ୍ନ, ଡ଼ାଲମା, ମିଠା ଓ ଖଟା ମିଶ୍ରଣ ସହିତ ଖିରୀ ପ୍ରସ୍ତୁତ କରିଥାନ୍ତି ଯାହାକି ଠାକୁରଙ୍କ ପାଖରେ ଭୋଗ ଲାଗିବାପରେ ଭକ୍ତମାନଙ୍କୁ ସୁନ୍ଦର ସବୁଜ କଦଳୀପତ୍ରରେ ପରିବେଷଣ କରାଯାଇଥାଏ । ସେଠାରେ ଥିବା ମାଳତୀ ଲତା, ପଦ୍ମଫୁଲ ଓ ତୁଳସୀ ବଗିଚା ମନକୁ ଉତଫୁଲ୍ଲିତ କରିବା ସହିତ ଭକ୍ତି ଭାବର ଉଦ୍ରେକ କରାଇଥାଏ । ଏହି ସ୍ଥାନଟି ପୁରୀ ଯିବା ରାସ୍ତାରେ ପିପିଲିଠାରୁ ୧୫ କି.ମି. ଦୂରରେ ଅବସ୍ଥିତ । ମୁଖ୍ୟ ରାସ୍ତାଠାରୁ ମାତ୍ର ୩ କି.ମି ଦୂରରେ ସବୁଜ ଧାନକ୍ଷେତ ମଧ୍ୟ ଦେଇ ଯାଇଥିବା ସର୍ପିଳ ରାସ୍ତା ଏହି ପୀଠକୁ ସ୍ପର୍ଶ କରିଛି । ଭାର୍ଗବୀ ନଦୀର ଗୋଟିଏ ଶାଖାନଦୀ ରତ୍ନଚିରା ଏହି ପୀଠ ପାର୍ଶ୍ୱ ଦେଇ ପ୍ରବାହିତ ହୋଇଛି ।

ରାଜାବଗିଚା, କଟକ-୯
ଚଳଭାଷ :୯୭୭୮୯୨୧୧୯୯



ସୀମାରୁ ସୀମାନ୍ତ

ମହୀଜା ଦଳ ବେହେରା

କ୍ଷୁଦ୍ର ଗଳ୍ପ



ସୁନନ୍ଦ ଖୁବ୍ ବିବ୍ରତ ଭାବେ ବାରମ୍ବାର ମୁଣ୍ଡରେ ହାତ ବୁଲାଇ ଆଣୁଥାଏ ଓ ମୁହଁରୁ ଝାଳ ପୋଛି ପକାଉଥାଏ । ପାଗଳ ପରି ଚିତ୍କାର କରୁଥାଏ ସୁନନ୍ଦ - ଏ କି କଥା ବୋଉ ତୁ କ'ଣ ଜାଣିନୁ ଏ ସମାଜରେ ରହୁଥିବା ଲୋକଙ୍କର ଏକ ନିର୍ଦ୍ଦିଷ୍ଟ ଚଳଣି ଥାଏ ।

ତୁ କେମିତି ବୁଝି ପାରୁନାହିଁ ତୋର ବୈଧବ୍ୟ ପରେ ପୁଣି ରଙ୍ଗୀନ ଶାଢୀ, ଟିକଲି ହାତରେ ମୁଠାଏ ସୁନା ଚୁଡ଼ି ପିନ୍ଧିବାଟା ଲୋକଙ୍କର ଚକ୍ଷୁଶୀଳ ହେଉଛି, ଏହା ବିଧବାଙ୍କ ପାଇଁ ଗୋଟେ ନିର୍ଦ୍ଦିଷ୍ଟ System କି Custom କହିପାରୁ । ଏ ସବୁ ନ ମାନିଲେ ସହସ୍ର ଅଙ୍ଗୁଳି ଲମ୍ବି ଆସେ । ତୁ ବୋଧେ ଆଖି ବନ୍ଦ ରଖିଛୁ ? ହେଲେ ମୁଁ ଏ ଅପମାନ ବରଦାସ୍ତ ଆଉ କରି ପାରୁନି । ଅପମାନର ଅଗ୍ନିବାଣରେ ମୁଁ ଧରାଶାୟୀ ।

ନା ନା ବୋଉ ତୁ ଅଭିନୟ ବନ୍ଦକର ଏ ସବୁ ସମ୍ଭବ ସିନେମା ଥିଏଟରରେ, ତୁ କ'ଣ ଏହାକୁ ସତ୍ୟ ଭାବେ ଗ୍ରହଣ କରି ନେଉଛୁ ? ବାସ୍ତବ ଜୀବନରେ ଏସବୁ ସମ୍ଭବ ନୁହେଁ ବୋଉ, ତୁ ବନ୍ଦ କର ବନ୍ଦ କର ବୋଉ । ଆମେ କେହି ଗ୍ରହଣ କରିନାହୁଁ ।

ବୋଉ ବିଜୟଲକ୍ଷ୍ମୀ ଦେବୀ ଆଦୌ ବିଚଳିତ ନଥିଲେ । ଖୁବ୍ ଗମ୍ଭୀରତା ସହ ପ୍ରଶ୍ନ କଲେ ତୁ କ'ଣ କହିଲୁ ? ତମେ ସବୁ କିଏ ବା ତମକୁ ଭଲ ଲାଗୁନି ? କ'ଣ ଭଲ ଲାଗୁନି ? କାହିଁକି ଭଲ ଲାଗୁନି ? ମତେ ଜବାବ୍ ଦେ । ତମେ କେହି ସବୁ କିଏ ?

କ'ଣ ସବୁ ଅପ୍ରାକୃତିକ ଅଶାଳୀନ ଓ ଅରୁଚିକର ଦେଖିଲ ଯେ ପୁଣି ଲୋକଙ୍କ ବାକ୍ୟ ବାଣରେ ଧରାଶାୟୀ ଏତେ ତୁମ୍ବି ତୋଫାନ୍ କ'ଣ ପାଇଁ ପରିଷ୍କାର ଭାବେ ମତେ କହ ।

ସୁନନ୍ଦ ମୁଣ୍ଡ କୁଣ୍ଢେଇ କହିଲ ଆମେମାନେ ଗୀତା ଓ ମୁଁ ଆମେ ଯଥେଷ୍ଟ ବଡ଼ ହୋଇଛେ ଆମର ନିଜର ଗୋଟେ ଇମେଜ ଅଛି ତାକୁ ଏମିତି କେମିତି କ୍ଷୁର୍ଣ୍ଣ ହବାକୁ ଦେବୁ ଯେ ?

ବିଜୟଲକ୍ଷ୍ମୀ ଦେବୀ ପଡ଼ିଥିବା ଚେୟାରଟିରେ ବସି ଯାଉ ଯାଉ କହିଲେ ସୋମୁ ତୁ ଟିକେ ଭାବି ଦେଖ ତୁ କ'ଣ କହୁଚୁ ।

ସୁନନ୍ଦ ଖୁବ୍ ଜୋର ଦେଇ କହୁଥାଏ, ତୁ ନିଜେ ଭାବି ଦେଖ ମୁଁ କୌଣସି ଭୁଲ୍ କହୁନି । ତୁ କଣ ଜାଣିନୁ ଏଗୁଡ଼ା ସବୁ ସାମାଜିକ ବାଛନ୍ଦ ଆମ ସମାଜରେ କାହିଁ କୋଉ ଯୁଗରୁ ଚଳି ଆସୁଛି । ତୋର ଏମିତି କ୍ଷମତା ଯେ ତୁ ଏସବୁକୁ ଆଡ଼େଇ ଦବୁ ଜାଣି ଜାଣି ଆଖି ବୁଜି ଦେବା, ସମାଜର ନିୟମ ଲୋକ ମାନିବାକୁ ବାଧ । ତମେ ବୟସ୍କମାନେ ଅମାନ୍ୟ କରିବ ପରପିଢି କଣ ଶିଖିବ ? ନୂଆ ପିଢିକୁ ଦୋଷ ଦଉଚ ସବୁ କଥାରେ, ତାଙ୍କ ପରିପାଟୀରେ କେତେ କଥା କହୁଚ, ତମ ବେଶ ଦେଖି ସିଏ କହିବେନି କି ? ନିଜକୁ ସଂଶୋଧିତ

କରି ନିଜେ ଆଦର୍ଶ ହୋଇ ପରେ ତାଙ୍କୁ ଆଙ୍ଗୁଳି ଉଠାଅ । ଇସ୍ କି ରିଡ଼ିକୁଲାସ୍ ଓଃ କି ବାଜେ କଥା କହି ଚିତ୍କାର କରି ଉଠିଲା ସୁନନ୍ଦ ସତେ ଯେମିତି କୋଉଠି ଦଙ୍ଗା ହେଇଗଲା । ମୋତେ ଓ ଗୀତାକୁ ବଳି ପକାନା ।

ଆର ପଟୁ ଗୀତା ଧାଇଁ ଆସି ଆଶ୍ଚର୍ଯ୍ୟ ଚକିତ ହୋଇ ପଚାରିଲା କଣ ହେଲା ଏଡ଼େ ପାଟିଟେ କରୁଛୁ ? କଣ ବାଜେ କଥା ଭାଇ ?

ସୁନନ୍ଦ ବିରକ୍ତ ହୋଇ କହିଲା ଗୀତା ତତେ କହୁଛି ଏଠୁ ଚାଲିଯା ତୁ ଛୋଟ ପିଲା କଣ ବୁଝିବୁ ? ତୁ ଚୁପ୍ କର ।

ଗୀତା ଧୀର ଗଳାରେ କହିଲା ଭାଇ ତୁମ କଥାରେ ସାମଞ୍ଜସ୍ୟ ରହୁନି । ତମେ ରାଗନି ଭାଇ ମୁଁ ସାନ ସତ କିନ୍ତୁ ଏତେ ସାନ ନୁହେଁ ଯେ କିଛି ବୁଝି ପାରିବିନି । ଏବେ ତ ପୁଣି ବୋଉ ଆଗରେ କହୁଥିଲ - ଆମେ ଯଥେଷ୍ଟ ବଡ଼ ହୋଇଛେ ଓ ଆମକୁ ଅପମାନିତ ହେବାକୁ ପଡୁଚି ବୋଉର ବେଶ ପରିପାଟୀ ବା ଚାଲି ଚଳନରେ ।

ପୁଣି ଛୋଟ ହେଇଗଲି ଏ ସବୁ କଥା ବୁଝିବାକୁ ? ଓ.କେ. ଖାଇ ସାରି ଏ କଥା ଉପରେ କଥାବାର୍ତ୍ତା ହେବା ଥଣ୍ଡା ମୁଣ୍ଡରେ ହେଲା ।

ସୁନନ୍ଦ କ୍ରୋଧ ମିଳିତ ଗଳାରେ କହିଲେ ନା ନା- ଗୀତା ତୋର ଯାହା କହିବାର ଏବେ କହ ସବୁ । ମୋର ଆଉ ଧର୍ଯ୍ୟ ନାହିଁ । ଏବେ ଏଇଠି ଏହାର ସମାଧାନ ହେବ ।

ହଉ ଭାଇ ଠିକ୍ ଅଛି କହି କାର୍ଯ୍ୟରେ ସହାୟତା କରୁଥିବା ଝିଅକୁ କହିଲା ମା'ରେ ଦୁଇ କପ୍ ଚା କରି ଆଣିଲୁ କହି ସୁନନ୍ଦକୁ ଧରି ପାଖ ଘରକୁ ଚାଲିଗଲା । ଯେମିତି କିଛି ହୋଇନି ସେମିତି ସହଜ ଭାବରେ କିଛି ସମୟ ବସି ଗଲା ଗୀତା ।

ବାହାର ବାରଣ୍ଡାରୁ ଶୁଭୁ ଥାଏ ମା' ଲକ୍ଷ୍ମୀଙ୍କର ଗୁମୁରି, ଗୁମୁରି କାନ୍ଦ ତଥାପି ଧର୍ଯ୍ୟର ସହ ବସିଥାଏ ଗୀତା । ନୀରବତା ଭଗ୍ନ କରି ଗୀତା କହିଲା ଭାଇ ତମକୁ ମୋର ଅନୁରୋଧ ଟିକେ ପ୍ରାକ୍ଟିକାଲ ହୁଅ, ଜିଦ୍ ଧରନି ଯେ ମୁଁ ଗୀତା କଥା କେବେ ଶୁଣିବିନି । ତେବେ ମୋର ବଞ୍ଚିବାର ମୂଲ୍ୟ କ'ଣ ? ଯାହା ମଙ୍ଗଳକର । ଯୁକ୍ତିଯୁକ୍ତ ଓ ସମସ୍ୟାର ସମାଧାନ କରାଇ ପାରିବ ସେପରି କଥାକୁ ଗ୍ରହଣ କରିବା ଆମର ଉଚିତ୍ ।

ମନ ସ୍ଥିର ରଖି ଆମେ କଥାଟା ଶୁଣିବା । ବୁଝିବା ତା'ପରେ ଗ୍ରହଣ କରିବାଟା ପଛ କଥା ।

ତମେ ଯେତେବେଳେ ଦେଢ ବର୍ଷର ଆଉ ମୁଁ ବୋଉ ଗର୍ଭରେ ଭ୍ରୂଣଟିଏ ସେତେବେଳେ ବାପା ଆକ୍ସିଡ଼େଣ୍ଟରେ ଚାଲି ଗଲେ କାରଣ ସେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳଉଥିଲେ । ତମେ ପୁଅ ପିଲା ବାହାରେ ତମ ଖେଳରେ ମାତି ଯାଅ । ତମେ ଜାଣନି ଗାଁ ରେ କେତେ ଛି ଛାକର କରନ୍ତି ।

ସୁନନ୍ଦ ବିଦ୍ରୋହୀ ଗଳାରେ କହିଲା ଏଁ କହନ୍ତି କଣ ସବୁ କହନ୍ତି ? ଶୁଣ ଭାଇ ବାପା ବୋଉକୁ ନିର୍ଯ୍ୟାତନା ଦିଅନ୍ତି ଏପରିକି ମାଡ଼ ମାରନ୍ତି । ପିଲାଙ୍କୁ ଧରି ତୁ ଘରୁ ବାହାର ବୋଲି ଅତ୍ୟାଚାର କରନ୍ତି ମାନେ ଏତିକି ଯାହାକୁ ଆଜିକାଲି ଡ଼ୋମେଷ୍ଟିକ୍ ଭାଓଲେନ୍ସ କହୁଚୁ ।

ବାପାଙ୍କର ଏପରି ବ୍ୟବହାର ବୋଉ ପ୍ରତି, ଛୁଆ ଧରି ବୋଉକୁ କେତେ ବ୍ୟଥା ବେଦନା ହଉଥିବ ଭାବିଲେ ମତେ ବି ମଦ୍ୟପ ବାପାଙ୍କ ନିର୍ଯ୍ୟାତନା ବୋଉକୁ ଘୋର ଅପମାନ ଲାଗେ ।

ଚାକିରୀ ଜାଗାରେ ବି ବୋଉ ଶାନ୍ତିରେ ନଥିଲା । ତମେ ଥିଲ କୋଳଛୁଆ । ବୋଉ ଥିଲା ଅନ୍ୟ ଗୋଟିଏ ସନ୍ତାନ ସମ୍ଭବ ।

ସେ ସହରରେ କିଏ ନିଜର ଥିଲା ବୋଉର ଏପରି ଅସହାୟ ଅବସ୍ଥାରେ ? ସେ ପରିସ୍ଥିତି, ସେ ଅସହାୟ ଅବସ୍ଥା ଯେମିତି ମଝି ନଇରେ ଏକା ନୁହେଁ ତୁମକୁ ଧରି ଭାସୁଥିବ, ସେ ପରିସ୍ଥିତିରେ କୁଟାଖିଏ ପାଇଲେ ଲୋକ ଧରି ପକେଇବ ।

ସେ ସମୟରେ ଏ ଅନଙ୍ଗ ବାବୁ ଆମେ ଯାହାଙ୍କୁ ବାବୁ ଡ଼ାକୁ ସେ ଆମ ତିନି ଜଣଙ୍କୁ ଗ୍ରହଣ କରିନେଲେ । ସେ ଛିଡ଼ା ହେଇଗଲେ ଆମ ବାପା ପରି ଏ କ'ଣ କମ୍ ତ୍ୟାଗ ? କିଏ ବା କାହାର ହଉଛି ସେ ବି ତ' ଆମ ପରିବାରର ନୁହଁନ୍ତି । ବୋଉକୁ ସହିବାକୁ ପଡ଼ିଲାନି ସେ ଦାରୁଣ ବୈଧବ୍ୟ ଯନ୍ତ୍ରଣା ଆଉ ପିଲାଙ୍କୁ ଚଳେଇବା ଅଭାବ ଅସୁବିଧା । ମୁଁ ଜନ୍ମ ନେଲି ହସ୍ପିଟାଲରେ ତାଙ୍କ ପିତୃତ୍ୱର ପରିଚୟ ନେଇ, ପରବର୍ତ୍ତି ସମୟରେ ତୁମର ପିତୃ ପରି ଲାଳନପାଳନ ଓ ଶିକ୍ଷା ଭାର ସବୁ ସେ ବହନ କଲେ ଆଉ ଆଜି ଯୋଉ State player ଗର୍ବରେ ଗର୍ବିତ ସେ ମଧ୍ୟ ବାବୁଙ୍କ ଅବଦାନ ।

ରାଜା ରାମ ମୋହନ ରାୟ, ଲର୍ଡ଼ ବେଣ୍ଟିକ ଓ ବିଦ୍ୟାସାଗରଙ୍କ ପରି ମହାନ ପୁରୁଷମାନେ ସତୀଦାହ ପ୍ରଥାକୁ ସଂସ୍କାର କରି ବନ୍ଦକେଇ ଦେଲେ ଏବଂ ବାଲ୍ୟ ବିବାହ ବନ୍ଦ କରାଗଲା ଓ ବିଧବା ବିବାହ ପ୍ରଚଳନ ହେଲା ।

ଆମ ପୁରାଣ ଶାସ୍ତ୍ରରେ ତ ବିଧବା ବିବାହ, ବହୁ ବିବାହର ପ୍ରଚଳନ ଥିଲା । ହେଲେ ବୈଧବ୍ୟ ପରି କୁତ୍ସିତ ପ୍ରଥାଟି ଆଜିବି ଛପିକି ରହିଛି । ଏହା ଏକ ସାମାଜିକ ନିର୍ଯ୍ୟାତନା । ଯଦିବି ଦୁର୍ଘଟଣା ଟିଏ ଜୀବନରେ ଘଟେ ସେ କ'ଣ ଦୋଷୀ ? କିନ୍ତୁ ଅପରାଧୀର ଜୀବନ ସେ ବିତାଏ । ଯଦିଓ ପ୍ରଚ୍ଛନ୍ନ ଭାବେ ସାଧାରଣତଃ ଦେଖାଯାଏନି କିନ୍ତୁ ମନ ମଧ୍ୟରେ ଆଚ୍ଛନ୍ନ ହୋଇଥାଏ । ଏହାର ମୂଳୋତ୍ପାଟନ ଦରକାର । ନଚେତ୍ ଏହା ନାରୀକୁ ସ୍ଥାଣୁ କରିଦେବ ଆଉ ସଶକ୍ତିକରଣର ମାନେ କଣ ରହିଲା ? ଏହା ଏକ କଳଙ୍କିତ ଅମାନବିକ ଆଚରଣ ।

ସ୍ୱାଧିନତାର ୭୭ ବର୍ଷ ପରେ ତୁମ ପରି ଯୁବଗୋଷ୍ଠୀ ନ ବୁଝିବେ- କିମ୍ବା ସ୍ୱର ଉତ୍ତୋଳନ ନକରିବେ ଦେଶର କି ପ୍ରଗତି ହେବ କହିଲ ?

ଆମେ ସମସ୍ତେ ପ୍ରାୟ ଏ ପର୍ଯ୍ୟନ୍ତ ସେଇ ଅପସଂସ୍କୃତିର ବହଳ ଅନ୍ଧକାର ମଧ୍ୟରେ ରହିଛେ । ପ୍ରଗତି, ଶାନ୍ତି ଓ ମୈତ୍ରୀ ନିମନ୍ତେ ଆମେ ଚିନ୍ତାଧାରାକୁ ପରିବର୍ତ୍ତନ କରିବା । ଯାହା ଶୁଭଙ୍କର ସେଭଳି ପରିବର୍ତ୍ତନ ହିଁ ସମୃଦ୍ଧି ଆଣିଥାଏ ।

ନିଜ ସଂସ୍କୃତି ଓ ଆବଶ୍ୟକୀୟ ପରିବର୍ତ୍ତନ ସହ ପାଦ ମିଳେଇ ଚାଲିବା ବୁଦ୍ଧିମାନର ପରିଚୟ ।

ଜଣେ ମହିଳା ପାଇଁ ଏତେ ଦୁର୍ଦ୍ଦଶା କାହିଁକି । ପୁରୁଷ ତ ସଚ୍ଛଳ ଜୀବନ ଯାପନ କରେ ତା' ପାଇଁ, ପୁରୁଷ ବିନା ସ୍ତ୍ରୀ କୌଣସି ଶୁଭ କାର୍ଯ୍ୟ କରିପାରେନାହିଁ, ଏ କ'ଣ ଏକ ଦୁଃଖଦ କଥା ନୁହେଁ, ତା ମନକୁ କ'ଣ ବାଧା ଲାଗେନି ?

ଗୀତା ଦ୍ୱିତୀୟ ବିବାହ, ବହୁ ଗତ ଓ କ୍ରମାଗତ ବିବାହ ବିଧବା ନାରୀଟିକୁ କେତେ ଜଣ ଆଗେଇ ଆସନ୍ତି ବିବାହ କରିବାକୁ କହିଲ ?

କଦବା କ୍ୱଚିତ୍ କିଏ କୋଉଁଠି କରେ, ଏମିତି ସହଜରେ କୋଉଠି ହୋଇଯାଏ କି ?

ଜନ୍ମ ମରଣ ସ୍ୱାଭାବିକ, ସେଥିରେ ମହିଳାଟିର ଦୋଷ କେଉଁଠି ରହେ ଯେ ସମଗ୍ର ଜୀବନ ତିଳ ତିଳ ହୋଇ ଜଳୁଥାଏ । ତାକୁ ଅବଳା ଦୁର୍ବଳା କହି ତାରି ମୁଣ୍ଡରେ ସବୁ ବୋଝ ମାଡ଼ି ଦିଆଯାଏ ।

ନାରୀ ଦୁର୍ବଳା, ଅବଳା, ପୁରୁଷ ସବଳ ଭାରି ପରିବାର ହୋଇ ବିନା ସ୍ତ୍ରୀରେ ଚଳି ପାରେନି, ବାଧ ହୋଇଥାଏ ବିବାହ ପାଇଁ । ନାରୀକୁ ଆହା ଚୁ ଚୁ କହି ମିଛ ଅନୁକମ୍ପା ପ୍ରଦର୍ଶନ କରାଯାଏ ।

ଏ ପୁରୁଷ ନାରୀକୁ ବିଧବା, ବାଂଝ, ପରିତ୍ୟକ୍ତା, ଉପଭୋଗ୍ୟା, ବହୁ ଭୋଗ୍ୟା କହି ଆତ୍ମତୃପ୍ତି ପାଇଥାଏ । ବିଧବାର

ଦୋଷ ନଥାଏ, ବାଂଝ ମଧ୍ୟ ପୁରୁଷ ଲାଗି ବାରଣ ହୁଏ, ଗୋଟିଏ ବସ୍ତୁପରି ଉପଭୋଗ କରି ପରିତ୍ୟାଗ କଲେ ହୁଏ ପରିବ୍ୟାପ୍ତୀ । ଯାହାକୁ ଉପଭୋଗ୍ୟା କହନ୍ତି ପରମୁହୂର୍ତ୍ତରେ ତା'ର ପଦଲେହନ କରନ୍ତି କୁକୁର ଭଳି । ପୁନଃ ନିଜର ଅହଂକାର ଜାହିର କରି ତାକୁ କହିଥାଏ ଉପଭୋଗ୍ୟା କିନ୍ତୁ, ତା'ରି ସାନିଧ୍ୟରେ ହୋଇଥାଏ କୃତ୍ୟକୃତ୍ୟ । ଯାଉଥିବା ପୁରୁଷଟି ତ ନିନ୍ଦିତ ହୁଏ ନାହିଁ କିନ୍ତୁ ନାରୀଟି ହୋଇଥାଏ । ଦୋଷୀ ଦୁଇ ଜଣ ତେଣୁ ଦୁଇଜଣ ଦଣ୍ଡାଧୀନ ।

ନାରୀ ପାଇଁ Code of Conduct ର ଲମ୍ବାଲିଷ୍ଟ ଆଉ କଡ଼ା ଲକ୍ଷ୍ମଣରେଖା ।

ନାରୀର ଜୀବନ ଚର୍ଯ୍ୟା ବ୍ୟକ୍ତିଗତ ଜୀବନ ଓ ସାମାଜିକ ଚାଲିଚଳଣି ଏପରିକି ଶିକ୍ଷା ସ୍ୱାସ୍ଥ୍ୟର ସିଦ୍ଧାନ୍ତ ପୁରୁଷ ନିଏ ବାଲ୍ୟକାଳରେ ବାପା ଓ ଭାଇ, ଯୌବନରେ ଶାଶୁଘର, ସ୍ୱାମୀ ସହ କୌଣସି ଜଣେ ପୁରୁଷ ନେଇଥାଏ । ଜାଣ ତାର ସ୍ୱାମୀଙ୍କ ଦେହାନ୍ତ ନୁହେଁ ଯେ ତାର ଦେହାନ୍ତ ଘଟିଲା । ଚଳନ୍ତା ଶବ ଭାବେ ସେ ସଂସାରରେ ଚଳପ୍ରଚଳ କରେ ।

ନାରୀ ତା' ଜୀବନରେ ସବୁବେଳେ ବଦଳି ବଦଳି ଚାଲିଥାଏ । କେତେବେଳେ କୁମାରୀ, କେତେବେଳେ ଶ୍ରୀମତୀ ପୁଣି ହୋଇଯାଏ ବିଧବା । ପୁରୁଷ ସବୁବେଳେ ମିଷ୍ଟର । ନାରୀର ବେଶ ପରିପାଟୀ ବଦଳୁ ଥାଏ ଏଭଳି ସର୍ପିଳ ଗତି ଘରର ପ୍ରଗତି



ସ୍ୱାମୀ ମୃତ୍ୟୁ ପରେ ଆମ ସମାଜରେ ଗୋଟିଏ ସ୍ତ୍ରୀ କୁ ବିଭିନ୍ନ ପ୍ରକାରର ବୈଧବ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥାଏ ! ଆପଣ କୁହନ୍ତୁ ? ଏହା କ'ଣ ଜରୁରୀ । ଏହା ଆଦୌ ସମାଜ ପ୍ରତି ହିତକାରକ ନୁହେଁ । ଏଠାରେ ଶ୍ରୀମତୀ ମହିଜା ଦଳ ବେହେରା ଗୋଟିଏ ବିଧବା ମା' କିଭଳି ତାହାର ଜନ୍ମିତ ସନ୍ତାନ ପୁଅ ଦ୍ୱାରା ସଧବା ବେଶ ପାଇଁ ଲାଞ୍ଛିତ ହେଉଛି ଏବଂ ମାତ୍ର ଝିଅଟି ମା'କୁ ସମର୍ଥନ କରୁଛି ଏହା ଦର୍ଶାଇଛନ୍ତି । ଏହି ସମାଜ ପାଇଁ ଏହା ସ୍ୱୀକୃତ ହେଉ । ଶେଷରେ ବିରୋଧ କରିଥିବା ପୁଅ ତା'ର ଭୁଲ ବୁଝିପାରିଛି । ଆସନ୍ତୁ ! ଆମେ ସମସ୍ତେ ମିଳିମିଶି ଏହି କୁପ୍ରଥାର ଏବଂ କୁସଂସ୍କାରରୁ ସମାଜକୁ ମୁକ୍ତ କରିବା ।

ସଂପାଦିକା ମଣ୍ଡଳୀ
ନାରୀ ସୁରକ୍ଷା

ପଥରେ ବାଧା ସୃଷ୍ଟି କରେ । ଏହିଭଳି ଅନେକ ଦୃଷ୍ଟିରୁ ତା ମନରେ ଅକ୍ଷମତା, ନିର୍ଭରଶୀଳତା ଓ ସଙ୍କୋଚ ଦେଖାଦେଇଥାଏ ।

ଆମ ସମ୍ବିଧାନରେ ଏହା ଉପରେ କୌଣସି ସେପରି ପ୍ରତିବନ୍ଧକ ନାହିଁ । ସୁସ୍ଥ ଜୀବନ ଯାପନର ଅଧିକାର ସମସ୍ତଙ୍କୁ ଦିଆଯାଇଛି ।

ପୁରୁଷ ସାହାଡ଼ା ଗଛ ଓ କଦଳୀ ଗଛକୁ ବିବାହ କରି ପୁଣି ନାରୀଟିକୁ ବିବାହ କରେ । ସେ ସବୁ କରିପାରେ ।

ଭାଇ ଆଜି ଗୋଟେ କ୍ରାନ୍ତିକାରୀ ପରିବର୍ତ୍ତନ ଦରକାର । ବ୍ୟକ୍ତିଗତ ଜୀବନରେ କାହାରି ହସ୍ତକ୍ଷେପ କରିବାର ଉଚିତ ନୁହେଁ ।

ବୋଉ ଯଦି ଆମର ଶଙ୍ଖା, ସିନ୍ଦୁର, ଶାଢୀ, ଗହଣା ପିନ୍ଧି ପୂର୍ଣ୍ଣତାର ଜୀବନ ବିତାଇବାକୁ ସକ୍ଷମ ହୋଇପାରିଛି ତା ଆମ ପାଇଁ ଅତ୍ୟନ୍ତ ଗୌରବର କଥା । ବୋଉ ତ ରୁଚି ସମ୍ପନ୍ନ, ପରିମାର୍ଜିତ ଜୀବନଯାପନ କରୁଛି, ସେ କ'ଣ କ୍ଲବ ଯାଉଛି ନା ମଦ ଖାଇ ଡ୍ୟାନ୍ସ କରୁଛି । ଶାଢୀ ସିନ୍ଦୁର କି ଚୁଡ଼ି ପିନ୍ଧି ତା ଖୁସୀ ମନୁଚି ସେଥିରେ ସମ୍ମାନରେ କଣ ଆଞ୍ଚ ଆସୁନି । ସିନ୍ଦୁର ତ ପୂଜକ, ପଣ୍ଡିତ ଓ ପୁରୁଷ ଲୋକବି ପିନ୍ଧନ୍ତି ଶୁଭଯାତ୍ରା, ବିଜୟ ଯାତ୍ରାରେ ପୁରୁଷ ମଧ୍ୟ ସିନ୍ଦୁର ପିନ୍ଧନ୍ତି ।

ଏ ପାଇଁ ଆମେ ଅପମାନ ବୋଧ କରିବା କଥା ନୁହେଁ, ସେତ ସୁଶିକ୍ଷା ଦେଇ ସୁପଥରେ ଆମକୁ ଚଳେଇ ଦେଇଚି ।

କେତେ ସୁନ୍ଦର ଶାନ୍ତିପୂର୍ଣ୍ଣ ଘରଟିଏ ଆମକୁ ବୋଉ ଯୋଗାଇ ଦେଇଛି - ଏ ଘରର ପବିତ୍ର ପରିବେଶକୁ ନଷ୍ଟ କଲେ କେବଳ ଅଶାନ୍ତିକୁ ନିମନ୍ତ୍ରଣ ବ୍ୟତୀତ କିଛି ନୁହେଁ, ଏ ଘରେ ଆମେ କୌଣସି ଦିନ ଶୂନ୍ୟତା ବା ଅଭାବ ବୋଧତା ଅନୁଭବ ତ କରିନେ, ଯେଉଁ ବୋଉ ଆମ ପାଇଁ ସବୁ କରୁଚି ଆମେ ତା'ର ସୁଖ ଦେଖିବାନି କେମିତି ଯେ ?

ଏଇ ବାବୁ କେତେ ମହାନ୍, ସେତ ଆମ ପରିବାରର ନୁହଁନ୍ତି ସେ ବି ତାଙ୍କର ସୁନ୍ଦର ସଂସାର ତ୍ୟାଗ କଲେ, ଆମେ କେମିତି ଦୁଃଖ କିଛି ଅନୁଭବ କରିବୁନି ସବୁବେଳେ ଦୃଷ୍ଟି ରଖିଲେ କୌଣସି ଲୋଭ, ଆଶା କି ସ୍ୱାର୍ଥ ପ୍ରଲୋହିତ ହୋଇ ସେ କିଛି କରିଛନ୍ତି କି ? ଆମର ତ କିଛି ନଥିଲା, ବାପା ତ ମଦରେ ସବୁକିଛି ଉଡ଼େଇ ଦେଇଥିଲେ । ଆମେ ଦାଣ୍ଡର ଭିକାରି ହୋଇଯାଇଥିଲୁ । ଆମର ଦୟନୀୟ ଅବସ୍ଥାରେ ସେ ଆଶ୍ରା ତିନି ଜଣଙ୍କୁ ଦେଲେ ଘରେ ମଧ୍ୟ ଜଣାଇ ଦେଲେ ସେ ଏଇ ଦୁର୍ଲ୍ଲଭ ସେବା ନିମନ୍ତେ ବିବାହ ମଧ୍ୟ କରିବେ ନାହିଁ କାରଣ ନିଷ୍ଠାର ସହ ସେବାକାର୍ଯ୍ୟ କରିପାରିବେନି । ସଂସାର ଦେଖିବା ମଧ୍ୟ କର୍ତ୍ତବ୍ୟ ଆଉ ଆଗରେ ଭାସିଯାଉଥିବା ସଂସାରକୁ ସାହାରା ଦେବା ମଧ୍ୟ କମ୍ କଥା ନୁହେଁ । ତାଙ୍କ ଘରେ ବି ତାଙ୍କ କହିବା କଥାକୁ ସମ୍ମାନ ସହ ଗ୍ରହଣ କଲେ ।

ଭାଇ ତମ ଆଡ଼ମିଶନ ଲାଗି ପ୍ରୋଭିଡ଼େଣ୍ଟ ଫଣ୍ଡରୁ ଟଙ୍କା ଆଣିଥିଲେ, ଭାବତ ସେ କେତେ ଉଦାର । ସେ ଆମ ଜଞ୍ଜାଳ ଉଠେଇଲେ ତାଙ୍କ ଘରବି ବୋଉକୁ ସ୍ନେହରେ ଆପଣେଇ ନେଲେ ।

ଭାବିଲ ସେ ଆମକୁ କେତେ ସାହସ ଦେଲେ ଆମର କେତେ ଦଡ଼ବଡ଼ି ସହିଲେ, ଆମ ଠାରୁ ଆଜି ଯାଏ କଣ ସେ ପାଇଛନ୍ତି ? ତାଙ୍କର ଫାଇଦା ନଥାଇ ସମାଜରେ ଆମକୁ ପ୍ରତିଷ୍ଠିତ ହେବାର କ୍ଷମତା ଦେଇଛନ୍ତି । ସେ ତ ଆମ ପାଇଁ ପିତୃତୁଲ୍ୟ ଏଭଳି ଆଦର୍ଶ ପୁରୁଷଙ୍କୁ ବାପ ଜ୍ଞାନ କଲେ କ୍ଷତି କଣ ?

ତମେ ଭାଇ ଖୁସୀ ହୁଅ ଆମ ମା' କେତେ ସଂଘର୍ଷ କରି କେତେ ଧର୍ଯ୍ୟଶୀଳା ।

ବାବୁ ଆମକୁ ବାପର ଗାଇଡ଼ାନ୍ସ ଦେଇଛନ୍ତି । ତମେ ଜଣେ ଇଞ୍ଜିନିୟର ଆଉ ମୁଁ । ଏତେ ବଡ଼ କମ୍ପାନୀରେ ତାଙ୍କ ପାଇଁ କାମ କରି ପାରିଛେ, ଆମେ କଣ କୃତଜ୍ଞ, ଆମ ସଂସ୍କୃତିର ଯାହା

ମହନୀୟତା ତାକୁ ନ ବୁଝି ଏ ଜୀବନ ରିଜିଡ୍ ଅନ୍ଧବିଶ୍ୱାସକୁ ଆପଣେଇ ନେଉଛେ ।

ଯଦିଓ ସୁନନ୍ଦ ସବୁ ବୁଝିଗଲା, କିନ୍ତୁ ସେ କିପରି ଗ୍ରହଣ କରିବ ବୁଝି ନ ପାରି ଥ.. ଥ.. ମ..ମ.. ହୋଇ କହିଲା ଗୀ....ତା ମୁଁ ମୁଁ ପାରୁନିରେ ।

ପର୍ଦ୍ଦା ଆଡ଼େଇ ଘର ଭିତରକୁ ପଶି ଆସିଲା ଝଞ୍ଜା ସୁନନ୍ଦ କହିଲା ଆରେ ଝଞ୍ଜା ତମେ ହଠାତ୍ ?

ଝଞ୍ଜା ତ ସବୁବେଳେ ହଠାତ୍, ଏଥିରେ ଆଶ୍ଚର୍ଯ୍ୟ କଣ ଯେ ? ଏତ ମୋର ସ୍ୱାଭାବିକ ସ୍ୱଭାବ । ଶୁଣ ମୁଁ ଖାସ୍ ଆସିଚି ଯେ ତୁମକୁ ଜଣାଇ ଦେବାକୁ ଯେ ମୁଁ କୌଣସି ପରିସ୍ଥିତିରେ ତୁମ ଦୟାର ପାତ୍ର ହେବାକୁ ଚାହେଁନା -

ସୁନନ୍ଦ ଆଶ୍ଚର୍ଯ୍ୟବତ୍ ହୋଇ କହିଲା ମାନେ ?

ଝଞ୍ଜା - ମାନେ ମୁଁ ତୁମକୁ ବିବାହ କରିବାକୁ ଆଉ ଚାହେଁନା ।

ସୁନନ୍ଦଧେତ୍ କ'ଣ କହୁଛ ? ମୁଣ୍ଡ ତମର ଖରାପ୍ ହେଲାଣି କି ?

ଝଞ୍ଜା-ଚୁପକର, ମୁଣ୍ଡ ତୁମର ଖରାପ କାରଣ ପାଗଳ ସୁସ୍ଥ ଜୀବନର ମାନେ ବୁଝେନା, ସୁଖ ସମୃଦ୍ଧିର ପଥ ଅବରୋଧ କରେ, ଏଭଳି ଲୋକର ମୁଣ୍ଡ ଠିକ୍ ? ତମେ ଜଣେ ହିପୋକ୍ରିଟ ଈଶ୍ୱରଙ୍କ ଶତକୃପା ଆଗରୁ ଚିହ୍ନିଗଲି । ସବୁ ବୁଝିଗଲି ମାଉସୀଙ୍କ ଫୁଲ ପାଖୁଡ଼ା ପରି ଆଖିରେ ଲୁହ ଦେଖି । କାନରେ ଶୁଣିଲି ଗୀତାଙ୍କ ସହ ତମ ଆଲୋଚନା ଦୀର୍ଘ ସମୟ ଧରି ଛିଃ ଛିଃ । ମଣିଷ ଏତେ ନୀଚ ହୋଇବି ପାରନ୍ତି ମୋର ବିଶ୍ୱାସ ହଉନି ।

ତମେ ଭଲଭାବେ ଜାଣ ମୁଁ ଜଣେ ବିଧବା, ବିବାହ ମାତ୍ର କେଇ ଦିନ ପରେ ମୋ ସ୍ୱାମୀଙ୍କ ବିୟୋଗ ଘଟିଲା । ମୋ ଶଶୁର ଅଭିଜିତ ଦଳବେହେରା ତାଙ୍କ ମାନବିକତା, ଆଦର୍ଶବାଦତା ହେତୁ ମୋତେ ବିବାହ ଦେବାକୁ ଚାହୁଁଛନ୍ତି । ପାଠ ପଢେଇଲେ, ଚାକିରୀ ପାଇଁ ସମ୍ମତି ଦେଲେ ଏବେ ନିଜ ଝିଅ ପରି ଆଡ଼ମ୍ବର ସହ ମୋ ବିବାହ ପାଇଁ ଇଚ୍ଛୁକ । ମାଉସୀଙ୍କ ସହ ଆଲୋଚନା କରି ନିର୍ବନ୍ଧ ଓ ରେଜିଷ୍ଟ୍ରେସନ୍ ପାଇଁ ପ୍ରସ୍ତୁତ ହବାକୁ ବାହାରିଛନ୍ତି । ତମେ ହିପୋକ୍ରିଟ୍ ତାଙ୍କୁ ଶେଷରେ ଅପମାନିତ କରିଥାନ୍ତି । ଅସମ୍ଭବ.. ଅସମ୍ଭବ -ବାଏ ।

ସୋମୁ ଓରଫ ସୁନନ୍ଦ ସମ୍ବିତ ଫେରି ପାଇଲା ପରି କହିଲା ପ୍ଲିଜ୍ ପ୍ଲିଜ୍ ଝଂଜା ଥରେ ମତେ ଶୁଣ । ମୋ ଭଲପାଇବା ମୋତେ ଭୁଲେଇ ଦେଇଚି ତମେ ବିଧବା, ମୋ ପାଇଁ ତମେ ସେଇ ଅନୁଢା କିଶୋରୀ କନ୍ୟାଟିଏ । ତମକୁ ବହୁତ ଭଲପାଏ । ତୁମକୁ ଛାଡ଼ି ମୋ ବଞ୍ଚିବା ଅସମ୍ଭବ । ବିଶ୍ୱାସ କର, Really I love u.

ଝଂଜା ତେବେ ବାବୁ ଓ ବୋଉଙ୍କ ମଧ୍ୟରେ ସମ୍ପର୍କଟା କ'ଣ ପ୍ରେମ ନୁହେଁ 'ତମେ କିପରି ସେ ପବିତ୍ର ଭଲ ପାଇବାକୁ ପଦାଘାତ କଲ ? ପୁଣି ବାବୁଙ୍କ ବଦାନ୍ୟତାକୁ ମଧ୍ୟ ସମ୍ମାନ ଦେଲନି ?

କି ବିଶ୍ୱାସ ଯେ ତମେ ମତେ ଦିନେ ଏମିତି ନ କହିବ ? ମୁଁ ସୁସ୍ଥ ଜୀବନ ଚାହେଁ ମୋତେ ଏ ଦ୍ୱନ୍ଦର ବଳୟକୁ ଆସିବାର ନାଇଁ । ବାବୁ ଆଉ ମାଉସୀଙ୍କ ପରି ଆଉ ମହାନ କେହି ନାହିଁ । ତମକୁ ବିବାହ କରିବା ଦୁର୍ଭାଗ୍ୟ ।

ସୁନନ୍ଦ ଆଉ ସମ୍ଭାଳି ପାରିଲାନି କାନ୍ଦି କାନ୍ଦି କହିଲା ଝଂଜା ବାସ୍ତବିକ ଭୁଲ କରିଛି ।

ଆସ ଝଂଜା ଆ ଗୀତା ବୋଉ ଓ ବାବୁଙ୍କୁ କ୍ଷମା ମାଗି ପ୍ରାୟଶ୍ଚିତ କରିବି । ସେମାନେ କ୍ଷମା କରିଦେବେ ।

ସୁନନ୍ଦ ବୋଉ ପାଦ ଜାବୁଡ଼ି ଧରି କ୍ଷମା ପାଇଁ ଅଳି କଲା ବିଜୟଲକ୍ଷ୍ମୀ ଦେବୀ ତାକୁ ସେଇ କୁନି ସୋମୁ ପରି କୋଳରେ ଜାକି ଧରି କହିଲେ ଆରେ ଭଲ ହେଲା କାହା ମନରେ କିଛି ଗ୍ଲାନି ଆଉ ରହିଲାନି । ଏବେ ବିଳମ୍ବ ନକରି ଯା ସବୁ ନିର୍ବନ୍ଧ କର ବାବୁ

ତିନି ଦିନ ହେଲା ଝଂଜା ଘରକୁ ଏଇ ସମ୍ବନ୍ଧ ନେଇ ଗଲେଣି ପରା ।

ସୁନନ୍ଦ କହିଲା ବୋଉ ତୁ ତ ମତେ କହିନୁ କିଛି ? ବିଜୟାଲକ୍ଷ୍ମୀ କହିଲେ ଆରେ ବାବୁ ତୋ ମନ ମୁଁ ଜାଣିନି - ମୁଁ ପରା ମାଆ ।

ଗୀତା କହିଲ ଆଉ ମୋ ମନ ? ବିଜୟଲକ୍ଷ୍ମୀ ତା ଗାଲ ଚିପି କହିଲେ ତୋ କଥା ମୁଁ ଓ ଝଞ୍ଜା ବୁଝିବୁ ତୁ ଆଗ ମୋ ଘର ଲକ୍ଷ୍ମୀର ସ୍ୱାଗତ ପ୍ରସ୍ତୁତି କର । ଝଞ୍ଜା କୃତଜ୍ଞତାରେ ନଇଁ ପଡ଼ି ତାଙ୍କ ପାଦ ଛୁଇଁଲେ, ବିଜୟଲକ୍ଷ୍ମୀ ଝଂଜାକୁ କୁଣ୍ଢେଇ ପକେଇ ତା ହାତକୁ ଚାବି ନେଛାଟା ବଢେଇ ଦେଲେ କହିଲେ ତୁ ତ ମୋର ଝିଅ, ଆମେ ସବୁ ତୋର ।

ଗେଟ ଖୋଲି ଆସିଲେ ବାବୁ ସମରେନ୍ଦ୍ର ସିଏ ହସି ହସି ଝଂଜାକୁ ପାଖକୁ ଆଣି ଚୁପ୍ ଚୁପ୍ କହିଲେ ବାତ୍ ପକ୍କା no time, quick march day after tomorrow is fixed .Ok ? God bless u both.

ସୁନନ୍ଦ ଓ ଝଂଜା ବାବୁଙ୍କୁ ପ୍ରଣାମ କଲେ, ବିଜୟଲକ୍ଷ୍ମୀ ଆନନ୍ଦରେ ପଣତରେ ଆଖି ପୋଛିଲେ ।





ଓଡ଼ିଶୀ ନୃତ୍ୟ

ରାଜକିଶୋର ଦାଶ

ପ୍ରବନ୍ଧ



ଭାରତର ଶାସ୍ତ୍ରୀୟ ନୃତ୍ୟମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରାଚୀନତମ ବୋଲି ପ୍ରମାଣିତ । ଗିରିଗୁହା, ବିଶେଷ କରି ଖଣ୍ଡଗିରି - ଉଦୟଗିରି ରାଣୀଗୁମ୍ଫାରେ ଅଙ୍କିତ ନୃତ୍ୟ ଭାସ୍କର୍ଯ୍ୟ ନାଟ୍ୟଶାସ୍ତ୍ରର ପୂର୍ବବର୍ତ୍ତୀ ବୋଲି ଐତିହାସିକମାନେ ମତ ଦିଅନ୍ତି । ପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟରେ ପରଶୁରାମେଶ୍ୱର ମନ୍ଦିରର ନଟରାଜ ବିଗ୍ରହଗୁଡ଼ିକର ନୃତ୍ୟମୁଦ୍ରା ଅତ୍ୟନ୍ତ ଆକର୍ଷଣୀୟ । ଭୁବନେଶ୍ୱର ରଥଦାଣ୍ଡ ପାର୍ଶ୍ୱରେ ଥିବା ବୈତାଳ ମନ୍ଦିରରେ ବିରାଜିତ ନଟରାଜ ମୂର୍ତ୍ତି କମ୍ ଆକର୍ଷଣୀୟ ନୁହେଁ । ବିଶେଷ କରି ରାଜାରାଣୀ ମନ୍ଦିରରେ ଥିବା କେତେକ ନୃତ୍ୟମୁଦ୍ରା - ସମ୍ବଳିତ ଦୃଶ୍ୟାବଳୀ ଓଡ଼ିଶୀ ନୃତ୍ୟର ପ୍ରକୃଷ୍ଟ ମୂକସାକ୍ଷୀ ଭାବେ ବିଦ୍ୟମାନ । ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଅଧିକାଂଶ ପ୍ରମୁଖ ମନ୍ଦିରରରେ ଏଭଳି ନୃତ୍ୟରତା ଲାସ୍ୟମୟୀ ନର୍ତ୍ତକୀଙ୍କ ପ୍ରତିମା ମନ୍ଦିରର ଶୋଭା ବର୍ଦ୍ଧନ କରିବା ସହିତ ଓଡ଼ିଶୀ ନୃତ୍ୟ ସଂଗୀତର ଜୟଜୟକାର କରୁଛି । ମନ୍ଦିର ଗାତ୍ର ବ୍ୟତୀତ ଓଡ଼ିଶାରେ ଲିଖିତ ତାଳପତ୍ର ପୋଥି ପୃଷ୍ଠାରେ ଏହି ନୃତ୍ୟଶୈଳୀ ଅଙ୍କିତ ହୋଇ ଓଡ଼ିଶୀ



ନୃତ୍ୟ ଶୈଳୀକୁ ଓଡ଼ିଆ ଜନମାନସରେ ଉଜ୍ଜୀବିତ କରି ରଖିଥିଲା । ଆଜିକାର ପୋଥିରେ ଏପରି ଚିତ୍ର ଅଙ୍କନ ଆଉ ଦେଖାଯାଉ ନାହିଁ । ଲେଖନୀ ଓ ତାଳପତ୍ରର ବ୍ୟବହାର ପ୍ରାୟତଃ ଏବେ ଲୋପ ପାଇଲାଣି । ଓଡ଼ିଶୀ ନୃତ୍ୟ ବିଷୟକ ପୋଥି ଯାହା ଏବେ ଉପଲବ୍ଧ ହେଉଛି ସେ ମଧ୍ୟରେ ମହେଶ୍ୱର ମହାପାତ୍ରଙ୍କ 'ଅଭିନୟ ଚନ୍ଦ୍ରିକା', ଗଜପତି ନାରାୟଣ ଦେବଙ୍କ 'ସଙ୍ଗୀତ ନାରାୟଣ'ର ନୃତ୍ୟଖଣ୍ଡ ତଥା ରଘୁନାଥ ରଥଙ୍କ 'ନାଟ୍ୟ ମନୋରମା' ପ୍ରଧାନ ।

ଏହା ବ୍ୟତୀତ ଗଙ୍ଗ ରାଜତ୍ୱରେ ରଚିତ 'ଗୀତଗୋବିନ୍ଦ'ର ଭକ୍ତିଭାବାତ୍ମକ କାବ୍ୟଧାରା, ରୀତିଯୁଗୀୟ ଉପେନ୍ଦ୍ରଭଞ୍ଜ, ବନମାଳୀ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥଙ୍କ ସଙ୍ଗୀତାବଳୀ ଓଡ଼ିଶୀ ନୃତ୍ୟର ପ୍ରସାର ଦିଗରେ ବିଶେଷ ଉପାଦାନ ଯୋଗାଇ ଦେଇଛି ।

ମନ୍ଦିରମାନଙ୍କରେ ବିଶେଷକରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ କଳିଙ୍ଗ-ଉତ୍କଳ-ଓଡ଼ିଶାର ପ୍ରଭାବଶାଳୀ ସମ୍ରାଟ ଓ ରାଜାମାନେ ଶ୍ରୀଜୀଉଙ୍କର ସେବାପୂଜା ମଧ୍ୟରେ ଓଡ଼ିଶୀ ନୃତ୍ୟକୁ ଅନ୍ୟତମ ଆବଶ୍ୟକୀୟ ସେବା ରୂପେ ଖଞ୍ଜି ଦେଇଥିଲେ । ଫଳତଃ ଓଡ଼ିଶୀ ନୃତ୍ୟ (ଦଶ ଅବତାର) ମାହାରୀ/ଗୋଟିପୁଅ ନୃତ୍ୟ ଭାବରେ ଓଡ଼ିଶାରେ ଶହ ଶହ ବର୍ଷଧରି ପ୍ରସାରିତ ହେବାରେ ସାହାଯ୍ୟ କରିଥିଲା ।

ଓଡ଼ିଶୀ ନୃତ୍ୟର ଭଙ୍ଗୀ ପ୍ରଧାନତଃ ନାଟ୍ୟଶାସ୍ତ୍ର ଓ ଶିଳ୍ପଶାସ୍ତ୍ର ଉପରେ ଆଧାରିତ । ଭାରତନାଟ୍ୟମ୍‌ରେ ଦ୍ୱିଭଙ୍ଗ ପଦ୍ଧତି ଅନୁସୃତ ହେଉଥିବାବେଳେ ଓଡ଼ିଶୀ ନୃତ୍ୟରେ ତ୍ରିଭଙ୍ଗ ପଦ୍ଧତିର ଗୁରୁତ୍ୱ ଅଧିକ । ଏହି ତ୍ରିଭଙ୍ଗ ଠାଣି ବିଶେଷତଃ ମସ୍ତକ ସଂଚାଳନ ଓ ପାଦର ଗତି ଉପରେ ଆଧାରିତ । ଓଡ଼ିଶୀ ନୃତ୍ୟରେ ବୃଦ୍ଧାଙ୍ଗୁଷ୍ଠିର ଭୂମିସ୍ପର୍ଶ ଭଙ୍ଗୀ କୁଞ୍ଚିତ ଓ ଗୋଇଠିର ଭୂପାତନ ଭଙ୍ଗୀ ଅଞ୍ଚିତ ହୋଇଥାଏ । ଓଡ଼ିଶୀ ନୃତ୍ୟର ନୃତ୍ୟଭଙ୍ଗୀମାନଙ୍କ ମଧ୍ୟରେ ନୃତ୍ୟର ଆରମ୍ଭରେ 'ସମାପାଦ' ଓ ପରବର୍ତ୍ତୀ ଭଙ୍ଗୀ 'ଚଉକ' ନାମରେ ବିଦିତ । ସମପାଦ ଭଙ୍ଗୀରେ ସମାନତା (Balance) ରକ୍ଷା କରାଯାଉଥିବା ବେଳେ, 'ଚଉକ' ଭଙ୍ଗୀରେ ନର୍ତ୍ତକୀ ଅଙ୍ଗବିସ୍ତାର ଦ୍ୱାରା ଆବଶ୍ୟକୀୟ ସ୍ଥାନ (Stage)ର ସୀମା ବାଛିନେଇ ନୃତ୍ୟ ଆରମ୍ଭ କରିଥାଏ ।

ନୃତ୍ୟଶୈଳୀରେ ମୌଳିକ ଭଙ୍ଗୀଗୁଡ଼ିକ ମଧ୍ୟରେ ମୀନଦଣ୍ଡୀ, ବର୍ତ୍ତୁଳ, ଘେର ଓ ଦ୍ୱିମୁଖ ଆଦି ପ୍ରଧାନ । ଏହି ନାମଗୁଡ଼ିକ ବସ୍ତୁତଃ 'ସ୍ଥାନ ଅଧିକାର' ପ୍ରବୃତ୍ତିର ସୂଚକ । ଉଦାହରଣ ସ୍ୱରୂପ - ଅର୍ଦ୍ଧବୃତ୍ତାକାର ଭଙ୍ଗୀମାର ପରିଚାୟକ ହେଲା ମୀନଦଣ୍ଡୀ । ଏଥିରେ



ଗୋଡ଼ର ନିମ୍ନାଂଶ କେତେକ ସ୍ଥାନ ଅଧିକାର କଲାବେଳେ ଅନ୍ୟଟି ବୃତ୍ତର କେନ୍ଦ୍ରକୁ ସୂଚାଏ । 'ଘେର'କୁ କେନ୍ଦ୍ରାଭିମୁଖୀ ବୃତ୍ତାକାର ଗତି କୁହାଯାଏ । ନର୍ତ୍ତକୀ କ୍ଷୁଦ୍ର ଅନ୍ତଃବୃତ୍ତରୁ କ୍ରମେ ଅନ୍ୟ ପ୍ରସାରିତ କେନ୍ଦ୍ରାଭିମୁଖୀ ବୃତ୍ତ ଦିଗରେ ପ୍ରଧାବିତ ହୋଇଥାଏ । ଉଭୟ ପାଦର ସମ୍ପୂର୍ଣ୍ଣ ପ୍ରସାରଣକୁ 'ଦ୍ୱିମୁଖ' କୁହାଯାଏ । ଏ ପ୍ରକାର ଅଙ୍ଗଚାଳନା ଓଡ଼ିଶୀ ନୃତ୍ୟର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଏହି ସ୍ଥିତି ବସିବା, ଚାଲିବା, ଡ଼େଇଁବା, ଉଠିବା ଆଦି ଅଙ୍ଗଚାଳନାରେ ବିଭିନ୍ନ ଭାବରେ ପୁନରାବୃତ୍ତି ହେଉଥାଏ । ବସିବା ଭଙ୍ଗୀଗୁଡ଼ିକ ସାଧାରଣତଃ'ବଇଠା' ନାମରେ ନାମିତ । ଭିନ୍ନ ଭିନ୍ନ ପ୍ରକାରର ଗତି 'ଚାଲି' ନାମରେ ନାମିତ । ମଣିପୁରୀ ନୃତ୍ୟର 'ତାଣ୍ଡବ' ଓଡ଼ିଶୀ ନୃତ୍ୟରେ 'ଉଠା' ନାମରେ ନାମିତ । 'ଭ୍ରମରୀ' ଭଙ୍ଗୀରେ ବୃତ୍ତାକୃତି ଓ ପ୍ରତିବୃତ୍ତାକୃତି ରୀତିରେ ନୃତ୍ୟ ପ୍ରଦର୍ଶନ ଓଡ଼ିଶୀ ନୃତ୍ୟର ଏକ ଉଲ୍ଲେଖନୀୟ ବିଭାବ ।

'ବଟୁ' ନୃତ୍ୟର ଆବୃତ୍ତି ଓଡ଼ିଶୀ ଶୈଳୀରେ ସବୁଠାରୁ ଜଟିଳ ମୁଦ୍ରା । ନର୍ତ୍ତକୀ 'ଚୌକ' ଅବସ୍ଥାରୁ ଧୀର ବିଳମ୍ବିତ ଓ ଧାରାବାହିକ ଜଟିଳ, ଚାରୀ ଭଙ୍ଗୀ ଓ କରଣ ମଧ୍ୟ ଦେଇ ଦ୍ରୁତ ନୃତ୍ୟ ପ୍ରଦର୍ଶନ କରିଥାଏ । ଏହାକୁ ନୃତ୍ୟରେ 'ଇଷ୍ଟଦେବତା ବନ୍ଦନ' ବୋଲି କୁହାଯାଏ । ନର୍ତ୍ତକୀ ଇଷ୍ଟଦେବଙ୍କର ବିଭିନ୍ନ ଅବୟବର ବର୍ଣ୍ଣନା ନିଜ ଅଙ୍ଗଚାଳନା ମାଧ୍ୟମରେ ପ୍ରଦର୍ଶନ କରିଥାଏ ।

ଓଡ଼ିଶୀରେ 'ସ୍ୱରପଲ୍ଲବୀ' ହସ୍ତଭଙ୍ଗୀ ବା ହସ୍ତାଭିନୟ ଉପରେ ଗୁରୁତ୍ୱ ଦେଉଥିବା ଏକ ସ୍ପଷ୍ଟ ନୃତ୍ୟମୁଦ୍ରା । ଏହା ଅତି ମନ୍ଥର ଗତିରେ ସମାହିତ ହେଉଥିବାବେଳେ 'ଆଳାପ'ରେ ଏହାକୁ ଦ୍ରୁତ ଗତିରେ ନିର୍ବାହିତ କରାଯାଇଥାଏ । ଏହାର ଅନୁସରଣରେ ପ୍ରଦର୍ଶିତ ମୁଦ୍ରାଗୁଡ଼ିକୁ ଗୀତାଭିନୟ ବା ଅଭିନୟ ନୃତ୍ୟ କୁହାଯାଇଥାଏ । ଏହି ମୁଦ୍ରାଗୁଡ଼ିକରେ ଶବ୍ଦର ଅବତାରଣା କରାଯାଇ ନିର୍ଦ୍ଦିଷ୍ଟ ଧାରାରେ କାବ୍ୟିକ ବାକ୍ୟାଂଶ ଗାନ କରାଯାଇଥାଏ । ଏହି ମୁଦ୍ରାଗୁଡ଼ିକରେ ଶବ୍ଦର ଗତିରେ ଅବତାରଣା କରାଯାଇ ନିର୍ଦ୍ଦିଷ୍ଟ ଧାରାରେ କାବ୍ୟିକ ବାକ୍ୟାହଶ ଗାନ କରାଯାଇଥାଏ । ଏଥିରେ ଗୀତଗୁଡ଼ିକ ସାଧାରଣତଃ ଶ୍ରୀ ଜୟଦେବ ଗୋସ୍ୱାମୀ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବା ଭକ୍ତ ବନମାଳୀଙ୍କ ପଦ୍ୟାବଳୀରୁ ଗାନ କରାଯାଇ ନୃତ୍ୟ ଅଭିନୟ କରାଯାଇଥାଏ । ନର୍ତ୍ତକୀ ବିଭିନ୍ନ ଉପାୟରେ ଗୀତର ଅର୍ଥ ନୃତ୍ୟମୁଦ୍ରା ଦ୍ୱାରା ପ୍ରତିପାଦନ କରିଥାଏ । ଗୀତର ପ୍ରତ୍ୟେକ ଶବ୍ଦ ସୂକ୍ଷ୍ମଭାବ ସହିତ ନର୍ତ୍ତକୀର ହସ୍ତ, ଶରୀର ଓ ମୁଖର ସମନ୍ୱିତ ନୃତ୍ୟଭଙ୍ଗୀରେ ଭାଷାନ୍ତରିତ ହୋଇଥାଏ । ଏହି ପ୍ରକିୟା ଦ୍ୱାରା ସମ୍ପୂର୍ଣ୍ଣ ଶରୀରରେ ସଞ୍ଚାରିଭାବର ପୂର୍ଣ୍ଣ ପରିପ୍ରକାଶ ହୋଇଥାଏ ।

ଓଡ଼ିଶୀ ନୃତ୍ୟଧାରା ବିଶେଷତଃ ବୈଷ୍ଣବୀଧର୍ମୀ ଓ ଏଥିରେ ନର୍ତ୍ତକୀର ପୂର୍ଣ୍ଣ ସମର୍ପଣ ଭାବ ପ୍ରକଟିତ ହୋଇଥାଏ । ପରବର୍ତ୍ତୀ କାଳରେ ଏହା ଭକ୍ତିଭାବ ସହ ସଖୀ ଭାବର ସମର୍ପିତ ନୃତ୍ୟଶୈଳୀରେ ରୂପାନ୍ତରିତ ହୋଇଛି । ଓଡ଼ିଶୀ ନୃତ୍ୟଗୁରୁମାନଙ୍କ ମଧ୍ୟରେ ଶ୍ରୀ ପଙ୍କଜ ଦାସ ପ୍ରଥମେ ଗୋଟିପୁଅ ନୃତ୍ୟରୁ ଓଡ଼ିଶୀ ନୃତ୍ୟର ବିକାଶ ସାଧନ କରିଥିଲେ । ପରେ ପରେ ଶ୍ରୀ କେଳୁଚରଣ ମହାପାତ୍ର, ଗୁରୁଦେବ ପ୍ରସାଦ ଦାସ, ଗୁରୁ ମାୟାଧର ରାଉତ ଆଦି ଓଡ଼ିଶୀ ଗୁରୁମାନେ ନୃତ୍ୟର ଭିନ୍ନ ଭିନ୍ନ ଧାରାର ବିକାଶ ସାଧନ କରିଥିଲେ । ଭାରତ ନାଟ୍ୟମ୍, କଥକ, ମଣିପୁରୀ ଭଳି ଓଡ଼ିଶୀ ନୃତ୍ୟ ଏବେ ବିଶ୍ୱପ୍ରସିଦ୍ଧ ଓ ସର୍ବତ୍ର ଆଦୃତ ଏହାର ସ୍ୱତନ୍ତ୍ର ଶୈଳୀପାଇଁ। ଏହା ବହୁକାଳରୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲେ ମଧ୍ୟ ଓଡ଼ିଶୀ ସଂଗୀତ ଏଯାବତ୍ ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କରି ନାହିଁ । ଏହା ଏ ଜାତି ପାଇଁ ଏକ ନିଷ୍ଠୁର ବିଡ଼ମ୍ବନା । ଅବଶ୍ୟ ଓଡ଼ିଶୀ ନୃତ୍ୟ ପାଇଁ ଯେଉଁ ଗବେଷଣା ଓ ମାନ ରକ୍ଷାର ସଂକଳ୍ପ ପଞ୍ଜିକୃତ ହୋଇଛି ସେପରି ଉଦ୍ୟମ ଆମ ଓଡ଼ିଶୀ ସଂଗୀତ ବିଶେଷଜ୍ଞମାନେ ଏଯାବତ୍ ସଂକଳ୍ପର ସହ କରିଥିବା ଜଣାଯାଏ ନାହିଁ।

ଓଡ଼ିଆଙ୍କ ଅନ୍ୟାନ୍ୟ ସାସ୍କୃତିକ ବିଭବ ମଧ୍ୟରେ ନାଟ୍ୟ ପରମ୍ପରା ମଧ୍ୟ ବେଶ୍ ସମୃଦ୍ଧ । ନାଟ୍ୟ ପରମ୍ପରା ମଧ୍ୟରେ ଲୋକନୃତ୍ୟ, ଧର୍ମ ସମ୍ବନ୍ଧୀୟ ଯାତ୍ରା ରଥଯାତ୍ରା, ପୁରୀର ବିଭିନ୍ନ

ସାହିଯାତ, ଚନ୍ଦନ ଯାତ୍ରା, ଚୈତ୍ରପର୍ବ, ଚଇତି ଘୋଡ଼ାନାଚ, ଝାମୁଯାତ, ପାଟୁଆ ଯାତ, ବରଗଡ଼ର ଧନୁଯାତ୍ରା, ବ୍ରହ୍ମପୁରର ଗୋଷାଣୀ ଯାତ୍ରା ଆଦି ପ୍ରମୁଖ । ଏହା ବ୍ୟତୀତ ମୁକ୍ତାକାଶ ଙ୍ଗମଞ୍ଚରେ ଯାତରା, ନାଟକ, ସମାଜ, ଅପେରା ନାମରେ ଖ୍ୟାତ । ଏସବୁ ଅଭିନୟ ଧର୍ମୀ । ପୌରାଣିକ ନାଟ୍ୟାଭିନୟ ଓଡ଼ିଶାରେ ଏକ ପ୍ରାଚୀନ ନାଟ୍ୟ ପରମ୍ପରା । ଖଣ୍ଡଗିରିର ରାଣୀଗୁମ୍ଫାର ରଙ୍ଗମଞ୍ଚ ଓଡ଼ିଶାରେ ନାଟ୍ୟ ପରମ୍ପରା ଯେ ସମ୍ରାଟ ଖାରବେଳଙ୍କ ଶାସନ ସମୟରୁ ପ୍ରଚଳିତ ତାହା ଏହାର ପ୍ରମାଣ ଦିଏ । ସେ ସମୟରୁ ସଂଗୀତ ଓ ନାଟକ ଏଠାରେ ପରିବେଷିତ ହେଉଥିଲା । ଏହା ଐତିହାସିକମାନେ ଘୋଷଣା କରି ଯାଇଛନ୍ତି । ଅବଶ୍ୟ ସେ ସମୟ କାଳରେ ଓଡ଼ିଶା ଭାଷା ଓ ଓଡ଼ିଶୀ ସଂଗୀତ ଆଜିର ରୂପରେ କେବେ ହିଁ ନଥିଲା । ସଂସ୍କୃତ, ଉତ୍ତ୍ରମାଗଧୀ ଓ ଉତ୍ତ୍ର ଅପଭ୍ରଂଶ ହିଁ ଏହି ଉତ୍ତ୍ର ଭୂଖଣ୍ଡର ଭାଷା ଥିଲା । ଅଧିକ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାର ବିକାଶ ସାଧିତ ହେବା ସହ ଖ୍ରୀଷ୍ଟୀୟ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରୁ ହିଁ ସଂଗୀତ ନୃତ୍ୟ ଓ ନାଟକର କ୍ରମବିକାଶ ଘଟିତ ହୋଇଛି । ମଧ୍ୟଯୁଗର ଅଭିନୀତ ଅଧିକାଂଶ ନାଟକ ସଂସ୍କୃତ କାବ୍ୟ କବିତାର ଆଧାରରେ ଅଭିନୀତ ହେଉଥିଲା । ଓଡ଼ିଆ ଗୀତିନାଟ୍ୟ ପରମ୍ପରା ସଂସ୍କୃତ ଗୀତିନାଟ୍ୟରୁ ହିଁ ଉଦ୍ଭବ ହୋଇଥିବା ସମ୍ଭବ । ଖ୍ରୀଷ୍ଟାବ୍ଦ ନବମ ଶତାବ୍ଦୀରେ ନାଟ୍ୟକାର ମୁରାରି ମିଶ୍ରଙ୍କ ନାଟକ 'ଅନର୍ଘ ରାଘବ' ରଚିତ ହୋଇଥିବା କୁହାଯାଏ । ତାଙ୍କର ଏ ସଂସ୍କୃତ ନାଟକରେ 'ଯାତ୍ରା' ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ । ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟର ରଥଯାତ୍ରା ଅନ୍ୟତମ ଓ ଅନନ୍ୟ । ଅନେକ ପ୍ରମୁଖ ଦେବାଳୟରେ ସ୍ୱତନ୍ତ୍ର ଭାବରେ ନାଟ୍ୟମଣ୍ଡପ ରହିଛି ଯାହା ଅଭିନୟ ଓ ନୃତ୍ୟ ପାଇଁ ଉଦ୍ଦିଷ୍ଟ । ପୌରାଣିକ ନୃତ୍ୟନାଟିକା ଦେବାଳୟରେ ହିଁ ଅନୁଷ୍ଠିତ ହୋଇଥାଏ ।

ଖ୍ରୀଷ୍ଟାବ୍ଦ ୧୫ଶରେ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ'ରୁ ମଧ୍ୟ 'ଯାତ୍ରା' ଶବ୍ଦ ନାଟ୍ୟରୂପ ପ୍ରୟୋଗସ୍ଥଳୀ ବୋଲି ଜଣାଯାଏ । ତା'ଛଡ଼ା ଖ୍ରୀ. ୧୫ଶ ଶତାବ୍ଦୀରେ ଶ୍ରୀ ଜୟଦେବ ଗୋସ୍ୱାମୀଙ୍କ 'ଗୀତ ଗୋବିନ୍ଦ' ଯାତ୍ରା ମାଧ୍ୟମର ନାଟ୍ୟରୂପରେ ପରିବେଷିତ ହେଉଥିବାର ଅନେକ ପ୍ରମାଣ ରହିଛି । ସେ ଯୁଗରେ ଧାର୍ମିକ ଓ ସାମଜିକ ପ୍ରଚାରରେ ମୂଳତଃ ଆଧୁନିକ ସାଧନ ନଥିବାରୁ ଯାତ୍ରା ଓ ନୃତ୍ୟନାଟିକା ମାଧ୍ୟମରେ ଧାର୍ମିକ ବାର୍ତ୍ତା ନୃତ୍ୟନାଟିକା ପଦ୍ୟାବଳୀରେ ଓ ନୃତ୍ୟରେ ପରିବେଷିତ ହେଉଥିଲା । ପଞ୍ଚସଖାଙ୍କ ମଧ୍ୟରେ ସନ୍ଥ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ସୁଆଙ୍ଗ ମାଧ୍ୟମରେ ଗୀତିନାଟ୍ୟରେ ପରିବେଷିତ ହେଉଥିଲା । ତାହା ଓଡ଼ିଆ ସମାଜରେ ଅସାଧାରଣ ଲୋକପ୍ରିୟତା ହାସଲ କରିଥିଲା । ସନ୍ଥ ପଞ୍ଚସଖା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭକ୍ତିଭାବ ରଚନାଗୁଡ଼ିକ ଝଙ୍କଡ଼ସ୍ଥ ସାରଳା ପୀଠରେ ରାସ ଯାତରା ଭାବରେ ପ୍ରଥମେ ତାଙ୍କର ଦୀକ୍ଷିତ ଶିଷ୍ୟମାନଙ୍କ ଦ୍ୱାରା ନାଟ୍ୟ ରୂପରେ ଅଭିନୀତ ହେଉଥିବାର ପ୍ରମାଣ ତାଙ୍କ ଲିଖିତ 'ଚାରଣ ଚରିତ' ପୋଥିରୁ ଜଣାପଡ଼େ । ତାଙ୍କ ଲିଖିତ ପଦ୍ୟ ନାଟ୍ୟାବଳୀର କେତେକ ଉଦ୍ଧାର ନିମ୍ନରେ କରାଯାଉଛି ଯେଉଁଠି 'ରାସଯାତରା' ଗୀତିନାଟ୍ୟରେ ଶବ୍ଦାବଳୀ ସୁସ୍ପଷ୍ଟ ।

"ଗୁରୁଙ୍କ ଚରଣ ତଳେ ହୋଇ ଦଣ୍ଡବତ,
ପୂର୍ଣ୍ଣମୀ ଉତ୍ସବେ ଯାତରା ନିମନ୍ତ୍ରେଣ ଚିତ୍ତ ।
ଶୁଣ ହେ ଗୋପାଳ ପୋଏ କହିଲି ବଚନ,
ବସନ୍ତ ଉତ୍ସବେ ଯାତ୍ରା ଗୋପର ବିଧାନ ।
କରତାଳି ଦକ୍ଷିଣା ଯେ, ଶୁଦ୍ର ଜଗଦାସ (ଜଗନ୍ନାଥ)
ନବଦିନ ଯାତ୍ରାକରି ଗୁଣ୍ଡିଚା ରାହସ ।
ମାସ ଶେଷ ବରଷରେ ସଙ୍ଖୋଲୁଣ ଥିବ
ମେଳା ମହୋତ୍ସବରେ ଯାତ୍ରା ଆସିଣ କରିବ ।"

ଏହାର ପ୍ରଚାର ପ୍ରସାର କେବଳ ଓଡ଼ିଶା କାହିଁକି ଏହା ସୁଦୂର ବୈଷ୍ଣବ ଧର୍ମ ପ୍ରଭାବିତ ଅନ୍ୟାନ୍ୟ ଅଂଚଳକୁ ମଧ୍ୟ ପ୍ରଭାବିତ

କରିଥିଲା । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗ ଓ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଶ୍ରୀକ୍ଷେତ୍ରରେ ଅଭିନୀତ ଏହି ନୃତ୍ୟନାଟିକା ଉତ୍ତରପୂର୍ବ ଭାରତ ଆସାମର ବୈଷ୍ଣବାଚାର୍ଯ୍ୟ ଶଙ୍କର ଦେବଙ୍କ ମାଧ୍ୟମରେ ଆସାମର ଲୋକନାଟ୍ୟ 'ଅଙ୍କିଆନାଟ' ଭାବରେ ନୂଆ ରୂପରେ ପ୍ରସାରିତ ହୋଇଥିଲା ।

ସନ୍ଥ ଶ୍ରୀ ଶଙ୍କରଦେବ ଗୋସ୍ୱାମୀ ଶ୍ରୀଚୈତନ୍ୟଙ୍କ ପୁରୀ ଶ୍ରୀକ୍ଷେତ୍ର ଆଗମନ କାଳରେ ଦୀର୍ଘ ସମୟ ଅବସ୍ଥାନ କରି ବୈଷ୍ଣବ ଭାବ ଧର୍ମର ପ୍ରଚାର ଓ ଅଭିନୀତ ଗୀତିନାଟ୍ୟର ଅନୁଶୀଳନ କରିଥିବା ଜଣାଯାଏ । ଆସାମରେ ଅଭିନୟ ସ୍ଥଳରେ ତୁଳା ତିଆରି କାନ୍‌ଭାସରେ ବିଷ୍ଣୁଙ୍କର ଦିବ୍ୟଧାମ ଚିତ୍ରଣ କରି ଚିହ୍ନ ସ୍ୱରୂପ ରଖାଯାଉ ଥିବାରୁ 'ଅଙ୍କିଆ ନାଟ' କୁ 'ଚିହ୍ନ ଯାତ୍ରା' ବୋଲି କୁହାଯାଏ ।

ଓଡ଼ିଶା ତଥା ଓଡ଼ିଶାର ପଡ଼ୋଶୀ ବଙ୍ଗଦେଶରେ ଶ୍ରୀ ଜୟଦେବ ଗୋସେଇଁ (ସନ୍ଥ ଜୟଦେବ ଗୋସ୍ୱାମୀ)ଙ୍କ ଗୀତଗୋବିନ୍ଦ ଗୀତିନାଟ୍ୟ ଯାତ୍ରା ମାଧ୍ୟମରେ ପରିବେଷିତ ହେଉଥିବା ଓ ତା'ର ଝଲକ ବଙ୍ଗ ଦେଶର ଯାତ୍ରାରେ ପରିଲକ୍ଷିତ ହୋଇଛି । ଗୀତଗୋବିନ୍ଦ ନାଟ୍ୟରୂପ ନାଟ୍ୟମନ୍ଦିର ଓ ମୁକ୍ତ ଯାତ୍ରା ମଣ୍ଡପରେ ପରିବେଷଣ କରାଯାଉଥିବା ପ୍ରମାଣ ବହୁଳ ରହିଛି । ମୁଖ୍ୟ ବିଷ୍ଣୁ ମନ୍ଦିରରେ ଶ୍ରୀ ଜୟଦେବ ଗୋସ୍ୱାମୀ କୃତ ଗୀତଗୋବିନ୍ଦର ନାଟ୍ୟରୂପ 'ମାହାରୀ ନୃତ୍ୟ' (ଓଡ଼ିଶୀ ନୃତ୍ୟର ପ୍ରାଗ୍ କାଳ) ଗୀତ ବାଦ୍ୟ ଓ ଅଭିନୟରେ ହିଁ ପରିବେଷିତ ହେଉଥିଲା । ଦେବାଳୟମାନଙ୍କରେ ଏହି ନାଟ୍ୟ ପରିବେଷଣ ପାଇଁ ଉଦ୍ଦିଷ୍ଟ ଥିଲା ତାକୁ ଯାତ୍ରା କୁହାଯାଉଥିଲା । ଏହା କେତେକ କ୍ଷେତ୍ରରେ ମୁକ୍ତାକାଶ ମଣ୍ଡପ ଓ ଛାତଥିବା ନାଟ୍ୟମଣ୍ଡପରେ ଅନୁଷ୍ଠାନ କରାଯାଉଥିଲା । ସଳ୍ପ ସାଧାରଣ ବାଦ୍ୟ ପଖାଉଜ, ଖୋଳ, ତାଳ, ବଂଶୀ, ଝାଞ୍ଜି-କରତାଳ, ଡ଼ମ୍ବରୁ, ଖଞ୍ଜଣୀ ଧୂତୁକୀର ବ୍ୟବହାର ଉତ୍କଳୀୟ ଗୀତିନାଟ୍ୟ ନୃତ୍ୟ ପରମ୍ପରାରେ ଅତି ପ୍ରାଚୀନ ।

ଓଡ଼ିଶା ନାଟକକୁ ମାତ୍ର ଶହେ ଦେଢଶ ବର୍ଷର ଐତିହ୍ୟ ବୋଲି ଯେଉଁମାନେ ଯୁକ୍ତି କରନ୍ତି, ସେମାନେ ଆମ ଜାତୀୟ ସଂସ୍କୃତିର ଘୋର ଅବମାନନା କରନ୍ତି । ଯାତ୍ରା ସମ୍ବନ୍ଧରେ ଭ୍ରାନ୍ତ ଧାରଣାରୁ ଉଲ୍ଲେଖିତ ଯୁକ୍ତିର ଉଦ୍ରେକ ହୁଏ । ଏହି କଳିଙ୍ଗ-ଉତ୍କଳ ଖଣ୍ଡରେ ଯାତ୍ରା ହେଉଛି ନାଟ୍ୟ ପରିବେଷଣର ଶୈଳୀ ଯେଉଁଠି ଅଭିନୟ ଅପେକ୍ଷା କଥାବର୍ଣ୍ଣନାର ଗୁରୁତ୍ୱ ଅଧିକ । ଗୀତିନାଟ୍ୟକୁ ନାଟ୍ୟରୂପ ଦେବାର ଶୈଳୀ ବିଶେଷ ବିଷୟବସ୍ତୁକୁ ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ବା ନାଟ ଇତ୍ୟାଦିରେ ପରିବେଷଣ ଏକ କ୍ରମ ବିସ୍ତାର । ନାଟ୍ୟ ଶବ୍ଦର ଅପଭ୍ରଂଶ ଭାବରେ 'ନାଟ' ଶବ୍ଦର ବ୍ୟବହାର ରହିଛି । ଆଜିର ଅପେରା, ଉତ୍କଳୀୟ ଯାତ୍ରା ନୁହେଁ ବା ବିଦେଶୀ ପ୍ରଭାବିତ ଡ୍ରାମା ନୁହେଁ । ପକ୍ଷାନ୍ତରେ ବିଦେଶୀ ଶାସନରେ ପ୍ରଭାବିତ ସୁସଜ୍ଜିତ ମଞ୍ଚରେ ଡ୍ରାମା ପରିବେଷିତ ଓ ଆଦୃତ ହେବା ଫଳରେ ଓଡ଼ିଶାର ପାରମ୍ପରିକ ଯାତ୍ରା ପ୍ରତ୍ୟକ୍ଷ ଭାବରେ ଅବହେଳିତ ହେବାକୁ ଲାଗିଲା । ସ୍ଥାନ ବିଶେଷରେ ନବ୍ୟ ଶିକ୍ଷିତ ନାଟ୍ୟକାରମାନେ ଉତ୍କଳୀୟ ଯାତରା ଓ ଯାତ୍ରା ପରମ୍ପରାକୁ ବିଦ୍ରୂପ କରିଥାନ୍ତି । ଏପରି ଅମୂଳକ ହାଲ୍‌କା ସମାଲୋଚନା ମାତୃନିନ୍ଦା ବୋଲି ଧରି ନିଆଯାଇପାରେ । ଉତ୍କଳୀୟ ନାଟ୍ୟ ବା ଯାତ୍ରା ପରମ୍ପରା ତତ୍ ସହିତ ଯୋଡ଼ି ହୋଇଥିବା ସଂସ୍କୃତି ଓ ଧର୍ମଧାରଣା ଯେ କେତେ ପ୍ରାଚୀନ ଓ ଶାସ୍ତ୍ରୀୟ ନୀତିନିୟମ ଯୁକ୍ତ, ସେଥିପ୍ରତି ଦୃଷ୍ଟି ଦେଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ।

ସେହି ପରମ୍ପରାରୁ ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ ଏପରିକି କାଳକ୍ରମେ ଛଉନୃତ୍ୟ, ବୀରନୃତ୍ୟ ବା ପାଇକ ନୃତ୍ୟ, ଦଣ୍ଡନାଚ, ପାଲା, ଦାସକାଠିଆ ଆଦିର ନାଟ୍ୟରୂପ ବିକଶିତ ହୋଇଅଛି । ଓଡ଼ିଶାର ଯାତ୍ରା ଦଣ୍ଡନାଟରେ ଦଣ୍ଡପୂଜନ ଓ ଛଉ ନାଟରେ ପତାକାସ୍ତମ୍ଭ ପୂଜିତ ହୁଏ । ତାହା ନାଟ୍ୟଶାସ୍ତ୍ର ସମ୍ମତ 'ଜର୍ଜ୍ଜର ଦଣ୍ଡ'ର ପ୍ରତୀକ । ଓଡ଼ିଶାରେ ପ୍ରଚଳିତ ରାସଲୀଳା, କୃଷ୍ଣଲୀଳା, ରାମଲୀଳା ପ୍ରଭୃତି ଲୋକନାଟ୍ୟ ବୋଲି କୁହାଯାଉଥିଲେ ମଧ୍ୟ ସେଗୁଡ଼ିକ ଶାସ୍ତ୍ରୀୟ ରୂପକ ।

ଗୀତିନାଟ୍ୟ : ଯେଉଁ ନାଟ୍ୟ ରୂପରେ ସଂଳାପ ଛନ୍ଦୋମୟ, ପଦ୍ୟ ଓ ଗଦ୍ୟ ମିଶ୍ରିତ ଭାବରେ ଥାଏ ତାହାକୁ ଗୀତିନାଟ୍ୟ କୁହାଯାଏ । ଗୀତିନାଟ୍ୟ ଦେଶୀୟ ଶୈଳୀରେ ପରିବେଷିତ ହେଲେ ତାକୁ ଯାତ୍ରା ନାମରେ ଓ ବିଦେଶୀ ଶୈଳୀରେ ପରିବେଷିତ ହେଲେ ତାହା 'ଥିଏଟର' କୁହାଯାଇଥାଏ ।

ଗୀତାଭିନୟ : ଯେଉଁ ନାଟ୍ୟ ରୂପରେ ମୁଖ୍ୟତଃ ପଦ୍ୟ ଥାଏ ଓ ଗଦ୍ୟ ସଂଳାପ ନଥାଏ ତାହାକୁ ଗୀତାଭିନୟ କୁହାଯାଏ । ଏହା ଉଭୟ ଯାତ୍ରା ଓ ଥିଏଟରରେ ଅଭିନୀତ ହୋଇଥାଏ ।

ସୁଆଙ୍ଗ : ସୁଆଙ୍ଗର ଅର୍ଥ ଲାଳିତ୍ୟପୂର୍ଣ୍ଣ ଅଭିନୟ । ଯେକୌଣସି ଲାଳିତ୍ୟପୂର୍ଣ୍ଣ ଗୀତିନାଟ୍ୟ, ଗୀତାଭିନୟ ଓ ନୃତ୍ୟନାଟିକା ସୁଆଙ୍ଗର ଅନ୍ତର୍ଭୁକ୍ତ । ବେଳେବେଳେ ଏହା ହାସ୍ୟରସାତ୍ମକ ହୋଇଥାଏ । ତାହାକୁ ସୁଆଙ୍ଗ ବୋଲି ମଧ୍ୟ କହିଥାନ୍ତି ।

ନାଟ : ନାଟ ହେଉଛି ସଂସ୍କୃତ ଶବ୍ଦ 'ନାଟ୍ୟ'ର ଅପଭ୍ରଂଶ । ଏହା ନୃତ୍ୟ, ଗୀତ ଓ ଅଭିନୟର ଏକତ୍ର ସମାବେଶ । ଉଭୟ ଯାତ୍ରା ଓ ଥିଏଟରରେ ନାଟ ପରିବେଷିତ ହୋଇଥାଏ ।

ନାଚ : ନାଚ 'ନୃତ୍ୟ' ଶବ୍ଦର ଅପଭ୍ରଂଶ । ନୃତ୍ୟ ପ୍ରଧାନ ରୂପକୁ ଗ୍ରାମ୍ୟ ଭାଷାରେ 'ନାଚ' କହିଥାଆନ୍ତି ।

ଲୀଳା : ଦେବାଦେବୀ, ଈଶ୍ୱରଙ୍କ କୌଣସି ଅବତାର ବା ଜୀବନ ବୃତ୍ତାନ୍ତକୁ ଉପଜୀବ୍ୟ କରି ଯେଉଁ ନାଟ୍ୟରୂପଟି ଲେଖା ଯାଇଥାଏ, ତାହାକୁ ଲୀଳା କୁହାଯାଏ । ଓଡ଼ିଶାରେ ରାମଲୀଳା, ରାସଲୀଳା, ଗୋପଲୀଳା ଓ ରାଧାକୃଷ୍ଣ ଲୀଳା ଆଦିର ପ୍ରଚଳନ ରହିଛି । ଲୀଳା ଉଭୟ ଯାତ୍ରା ଓ ଥିଏଟରରେ ପରିବେଷିତ ହୋଇଥାଏ ।

ତାମସା : କୌତୁକପୂର୍ଣ୍ଣ ନାଟ୍ୟରୂପକୁ ତାମ୍ସା ବୋଲି କୁହାଗଲେ ହିଁ ମରହଟ୍ଟା ଓ ମୋଗଲ ଶାସନ ସମୟରୁ ଏହା ଓଡ଼ିଶାରେ ଲୋକନାଟ୍ୟ ରୂପେ ପ୍ରଚଳିତ । ଏହାର ଉଦାହରଣ ହେଲା 'ମୋଗଲ ତାମସା' ।

ସାମଗ୍ରିକ ଭାବରେ ଗୀତ ପ୍ରଧାନ, ନୃତ୍ୟ ପ୍ରଧାନ ଓ ଅଭିନୟର ଦେଶୀୟ ପ୍ରୟୋଗ ଓ ଅନୁଷ୍ଠାନ ହେଉଛି ଯାତ୍ରାମଣ୍ଡଳୀ ବା ଯାତ୍ରା ଦଳ ।

ଗୀତିନାଟ୍ୟର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ, ଛନ୍ଦୋବଦ୍ଧ ଗଦ୍ୟ ବା ଅନେକ ଗୀତର ସମାବେଶରେ ଗୀତିନାଟ୍ୟ ଅତୀବ ଲାଳିତ୍ୟପୂର୍ଣ୍ଣ । ଆଜି ଅବଶ୍ୟ ନାଟ୍ୟକାରମାନେ ନୂତନ ନାଟକ ପ୍ରଣୟନ କରି କଥୋପକତନ ଶୈଳୀରେ ଗଦ୍ୟର ସଂଳାପ ପରିବେଷଣ କରୁଛନ୍ତି । ପୃଥିବୀର ସବୁ ଭାଷାରେ ଶ୍ରେଷ୍ଠ ଚିରନ୍ତନ ମୂଲ୍ୟବୋଧ ଭିତ୍ତିକ ନାଟ୍ୟରୂପକୁ ଅନୁଧାନ କଲେ ଯେ କେହି ବି ସ୍ୱୀକାର କରିବ ଯେ, ସେଥିମଧ୍ୟରୁ ଅଧିକାଂଶ କାବ୍ୟିକ ଶୈଳୀରେ ଲିଖିତ । ବିଶ୍ୱବରେଣ୍ୟ ସେକ୍ସପିଅର ତାଙ୍କର ନାଟକ ଗୁଡ଼ିକୁ କାବ୍ୟିକ ଶୈଳୀ ଦେଇନଥିଲ ହୁଏତଃ ତାଙ୍କର ନାଟକ ଏଯାବତ୍ ଚିରନ୍ତନ ମୂଲ୍ୟବୋଧର ମର୍ଯ୍ୟାଦା ପାଇନଥାନ୍ତା । ସେହିଭଳି ଗ୍ରୀକ୍ ନାଟ୍ୟକାର ସୋଫୋକ୍ଲସ ଓ ଆରିଷ୍ଟୋଫେନ୍ସଙ୍କ ନାଟକ ଗୁଡ଼ିକ କାବ୍ୟିକ ଶୈଳୀରେ ରଚିତ ହୋଇଥିବାରୁ ଯୁଗ ଯୁଗ ଧରି ତାହା ଆଦୃତ ହୋଇ ରହିଛି ।

ଓଡ଼ିଶାରେ ସେହିପରି ନାଟ୍ୟ ପରମ୍ପରା ପ୍ରାଚୀନ କାଳରୁ ଉତ୍ଥାନ ପତନ ମଧ୍ୟରେ ଗତିଶୀଳ ହୋଇଆସିଛି । ଓଡ଼ିଶାର ଯାତରା ନିଚ୍ଛକ ମୌଳିକ ଓ ପ୍ରାଚୀନତା ଦାବୀ କରେ । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ଓଡ଼ିଶାର ନାଟ୍ୟ ପରମ୍ପରାର ମୂଳଦୁଆ ପଡ଼ିଥିବାର ଜଣାଯାଏ । କଳିଙ୍ଗ ସମ୍ରାଟ ମହାମେଘ ବାହନ ଖାରବେଳଙ୍କ ସମୟରୁ ଏହାର ଶୁଭାରମ୍ଭ ହୋଇଥିବା ଅନୁମାନ କରାଯାଏ । ବହୁ ଗବେଷଣାରେ ଲିଖିତ 'ଯାତ୍ରା ଦି' ଥିଏଟର' ପୁସ୍ତକ ଏ ବିଷୟରେ ଯଥେଷ୍ଟ ଆଲୋକପାତ କରିଅଛି । ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ଏହାର ସୂଚନା ଥିବା ଐତିହାସିକଙ୍କ ମତ । ହତୀଗୁମ୍ଫା ଅଭିଲେଖର ପଞ୍ଚମ ଧାଡ଼ିରେ ବର୍ଣ୍ଣିତ ହୋଇଛି "ଗନ୍ଧବ-ବେଦ-ବୁଧୋଦମ୍ଫ-ନତ-ଗୀତ-ବାଦିର-ସଂଦସ ନାହିଁ-ଉତ୍ସବ-ସମାଜ-

କାରାପ ନାହିଁ ତ କୀଡ଼ାପୟତି ନଗରିଂ ।” ଏଥିରୁ ଅନୁମାନ ସିଦ୍ଧ ହୁଏ ଯେ, ସମ୍ରାଟ ଖାରବେଳ ସଭାଷଦ ଓ ନାଗରିକମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ-ଗୀତ-ବାଦ୍ୟ ସମ୍ବଳିତ ‘ସମାଜ’ (ଯାତ୍ରା ବା ଯାତରା) ଅନୁଷ୍ଠାନ କରାଉଥିଲେ । ଏବେ ମଧ୍ୟ ଗାଁ ଗହଳିରେ ଅନୁଷ୍ଠିତ ଯାତରା ବା ନାଟ୍ୟ ଅନୁଷ୍ଠାନକୁ ‘ସମାଜ’ ବୋଲି କୁହାଯାଏ ।

ସମ୍ରାଟ ଖାରବେଳ ଖଣ୍ଡଗିରି ରାଣୀଗୁମ୍ଫା ନିକଟରେ ନାଟ୍ୟଶାସ୍ତ୍ର ନିୟମ ଅନୁଯାୟୀ ମଣ୍ଡପ ନିର୍ମାଣ କରିଥିଲେ । ସେଠାରେ ୪୦୦ ଜଣ ଦେଖି ପାରିବା ଭଳି ଆସ୍ଥାନ ରହିଥିଲା । ଏହାର ଚତୁଃପାର୍ଶ୍ୱରେ ସୋପାନୀକୃତ ଦର୍ଶକ ସ୍ଥାନ (ଗ୍ୟାଲେରୀ) ରେ ହଜାର ହଜାର ଦର୍ଶକ ବସି ‘ସମାଜ’ ଉପଭୋଗ କରିବାର ବ୍ୟବସ୍ଥା ଥିଲା । ଏହା ଏକ ଉତ୍କଳୀୟ ଜାତୀୟ ପ୍ରେକ୍ଷାଳୟ ଭାବରେ ଗ୍ରହଣ କରାଯାଇପାରେ ।

ଅଧୁନା ପାଶ୍ଚାତ୍ୟ ଦେଶର ଅନୁକରଣରେ ଯେଉଁ ଏକମୁଖୀ ରଙ୍ଗମଞ୍ଚ ନିର୍ମାଣ ହୋଇଛି ତାହା ଆମର ପାରମ୍ପରିକ ଯାତ୍ରାଶୈଳୀ ବିକାଶର ପରିପନ୍ଥୀ । ପାରମ୍ପରିକ ଭାବରେ ଆମ ଯାତ୍ରାମଂଚ ଚତୁଃର୍ମୁଖୀ ଯେଉଁଠି ଜନସାଧାରଣ ହଜାର ସଂଖ୍ୟାରେ ଯାତ୍ରା ଅନୁଷ୍ଠାନ ବା ‘ସମାଜ’ ଉପଭୋଗ କରିବାର ସୁଯୋଗ ଲାଭ କରନ୍ତି । କଳାକାରମାନେ ପ୍ରଚ୍ଛଦପଟ ବା ପାର୍ଶ୍ୱ ପରଦାର ଅନ୍ତରାଳରୁ କୌଣସି ସହଯୋଗ ପାଇବାର ଅବକାଶ ନଥାଏ । ଯାତରା ବା ‘ସମାଜ’ ଅନୁଷ୍ଠାନରେ ଗାୟନ, ବାଦନ, ନୃତ୍ୟ ଓ ଅଭିନୟ ପ୍ରାକୃତିକ ଭାବରେ ଉପସ୍ଥାପନ କରାଯାଇଥାଏ । ଅନେକ ଯାତ୍ରାରେ ତ ମଞ୍ଚର ଆବଶ୍ୟକତା ମଧ୍ୟ ନଥାଏ । ଯେପରି ବରଗଡ଼ରେ ଅନୁଷ୍ଠିତ ଧନୁଯାତ୍ରା, ଦଶପଲ୍ଲାର ଅନୁଷ୍ଠିତ ରାବଣପୋଡ଼ି ଯାତ୍ରା, ପୁରୀ ସହରରେ ଅନୁଷ୍ଠିତ ହେଉଥିବା ସାହିଯାତ । ବରଗଡ଼ ଧନୁଯାତ୍ରାରେ ସମଗ୍ର ସହର ଓ ପାର୍ଶ୍ୱବର୍ତ୍ତୀ ଗ୍ରାମ, ନଦୀ ଓ ରାସ୍ତା ଆଦି ବିରାଟ ଯାତ୍ରା କ୍ଷେତ୍ରର ଭୂମିକା ଗ୍ରହଣ କରେ । ଦଶପଲ୍ଲାର ରାବଣପୋଡ଼ି ଓ ଗଣିଆର ରାବଣପୋଡ଼ି ଅନ୍ୟୂନ ଏକ ମାଇଲ ବ୍ୟାପୀ ମୁଖ୍ୟ ରାସ୍ତାରେ ଓ ପଡ଼ିଆରେ ଅନୁଷ୍ଠିତ ହୋଇଥାଏ । ପୁରୀ ସାହିଯାତ ରାଜା ରାମଚନ୍ଦ୍ର ଦେବ (୧୫୬୪-୧୫୯୨)ଙ୍କ ରାଜତ୍ୱ ସମୟରୁ ଆରମ୍ଭ ହୋଇଥିବା ଐତିହାସିକମାନେ ମତ ଦିଅନ୍ତି । ସେହି ସମୟରୁ ଯାଗା ବା ଜାଗାଘର, ଆଖେଡ଼ା ଓ ସାହିଯାତ ପରମ୍ପରାର ଅୟମାରମ୍ଭ ହୋଇଥିବାର ଜଣାଯାଏ । ଶ୍ରୀମନ୍ଦିର ଓ ସହରର ସୁରକ୍ଷା କାରଣରୁ ଜାଗା, ଆଖେଡ଼ା ଓ ସାହିଯାତର ଦୂରଦୃଷ୍ଟି ସମ୍ପନ୍ନ ପରମ୍ପରାର ଅୟମାରମ୍ଭ ହୋଇଥିବାର କୁହାଯାଏ । ଚୈତ୍ରପର୍ବର ଏକ ଅଂଶ ଭାବରେ ଚୈତ୍ର ଶୁକ୍ଳ ନବମୀ (ଶ୍ରୀରାମ ନବମୀ) ପରେ ବିଭିନ୍ନ ସାହି ଆଖଡ଼ାରୁ ବା ଜାଗା ଆଖେଡ଼ାରୁ ଭିନ୍ନ ଭିନ୍ନ ଦିନ ରାବଣ, ପରଶୁରାମ,ହନୁମାନ, ନାଗାମେଢ, ଦେବୀମେଢ ଆଦି ବାହାରିଥାଏ ଓ ସହରର ବିଭିନ୍ନ ମୁଖ୍ୟ ସାହିମାନଙ୍କରେ କଳାକୌଶଳ ଓ ଚାଲି ପରିବେଷଣ କରାଯାଇଥାଏ । ତତ୍‌ସହିତ ଶ୍ରୀରାମ, ଲକ୍ଷ୍ମଣ, ସୀତା ଆଦି ଘଣ୍ଟା, କାହାଳୀ, ଛତି ଆଦି ସହ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିରରୁ ଜଗନ୍ନାଥବଲ୍ଲଭ ମଠକୁ ଯିବାର ଓ ରାମ ବନବାସୀ ଲୀଳା ପରେ ଶ୍ରୀମନ୍ଦିର ଫେରିବାର ଦେଖାଯାଏ । ହନୁମାନଙ୍କ ଲଙ୍କାପୋଡ଼ି ମଧ୍ୟ ସାହିଯାତର ଏକ ଅଂଗ । ସାରା ସହର ଏହି ଯାତ୍ରାର ରଙ୍ଗଭୂମି ପାଲଟିଯାଏ ଓ ହଜାର ହଜାର ଦର୍ଶକ ଏକକାଳୀନ ଏପରି ଯାତ୍ରାର ମାଦକତା ପ୍ରତ୍ୟକ୍ଷ ଭାବରେ ଉପଭୋଗ କରିଥାନ୍ତି । ଏଗୁଡ଼ିକ ଓଡ଼ିଆ ଜନ ଜୀବନରେ ଜନଯାତ୍ରାର ଭୂମିକା ନିର୍ବାହ କରିଥାଏ ।

ଗୀତିନାଟ୍ୟ ପରମ୍ପରାରେ ଆଧୁନିକ ଯୁଗରେ ଯେଉଁ ନାଟ୍ୟକାରମାନେ ଏହାକୁ ଗଣନାଟ୍ୟରେ ପରିଣତ କରିଦେଇ ଯାଇଛନ୍ତି ସେମାନଙ୍କ ମଧ୍ୟରେ ଗୋପାଳ ଦାସ, ଜଗନ୍ନାଥ ପାଣି, ବାଳକୃଷ୍ଣ ମହାନ୍ତି, ବୈଷ୍ଣବ ପାଣି ପ୍ରମୁଖ । ସେମାନେ ପ୍ରତ୍ୟେକ ଜଣେ ଜଣେ ଗଣକବି ଓ ଗୀତିନାଟ୍ୟ ପରମ୍ପରାର ବିଶିଷ୍ଟ ଦାୟାଦ ବୋଲି ଗ୍ରହଣ କରାଯାଇଛି ।

ପିଲା ମନ କଥା ବୁଝନ୍ତୁ

ରେଣୁବାଳା ପଣ୍ଡା

ପ୍ରବନ୍ଧ



ଆମ ଦେଶର ପିଲାମାନେ ଟିକିଏ କାନ୍ଦିଲା କ୍ଷଣି ମା', ବାପା ଭଉଣୀ ସମସ୍ତେ ବ୍ୟସ୍ତ ହୋଇପଡ଼ନ୍ତି ସଙ୍ଗେ ସଙ୍ଗେ ପିଲାକୁ କାଖେଇ ବୁଲିବାକୁ ହୁଏ । ପିଲା ଗୁରୁଣ୍ଠିଲା ବେଳେ କି ଚାଲିଲା ବେଳେ ଯଦି ଟିକିଏ ପଡ଼ିଯାଏ ତା'ହେଲେ ମା' ଯେଉଁଠି ଥିବ ଦୌଡ଼ି ଆସିବ ଓ ପିଲାକୁ ସାଙ୍ଗେ ସାଙ୍ଗେ ଉଠାଇନେବ କୋଳକୁ । ଏହାର ବ୍ୟତିକ୍ରମ ଅନେକ କଳ୍ପନା କରିପାରନ୍ତି ନାହିଁ । ବ୍ୟତିକ୍ରମ ନିଷ୍ଠୁରତା ବୋଲି ପରିଗଣିତ ହୋଇଥାଏ କିନ୍ତୁ ପ୍ରକାରାନ୍ତରେ ଏ ପ୍ରକାର ଅଯଥା ସ୍ନେହ ଓ ସାହାଯ୍ୟ ପିଲାମାନଙ୍କ ଚରିତ୍ର ଗଠନରେ ବହୁତ ପ୍ରଭାବ ପକାଇଥାଏ । ଏମାନେ ଭବିଷ୍ୟତରେ ଅଧିକାଂଶ ସମୟରେ ସାହାଯ୍ୟ ନ ପାଇଲେ ବିବ୍ରତ ହୋଇପଡ଼ନ୍ତି । କୌଣସି କାର୍ଯ୍ୟ ନୂତନ ପ୍ରକାରେ ଆରମ୍ଭ କରିବାରେ ସାହସ ବା ଉତ୍ସାହ ନ ଥାଏ । ଇଂଲଣ୍ଡରେ ସାଧାରଣତଃ ମା' ମାନେ ପିଲାମାନଙ୍କୁ ଖୁଆଇ ପିଆଇ ଦୁଆର ମୁହଁ ଆଗରେ ହାତ ଠେଲା ଗାଡ଼ିରେ ବସାଇ ଦେଇ ଘର ଭିତରେ କାମରେ ବ୍ୟସ୍ତ ଥାଆନ୍ତି । ପିଲାମାନଙ୍କୁ ସବୁବେଳେ ଧରିବାକୁ ସେମାନଙ୍କ ପାଖରେ ସମୟ ନଥାଏ । ସେଠାରେ ଆମ ଦେଶ ପରି ଚାକର ଚାକରାଣି ଏତେ ବେଶି ମିଳନ୍ତି ନାହିଁ । ରାସ୍ତାରେ ଗଲାବେଳେ ଘର ସାମନାରେ ଅନେକ ଛୋଟ ପିଲାଙ୍କୁ ଖେଳୁଥିବାରୁ ଦେଖାଯାଏ । ବାପା ମା' ମାନେ ମାସେ ଦି ମାସର ପିଲାଙ୍କୁ ମଧ୍ୟ ଛାଡ଼ି ଦେଇଥାଆନ୍ତି । ତା' ଦ୍ୱାରା ସେମାନେ କ୍ରମେ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରନ୍ତି । ଏକୁଟିଆ ହେବାର ଭୟ ମଧ୍ୟ ଦେଖାଯାଏ ନାହିଁ । ମା'ମାନେ ପିଲାମାନଙ୍କୁ ଡ଼ାହାଣୀ ଭୂତ କଥା କହି ଡ଼ରାନ୍ତି ନାହିଁ । ଜୀବନ ଆରମ୍ଭ କଲା ଦିନଠାରୁ ନିଜେ ସ୍ୱାଧୀନ ଭାବରେ ଆଖପାଖ ଦୁନିଆରେ ସମସ୍ତ ଜିନିଷ ଆବିଷ୍କାର କରିବା ଦ୍ୱାରା ସେମାନଙ୍କର ସ୍ୱାଧୀନ ମନୋବୃତ୍ତି ବିଶେଷ ବିକାଶ ହୋଇଥାଏ । ଅଥଚ ଆମ ଦେଶର ପିଲା ଏକାକୀ ଯିବାକୁ ବହୁତ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ଏପରିକି ଗୋଟିଏ ଅନ୍ଧାର ଘରୁ ଆଉ ଗୋଟେ ଘରକୁ ଯିବାକୁ ହେଲେ ସାଙ୍ଗସାଥୀର ଦରକାର ପଡ଼େ । ଆମେ ପିଲାଦିନୁ ଏପରି ପରନିର୍ଭରଶୀଳ ଓ ଭୟାଳୁ ହୋଇପଡୁ ଯେକୌଣସି କାମ କରିବାର ସାହସ ନଥାଏ । ଆଉ ଗୋଟିଏ ପିଲାଦିନିଆ ଅଭ୍ୟାସ ଭବିଷ୍ୟତ ଜୀବନକୁ ବହୁତ ପ୍ରଭାବିତ କରିଥାଏ । ଆମ ଦେଶରେ ପିଲାମାନେ କାନ୍ଦିବାକ୍ଷଣି ମାଆମାନେ ଖୁଆଇ ଦିଅନ୍ତି ସେ ଘଣ୍ଟାଏ ପୂର୍ବରୁ ଖାଇଥାଉ ପଛେ କାନ୍ଦିଲେ ଭାବନ୍ତି ପିଲାକୁ ଭୋକ ହେଲା । ତା'ର ପଛେ ଅଜୀର୍ଣ୍ଣ ଯୋଗୁଁ ପେଟ କାଟୁଥିବ, କିନ୍ତୁ ତା'ଉପରେ ପୁଣି ଖାଇବାକୁ ଦିଆହୁଏ । ଏ ପ୍ରକାର ଖାଦ୍ୟ ବ୍ୟବସ୍ଥାର କୌଣସି ନିୟମ ନଥାଏ । କେଉଁ ଦିନ ଆଠଥର ତ କେଉଁଦିନ ଦଶଥର ।

ଥରେ ଦୁଇ ଘଣ୍ଟାରେ ଆଉ ଥରେ ତିନିଘଣ୍ଟାରେ ଖାଇବାକୁ ଦିଆହୁଏ । ତା'ଦ୍ୱାରା ପିଲାମାନଙ୍କ ଦେହ ଖରାପ ହୁଏ । ପ୍ରଥମରୁ ନିୟମ ଅନୁସାରେ ଚାଳିତ ହୋଇ ନଥିବାରୁ ପରେ ଶୃଙ୍ଖଳା ଶିକ୍ଷା କରିବାରେ ବହୁତ ଅସୁବିଧା ହୋଇପଡ଼େ । ପ୍ରଥମାବସ୍ଥାରେ ପିଲାମାନଙ୍କୁ ପ୍ରତି ଚାରିଘଣ୍ଟାରେ ଖାଇବାକୁ ଦେବା ଉଚିତ୍ । ଯେତେ କାନ୍ଦିଲେ ମଧ୍ୟ ଠିକ୍ ସମୟ ନ ହେଲା ପର୍ଯ୍ୟନ୍ତ ଖାଇବାକୁ ଦେବା ଠିକ୍ ନୁହେଁ । ତା'ଛଡ଼ା ଏ ପ୍ରକାର ନିୟମିତ ଖାଦ୍ୟ ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ । ଇଂଲଣ୍ଡ ପ୍ରଭୃତି ଓ ସଭ୍ୟଦେଶରେ ମାଆମାନେ ଏଥିପ୍ରତି ବିଶେଷ ନଜର ଦେବାର ଦେଖାଯାଏ ।

ପିଲାମାନଙ୍କର ପ୍ରଶ୍ନ ନେଇ ଆମ୍ଭେମାନେ ବିରକ୍ତ ହେବା ଉଚିତ ନୁହେଁ ବରଂ ସେମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ଉଚିତ୍ ।



ତା' ନହେଲେ ସେମାନଙ୍କ ବ୍ୟକ୍ତିତ୍ୱ ସଂକୀର୍ଣ୍ଣ ହୋଇଯାଏ । ଭବିଷ୍ୟତ ବ୍ୟକ୍ତିତ୍ୱ ଗଠନ ଲାଗି ଏସବୁ କେତେ ବେଶି ଦରକାର ଏ ବିଷୟରେ ଭଲ କରି ଥରେ ଜାଣିଲେ ବାପା ମା' ମାନେ କଦାପି ପିଲାମାନଙ୍କ ପ୍ରଶ୍ନ ଶୁଣି ବିରକ୍ତ ହେବେ ନାହିଁ ।

ସମସ୍ତେ ଜାଣନ୍ତି ଛୋଟ ପିଲାମାନେ ଗୋଟିଏ କାଚଗ୍ଲାସ କି କପ୍ ଧରି ଚାଲିଲେ ଆମ୍ଭେମାନେ ବଡ଼ପାଟି କରି ଉଠୁ କାଳେ ସେ ତାକୁ ଭାଙ୍ଗି ଦେବ ଏବଂ ତା'ଠାରୁ ଆମେ ସେହି ଜିନିଷଟି ଛଡ଼ାଇ ନେଇଆସୁ । ପ୍ରକୃତରେ ପିଲାଟି ଗ୍ଲାସକୁ ଖୁବ୍ ଜୋରରେ ଧରି ଚାଲୁଥାଏ । ତା'ର ଖୁବ୍ ଇଚ୍ଛା ଏବଂ ଆଗ୍ରହ ସେ କିପରି ଗ୍ଲାସକୁ ନ ପକାଇ ଧରି ଚାଲିଯାଇ ପାରିବ । ବାପା ମା'ଙ୍କଠାରୁ ପ୍ରଶଂସା ପାଇବା ପାଇଁ ସେ ସାବଧାନତା ସହିତ ଏହା କରିବାକୁ ଚେଷ୍ଟା କରେ କିନ୍ତୁ ଆମେ ପଡ଼ିଯିବ ବୋଲି ବଡ଼ ପାଟିରେ କହିବା ଦ୍ୱାରା ତା' ହାତରୁ ତାହା ପଡ଼ିଯାଏ । ତା' ଅର୍ଥ ଆମେ ଚିଲ୍ଲାଇବା ଯୋଗୁଁ ପିଲାଟି ମନରେ ଭୟ ଆସିଥାଏ । ଆମ୍ ବିଶ୍ୱାସ କମିଯାଏ । ଗୋଟାଏ ବଡ଼ ମଣିଷ ଯଦି ତିନିଜଣଙ୍କର କଥାରେ ଛେଳିଟାକୁ କୁକୁର ବୋଲି ଭାବିନେଲା ଗୋଟିଏ ଅନଭିଜ୍ଞ ସାନପିଲା ଏମାନଙ୍କ କଥାରେ ଦବିଯିବା ସ୍ୱାଭାବିକ୍ । ତେଣୁ ସେହି ପିଲାଟିର ପ୍ରଥମରୁ ଆତ୍ମପ୍ରତ୍ୟୟ ସୃଷ୍ଟି କରିବାକୁ ହେଲେ ତାକୁ ଏ ପ୍ରକାର କାମରେ ଆମର ବଙ୍ଗ ଉତ୍ସାହିତ କରିବା ଉଚିତ୍, ଯଦି ପ୍ରକୃତରେ ହିସାବ କରାଯାଏ ଦେଖାଯିବ ଅସାବଧାନତା ଯୋଗୁଁ ବଡ଼ମାନେ ଯେତିକି ଭାଙ୍ଗନ୍ତି ପିଲାମାନେ ସେତିକି ଭାଙ୍ଗନ୍ତି ନାହିଁ ।

ମୋଟାମୋଟି ଭାବରେ କହିବାକୁ ଗଲେ ପିଲାକୁ ସ୍ନେହ ସହାନୁଭୂତିର ସହିତ ଆଦର ଯତ୍ନକରି, ଯୁକ୍ତିଯୁକ୍ତ ଭାବରେ ତାକୁ ସବୁ କଥାରେ ବୁଝାଇ ତା'ଠାରେ ନାନା ବିଷୟରେ ସ୍ୱାଭାବିକ ଆଗ୍ରହ ସୃଷ୍ଟି କରାଇ ତା'ଠାରେ ସବୁବେଳେ ଉଚ୍ଚ ଆକାଂକ୍ଷା ଜାଗ୍ରତ କରାଇ, ତାକୁ ସମ୍ପୂର୍ଣ୍ଣ ସ୍ୱାଧିନତା ଦେଇ ଲାଳନପାଳନ ଓ ଶିକ୍ଷାଦାନ କରିପାରିଲେ ତା'ର ମାନସିକ ବିକାଶ ସମ୍ପୂର୍ଣ୍ଣ ଭାବରେ ସମ୍ଭବ ହୋଇପାରିବ । ଭୟ, ଆଶଙ୍କା ନାନା ପ୍ରକାର ମାନସିକ ଦ୍ୱନ୍ଦ୍ୱ ଦେଖାଦେଲେ ପିଲାର ମନ ସ୍ୱାଭାବିକ ଭାବରେ ବିକାଶ କରିପାରେନାହିଁ । ସେଇଥିପାଇଁ ବାପା- ମା' ଅନ୍ୟାନ୍ୟ ଗୁରୁଜନମାନେ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ବହୁତ ଯତ୍ନବାନ୍ ହେବା ଉଚିତ୍ ଏବଂ ଏହି ଦିଗରେ ସମସ୍ତେ ଶିକ୍ଷା ପାଇବା ଦରକାର ।



ବିଭ୍ରମ

ସଂଯୁକ୍ତା ମହାନ୍ତି

କବିତା



କିଏ ଆସେ ପତ୍ରଝରା ଏ ସଂନ୍ଧ୍ୟାରେ
ଦୁଇକଡ଼େ ଗଭୀର ଜଙ୍ଗଲ
ଆକାଶରେ ହସୁଥାଏ ପୂର୍ଣ୍ଣିମାର ଚାନ୍ଦ
ମୁଖେ ତାର ସୁଦୀର୍ଘ ମୌନତା

କିଏ ସେହି ପ୍ରିୟ ଥାଏ
ଦୂରେ ଅବା ନିଜର ଛାଇର ପାଖେ
ଅପରୂପ ସୌନ୍ଦର୍ଯ୍ୟରେ ଭରା ତାର ଆଖି
ଢାଙ୍କିରଖେ ବିଷାଦ ରାତିର ଅନ୍ଧାର

ଭଲପାଇବାର ନିର୍ଜନ ଉଦ୍ୟାନେ ମେଘ ଢାଙ୍କେ
ପଡ଼େନା ତାର ଛାଇ
ନିଜର ବାସନ୍ତୀ ଚିଠି ଯେତେ ନିଜକୁ ବିଦ୍ରୁପ କରେ
ଏ ହୃଦୟ ଅତୃପ୍ତ ଅଧୀର
ଯେତେସବୁ ପ୍ରିୟକଣ୍ଠ ଆଜି ଶରବିଦ୍ଧ ।

ନଦୀର ବୁକୁରେ ରଡ଼େ ଅନ୍ଧବାଲି
ଭୋଗୁଥାଏ ଅତଳ ଶୁଷ୍କତା
ନିରବ ହୋଇଯାଉଥିବା ମଣିଷଟିପରି
ଦୀର୍ଘଶ୍ୱାସ ଖାଲି ଭାସୁଥାଏ
ଚାରିଦିଗେ ନିଷ୍ଠୁର ଶୂନ୍ୟତା

ବଡ଼ ବିଭ୍ରମ ଜାଗେ ଏ ବେଳାରେ
ସନ୍ଧ୍ୟା ରତରତ ବେଳ
ତଥାପି ତ କିଏ ସେହି ଆସୁନାହିଁ
ଏଇ ଯେ ଆସୁଛି ଗାଡ଼ି
ଉଠିବାକୁ ହେବ
କେତେବା ବୋହିବ ଏତେ ଅବଶୋଷ ଭାର ।

ରାଜାବଗିଚା
କଟକ -୭୫୩୦୦୯
୯୪୩୭୬୭୨୫୮୫



କବିତା

ପଞ୍ଚ ପରିବର୍ତ୍ତନ

ଡଃ ବିଜୟଲକ୍ଷ୍ମୀ ତାରେଣିଆ



ଅଭିମାନେ କମ୍ପୁଥିଲା ଓଠ
ସ୍ଖୁରୁନଥିଲା ଭାଷା
ବଞ୍ଚିବାର ଯନ୍ତ୍ରଣାରେ
ଝରୁଥିଲା ଲୁହ ଠପ୍ ଠପ୍
ବଧ ଛାଗ ପରି
ସାମନା କଲି ଯୁପକାଠ
କିନ୍ତୁ ହେଲା
ପଞ୍ଚ ପରିବର୍ତ୍ତନ
ଆଖି ମେଲି ଦେଖିଲି
ଦୁଇଟି ନୟନ
ସ୍ଥିର ନିସ୍ତରଙ୍ଗ ହ୍ରଦ ପରି
ଆଉ ଶାନ୍ତ ନିରୁତ୍ତାପ
ସେ ଓଠର ଆବେଗରେ
ହୃଦୟ ମୋ ହୋଇଗଲା ପୂର୍ଣ୍ଣ
ପ୍ରୀତିରେ ଛଳ ଛଳ
ପ୍ରସ୍ଫୁଟିତ ସ୍ୱର୍ଣ୍ଣ ଚମ୍ପାର ସୁଗନ୍ଧରେ
ଭରିଗଲା ଚତୁର୍ଦ୍ଦିଗ
ସେଇ ନୟନ ଦୁଇ ଉପକୂଳେ
ମୁଁ ହେଲି ସମାହିତ
ମୋ ତନୁରେ
ଚନ୍ଦନର ମୁଗ୍ଧ ଶୀତଳତା
କ୍ଷଣକ ପୂର୍ବ ଭାବନା ମୋ
ଏବେ ସମ୍ପୂର୍ଣ୍ଣ ବିପରୀତ
ଲୁହପୋଛେ ନିରବରେ ମୁଁ
ନ ମାପି ପାରି ସେଇ
ଦୁଇ ହ୍ରଦର ଗଭୀରତା ।

ଫଗୁଣ ଆସିଲା ପରେ



କବିତା



ଆମ୍ବ ବଉଳର ବାସ ମହକାଇ,

ଫୁଲେଇ ଫଗୁଣ ଆସିଲା କାନି ଉଡ଼ାଇ ।

ପତର ଗହଳେ କୋଇଲିଟା ବସି,

ଗାଏ ମଧୁର ସଂଗୀତ, ସବୁରି ମନକୁ ଛୁଇଁ (୧)

ନୂଆ ସୂରୁଜ ନାଲି ଅଭିରର ଛିଟା

ଦିଗନ୍ତ ବିସ୍ତାରୀ ବରଷେ

ମଳୟ ସମୀରେ, ଜାଗେ ଶିହରଣ,

ମୃଦୁ ମୃଦୁ ତାର ପରଶେ,

ସରସୀ ଜଳରେ ଦେଖି ପ୍ରିୟ ମୁଖ,

କୁଆଁରୀ ମନ ସପନ ବିଳାସୀ ହରଷେ (୨)

ନୀଳ ଜୋଛନାରେ ଭିଜା ଭିଜା ରାତି

ରୂପେଲି ନଈର ମଧୁର ମୂର୍ଚ୍ଛନା

ହୃଦୟରେ ଭରେ ଝରଣା ରଙ୍ଗର ପ୍ରୀତି

ଅଳସୀ ତନ୍ଦ୍ରାର ଛୁଆଁ

ସ୍ୱପ୍ନଭରା ପଲକରେ

ତାରାଫୁଲ ଫୁଟେ, କଳପନା ଆକାଶରେ (୩)

ଶତ କଦମ୍ବର ରୋମାଞ୍ଚ ଯାଗେ ତନୁ ମନେ

ଶୁଣି ତୁମ ପଦଧ୍ୱନୀ ପାହାନ୍ତି ପହରେ

ରଜନୀଗଂଧାର ମହକ ନେଇ

ତୁମେ ଆସ ଭେଟିବାକୁ ନିତି ନିତି

ଫଗୁଣ ଆସିଲା ପରେ (୪)

ଆଶା ମହାନ୍ତି

କଳଙ୍କ ଜହ୍ନର

ମୁଁ ଯେବେ ମରିବି

ଜହ୍ନରେ ରହିବି

ପ୍ରଜାପତିଟିଏ ହୋଇ (୧)

ଗଲାବେଳେ ସାଥେ

ଫୁଲଗଛଟିଏ ଯିବି ନେଇ

କିଛି ଚଂଗ ତୁଳୀ ଆଉ

ଚିତ୍ରପଟର ବହି । (୨)

ମନରେ ରହିଛି ବରଷ ବରଷ

ହଜାରେ କଳ୍ପନା, ହଜାରେ ସପନ

ଏଇ ଝଲମଲ ଜହ୍ନ ପାଇଁ

ଚଂଗରେ ଭରିବି ସପନେ ସପନେ (୩)

ଫୁଲରେ ଫୁଲରେ ରହି

ଚିତ୍ର ମୁଁ ଆଙ୍କିବି

ଧରଣୀ ରୂପର ଛାଇ

କରିପାରେ ଯଦି, ଭରିଦେବି ଚଂଗ

ଜହ୍ନ କଳଙ୍କରେ

ଚାନ୍ଦନୀ ବିଧୌତ ଚନ୍ଦ୍ରମାର

କଳଙ୍କକୁ ଦେଇ ଧୋଇ

ସୁନ୍ଦରତାକୁ ପୂର୍ଣ୍ଣତା ତାର ଦେଇ । (୪)

ବାଙ୍ଗାଲୋର

ନଗ୍ନତା ଏକ ଅନୁଶୀଳନ

ରତ୍ନାକର ରାଉତ

କବିତା

ନଗ୍ନତା ହିଁ ଗଢିଥାଏ ଜୀବରୁ ଜୀବନ
ଯଦିଓ ନଗ୍ନତା ସତ୍ୟ
ତଥାପି କାହିଁକି କେଜାଣି ନଗ୍ନତାକୁ ସହି ହୁଏ ନାହିଁ ।
ଯେମିତି ସୁନ୍ଦର ଲାଗେ ଶରୀରରେ ଥିଲେ ଆଭରଣ
ସୁନ୍ଦର ଲାଗେ ସେମିତି ଶୃଙ୍ଖଳିତ ଜୀବିକା ଜୀବନ ।
କେତେବେଳେ ନଗ୍ନତା ବିଭତ୍ସ ପୁଣି ଅତୀବ ସୁନ୍ଦର
ସଂସ୍କାର ଶୃଙ୍ଖଳା ନାମେ ନଗ୍ନତାକୁ ଭୁଲିଥିଲା ଦିନେ ଏ ମଣିଷ
ପ୍ରଗତିର ଦ୍ୱାହି ଦେଇ ଦେଖ ଏ ମଣିଷ ଆଜି
ସାଜିଅଛି ନଗ୍ନତାର ଦାସ ।
ପ୍ରକୃତିରେ ଏତେ ଜୀବ ମଣିଷଙ୍କୁ ଛାଡ଼ି
ନଗ୍ନତା ଭିତରେ ବଢି ବିତାନ୍ତି ଜୀବନ ।
ନଗ୍ନତାତ ପାରିନାହିଁ ସେମାନନଙ୍କୁ କେବେ କାବୁକରି
ଯେତେ ପଶୁପକ୍ଷୀ, କୀଟ, ତରୁଲତା, ଉଭିଦ ଓ ଜୀବ
କେହିତ ଲୋଡ଼ନ୍ତି ନାହିଁ ବସ୍ତ୍ର
ଢାଙ୍କିବାକୁ ନିଜ ଅବୟବ ।

ମୁକୁଳା ଜୀବନ ଜୀଇଁ କେଉଁ ଗୁଣେ ହୀନ
ମଣିଷକୁ ଛାଡ଼ି ଦେଲେ ଆଉ କେଉଁ ଜୀବ
ଏ ସଂସାରେ ଜୀଇଁଥାଏ ଦୈନ୍ୟ ଜୀବନ ?

ମହାକାଳ ଫଳସମ ଉପରେ ବେଢଣଥାଇ ଭିତରେ ଅଙ୍ଗାର
ଭିତର ମଣିଷ ଅଟେ କେତେ ଘୃଣ୍ୟ, କେତେ କଦାକାର
ଆଭରଣ ଖୋଲିଦେଲେ ଯେପରିକି ସହି ହୁଏନାହିଁ
କା'ର ଫୁଙ୍ଗୁଳା ଶରୀର ।
ପଢିଦେଲେ ମନ କା'ର ଅଭ୍ୟନ୍ତର
ଚେତନ ଓ ଅବଚେତନର
କେତେ ନୀଚ ଫରମାନ ପଶୁଠାରୁ ହୀନ
ଚିନ୍ତା ଓ ଚେତନା ସବୁ ଭେଟିବାକୁ ହୁଏ ।

କେତେ ଯେ ଅଳନ୍ଦୁ ଜମି ରହିଥାଏ ସ୍ତର ସ୍ତର ହୋଇ
କେତେ ଯେ ହିଂସ୍ରଉଲ୍ଲାସ ଭରିଥାଏ ତା'ଭିତରେ
କେତେ ଯେ କୁଟିଳ ଫଣୀ ରହିଥାନ୍ତି ଶୋଇ ।

ପାରିହୁଏ ନାହିଁ କଳି, ବିସ୍ମିତ ହେବାକୁ ହିଁ ହୁଏ
ଘାସ ତଳେ ଛପି ଥିବା ବିଷଧର ଭଳି
ଆଭରଣ ଆଢୁଆଳେ ପୁଞ୍ଜିଭୂତ ଅସୂୟା ଅନଳ
ଚଟୁଳ କଥାରୁ କ'ଣ ଜାଣିହୁଏ, ସେ କେତେ କୁଟିଳ ।
ଉଣ୍ଡୁଥାଏ ସୁଯୋଗଟେ ଭରିଦେବ ଛଳରେ ଜହର
ବରଂ ଭଲ ଆଭରଣ ଶୂନ୍ୟ ହୋଇ ଏ ମହୀରେ ଜୀଇଁବା ଜୀବନ
ଶିଶୁତୁଲ୍ୟ,
କୁଟ ଓ କପଟ ଶୂନ୍ୟ, କାମନା ବିହୀନ
ସାଦରେ ଆଦରି ସଫା କଳାପଟା ସମ
ସ୍ୱଚ୍ଛ ମନ ପ୍ରାଣ ।



ମଦିରା ଓ ମହିଳା

ଡ଼କ୍ଟର ମୀନାକ୍ଷୀ ମହାପାତ୍ର

ବିଶେଷ ପ୍ରବନ୍ଧ



ନିଶାପାନ କିଛି କ୍ଷଣ ପାଇଁ ମଣିଷର ମସ୍ତିଷ୍କରୁ କ୍ରୋଧ, ଉତ୍ତେଜନା, ଅବସାଦ, ଭୟ ଆଦି ଦୂର କରିଥାଏ । ଭାରାକ୍ରାନ୍ତ ମନରେ ଆମୋଦ ଭରିଦେଇଥାଏ । ସମୟ ଖୁସିରେ ଅବିବାହିତ ହୋଇଥାଏ, କିନ୍ତୁ ନିଶା ଏବଂ ଚିନ୍ତା ବା ଅବସାଦ ନିବାରକ ଉପାୟ ଆଦୌ ନୁହେଁ ଯେହେତୁ ଏହାର ନକାରାତ୍ମକ ଫଳାଫଳ ଶରୀର ଉପରେ ଗଭୀର ଭାବରେ ରହିଛି । ଅବସାଦ, ଉତ୍କଣ୍ଠା, ଚିନ୍ତା ପରି ମାନସିକ ଆବେଗଗୁଡ଼ିକୁ ନିଜସ୍ୱ ଶୈଳୀରେ ଉପଶମ କରିବାର କ୍ଷମତାକୁ ନିଶା ହ୍ରାସ କରିଦେଇଥାଏ । ନିୟମିତ ନିଶାସେବନ ଦ୍ୱାରା ମଣିଷ ନିଶାଗ୍ରସ୍ତ ହୋଇଯାଏ ଏବଂ ନିଶା ଉପରେ ସଂପୂର୍ଣ୍ଣ ନିର୍ଭର କରିଥାଏ । ନିଶା ଆରମ୍ଭରୁ ମଣିଷର କେନ୍ଦ୍ରୀୟ ତନ୍ତ୍ରିକା ସଂସ୍ଥାକୁ ମନ୍ଥର କରିଦିଏ ଏବଂ ଗୋଟିଏ ଆମୋଦ ଅନୁଭୂତିକୁ ମସ୍ତିଷ୍କରେ ଅନୁଭବ କରିବାକୁ ବାଟ କଢାଏ । ଏଥିରେ ମଣିଷ କମ୍ ଚାପଗ୍ରସ୍ତ ଅନୁଭବ କରେ ଏବଂ ଖୁସିରେ ଜୀବନ ଜିଉଥାଏ । ଅତି କମ ମାତ୍ରାରେ ନିଶା ସେବନ ମଧ୍ୟ ମସ୍ତିଷ୍କରେ ଚାପ କମ କରିଥାଏ । ସେଥିପାଇଁ ପୁରୁଷମାନେ ବଂଶଗତ ଏବଂ ପରିବେଶଗତ କିମ୍ବା ମନସ୍ତାତ୍ତ୍ୱିକ ମଦ୍ୟପାନ କରିବା ଏବଂ ନିଶାଗ୍ରସ୍ତ ହେବା ସମାଜରେ ପୁରୁଣା ପ୍ରଥା ଭାବରେ ରହିଆସିଅଛି । ହେଲେ ଆଧୁନିକତା ଏବଂ ସହରୀ ଜୀବନର ଦ୍ୱାହି ଦେଉ ମହିଳାମାନଙ୍କ ମଧ୍ୟରେ ନିଶା ସେବନର ସଉକ ବଢିବାରେ ଲାଗିଛି ।

ମହିଳାମାନେ ସାଙ୍ଗସାଥିମାନଙ୍କ ସହିତ ଖାପଖୁଆଇ ଚଳିବାପାଇଁ ନିଜର କର୍ମକ୍ଷେତ୍ର ଏବଂ ସାମାଜିକ ଜୀବନରେ ନିଜର ଉପସ୍ଥିତିକୁ ସର୍ବସମ୍ମୁଖରେ ଜାହିର କରିବା ପାଇଁ ନିଶା ସେବନକୁ ସାଦରେ ଗ୍ରହଣ କରୁଛନ୍ତି । ମହିଳାମାନେ ଯେଉଁମାନେ ଅଧିକ ଚାପ, ଚିନ୍ତା, ଉତ୍କଣ୍ଠା, ଅବସାଦ ପରି ଆବେଗକୁ କଷ୍ଟସହି ଜୀବନ ବଞ୍ଚୁଛନ୍ତି ଏବଂ ପରିବେଶରେ ସେହିଭଳି ମିଳିଯାଉଛି ଯେଉଁଠାରେ ନିଶା କ୍ଷଣସ୍ଥାୟୀ ଆରାମ ଉଦ୍ୟମ କରୁଛି ସେଠାରେ ସେମାନେ ତାହାକୁ ଅତି ଆନନ୍ଦରେ ଗ୍ରହଣ କରୁଛନ୍ତି । ଏକୁଟିଆପଣ ପରି ପରିସ୍ଥିତି ଯେଉଁଠାରେ ନାରୀ ବାହାର ଦୁନିଆଠାରୁ ସାଙ୍ଗସାଥୀ କିମ୍ବା ପରିବାରଠାରୁ ଅଲଗା ରହିବାକୁ ବାଧ ହେଉଛି । ନିଜର କାମରେ ସଫଳତା ପାଉନାହିଁ ସେଭଳି ସ୍ଥିତିରେ ସେ ନିଶାର ଆଶ୍ରୟ ନେଉଛି । ଅର୍ଥନୈତିକ ସ୍ୱଚ୍ଛଳତା ଏବଂ ସ୍ୱାଧିନତା ଆଉ ଗୋଟିଏ ମୁଖ୍ୟ କାରଣ ଯାହା ମହିଳାମାନଙ୍କୁ ନିଶା ଆଡ଼କୁ ଅଧିକ ଆକୃଷ୍ଟ କରୁଛି । ସେମାନେ ସ୍ୱାବଲମ୍ବୀ ହେବା ଦ୍ୱାରା, ବିଭିନ୍ନ ସାମାଜିକ କାର୍ଯ୍ୟବଳୀରେ ଅଧିକ ସକ୍ରିୟ ଅଂଶଗ୍ରହଣ କରିବା ଦ୍ୱାରା ନିଶା ସେବନର ସୁଯୋଗ ମିଳୁଛି ଏବଂ ଏହାର ମାତ୍ରା ବଢୁଛି ।

ଏବେ ମହିଳାମାନଙ୍କ ମଧ୍ୟରେ ବଢୁଥିବା ନିଶାସେବନ ସେମାନଙ୍କର ମୃତ୍ୟୁର କାରଣ ପାଲଟୁଛି । ମଦନିଶା ମହିଳାମାନଙ୍କୁ ଅଧିକ କ୍ଷତି ପହଞ୍ଚାଇଥାଏ ପୁରୁଷମାନଙ୍କ ତୁଳନାରେ କାରଣ ମହିଳାମାନଙ୍କର ଶାରୀରିକ ସଂଗଠନ (ଶରୀରର ମାଂସପେଶୀ, ଅସ୍ଥି, ଚର୍ବି ଓ ଜଳୀୟ ଅଂଶ) ପ୍ରଭୃତି ପୁରୁଷମାନଙ୍କର ଶରୀର ସଂଗଠନ ଠାରୁ ଅଲଗା । ମହିଳାମାନଙ୍କର ରକ୍ତରେ ପୁରୁଷମାନଙ୍କଠାରୁ ଜଳୀୟ ଅଂଶ କମ ଥାଏ । ସେଥିପାଇଁ ମହିଳାମାନଙ୍କର ଗୋଟିଏ ଥର ମଦ ପିଇବାରେ ନିଶା ଶୀଘ୍ର ଏବଂ ଜୋର୍ ବଢିଯାଏ, ରକ୍ତରେ ମଦର ମାତ୍ରା ବଢିଯାଏ । ସେହିପରି ମହିଳାମାନଙ୍କର ଲିଭର ଏବଂ ପେଟର ଭିତର ଆସ୍ତରଣରୁ ଏନ୍‌ଜାଇମ ଏବଂ ରସ ମଧ୍ୟ କମ୍ ଝରିଥାଏ ପୁରୁଷମାନଙ୍କ ତୁଳନାରେ, ତେଣୁ ମହିଳାମାନଙ୍କ ଶରୀରରେ ମଦ ସହଜରେ ହଜମ ହୁଏନାହିଁ । ସମାନ ପରିମାଣର ନିଶା ସେବନ କରିଥିଲେ ମଧ୍ୟ ମହିଳାମାନଙ୍କର ରକ୍ତରେ ନିଶା ଅଧିକ ଏବଂ ଶୀଘ୍ର ବଢି ଯାଉଥିବାରୁ ସେମାନେ ଶୀଘ୍ର ନିଶାସକ୍ତ ହୋଇଯାଆନ୍ତି ଏବଂ ମୃତ୍ୟୁମୁଖରେ ପଡ଼ିଥାନ୍ତି । ନ୍ୟାସନାଲ ସର୍ଭେ ଅନ ଡ୍ରଗ୍ ଇଉଜ୍ ଆଣ୍ଡ୍ ହେଲ୍‌ଥ ତଥ୍ୟ ପ୍ରଦାନ କରେ ଯେ ୨୦୨୧ ରୁ ୨୩ ମଧ୍ୟରେ ପ୍ରବଳ ମାତ୍ରାରେ କମ୍ ସମୟ ମଧ୍ୟରେ ମଦ୍ୟପାନ କରୁଛନ୍ତି ପୁରୁଷମାନଙ୍କ କ୍ଷେତ୍ରରେ ଏବଂ ୪ ଥରରୁ ଅଧିକଥର ମହିଳାମାନଙ୍କ କ୍ଷେତ୍ରରେ ହେଉଛି ପ୍ରବଳ ମାତ୍ରାରେ ନିଶା ସେବନ ।

ନିଶା ସେବନ ଦ୍ୱାରା ଝିଅମାନଙ୍କର ଋତୁସ୍ରାବ ଜନିତ ପ୍ରକିୟାରେ ବାଧା ସୃଷ୍ଟି ହୋଇଥାଏ ଏବଂ ପ୍ରଜନନ କ୍ଷମତା ହ୍ରାସ ପାଇଥାଏ, ଋତୁସ୍ରାବ ବନ୍ଦ ହୋଇପାରେ ମଧ୍ୟ । ନିଶା ମହିଳାମାନଙ୍କରେ ହରମୋନ କ୍ଷରଣକୁ ବଦଳାଇ ଦେଇଥାଏ । ଯେମିତିକି ଇଷ୍ଟ୍ରୋଜନ ସ୍ତରକୁ ବୃଦ୍ଧି କରିଦେଇଥାଏ । ନିଶା ଉଭୟ ପୁରୁଷ ଏବଂ ନାରୀମାନଙ୍କର ଶରୀରରେ ଆୟାମିନ (ଭିଟାମିନ ବି-୧) ଅଭାବ କରିଥାଏ ଯାହା ଫଳରେ ୱେରନିକ କସାକଫ ସିଣ୍ଡ୍ରୋମ ମସ୍ତିଷ୍କ ରୋଗ ଦେଖାଦେଇଥାଏ । ଏଥିରେ ଦ୍ୱନ୍ଦ୍ୱ, ଆଖି ଡ଼ୋଳାର ଚଳନ ପ୍ରକ୍ରିୟାରେ ଅସୁବିଧା, ସ୍ମରଣ ଶକ୍ତି ହ୍ରାସ ଜନିତ ଅସୁବିଧା ଦେଖାଦେଇଥାଏ । ମହିଳାମାନେ ଅଧିକ ପରିମାଣରେ ନିଶାସେବନ ଜନିତ ରୋଗରେ ପୀଡ଼ିତ ହୋଇଥଆନ୍ତି ଯେମିତି କି ଲିଭର ନଷ୍ଟହେବା ମସ୍ତିଷ୍କ ଅକାମୀ ହବା, ହୃଦଘାତ ଏବଂ କେତେକ କ୍ୟାନସର (ମୁଖ ଗହ୍ୱର, ଗଳା ଏବଂ ସ୍ତନ କର୍କଟ) ମହିଳାମାନଙ୍କର ନିଶା ଜନିତ ମୃତ୍ୟୁ ବଢିବାରେ ଲାଗିଛି ଯଦିଓ ପୁରୁଷମାନେ ମଦମୃତ୍ୟୁର ଶିକାର ବେଶି ହବାର ପ୍ରମାଣ ଆଗରୁ ରହିଛି ।

ମହିଳାମାନଙ୍କର ନିଶା ସେବନ ଦ୍ୱାରା ପରିବାର ଏବଂ ସାମାଜିକ ସମ୍ପର୍କ ରକ୍ଷାକରିବା କଷ୍ଟକର ହୋଇଥାଏ । ଏହା ମସ୍ତିଷ୍କର କାର୍ଯ୍ୟକାରିତାକୁ ପଙ୍ଗୁ କରିଦେଇଥାଏ । ଏଥିରେ ଅଭ୍ୟସ୍ତ ମହିଳାମାନେ ସାଙ୍ଗସାଥି ଏବଂ ପରିବାରଠାରୁ ଅଲଗା ହୋଇଯାଆନ୍ତି । ସେମାନେ ପିଲାମାନଙ୍କର ଯତ୍ନ, ସୁରକ୍ଷା ଏବଂ ଉତ୍ତମ ଚଳଣି ସମ୍ପର୍କରେ ଠିକ୍ ସିଦ୍ଧାନ୍ତ ଗ୍ରହଣ କରିପାରନ୍ତି ନାହିଁ । କର୍ମକ୍ଷେତ୍ରରେ ସେମାନଙ୍କର ଦାୟିତ୍ୱ ମଧ୍ୟ ଅବହେଳିତ ହୋଇଥାଏ । ଏହା କ୍ରୋଧ, ବ୍ୟସ୍ତତା ଏବଂ ଅବସାଦ ବଢେଇ ଦେଇଥାଏ ଯାହାଫଳରେ ପିଲାମାନଙ୍କ ପ୍ରତି ଆବେଗିକ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ସହ ଯୌନ ନିର୍ଯ୍ୟାତନା ବଢିଯାଏ । ପରିବାରରେ ମନୋମାଳିନ୍ୟ, ଝଗଡ଼ା ସୃଷ୍ଟି ହୁଏ ଏବଂ ସାମାଜିକ ବାସନ୍ଧ ମଧ୍ୟ ହୁଏ । ନିଶାସେବନ ପ୍ରଚଳିତ ସାମାଜିକ ଚଳଣି ବା ନିୟମକୁ ମଧ୍ୟ ପ୍ରଭାବିତ କରିଥାଏ । ଏହାଦ୍ୱାରା ପରିବାରରେ ହିଂସାତ୍ମକ ଆଚରଣ ବୃଦ୍ଧିପାଏ, ଡ଼ାକ୍ତରଖାନାରେ ନିଶାଜନିତ ରୋଗୀମାନଙ୍କ ସଂଖ୍ୟା ମଧ୍ୟ ବଢିଥାଏ । ଯେଉଁମାନେ ସିରିଞ୍ଜ ସାହାଯ୍ୟରେ ନିଶାସେବନ କରିଥାଆନ୍ତି ସେମାନେ

ଏଚଆଇଭିକୁ ଶୀଘ୍ର ସଂକ୍ରମଣ କରିଥାଆନ୍ତି । ନିଶାସେବନ ପରିବାରର ସ୍ନେହ ବନ୍ଧନକୁ କ୍ଷୁର୍ଣ୍ଣ କରିଥାଏ ଏବଂ ଗୋଟିଏ ଦୁଃଖଦ ବାତାବରଣକୁ ଜନ୍ମ ଦେଇଥାଏ ଯାହା ସୁଦୂରପ୍ରସାରୀ । ଏହା ପିଲାମାନଙ୍କୁ ଏକ ଅସ୍ୱାସ୍ଥ୍ୟକର ପାରିବାରିକ ବାତାବରଣକୁ ଠେଲି ଦେଇଥାଏ, ଯେଉଁଟାକୁ ସେମାନେ ମଧ୍ୟ ପରବର୍ତ୍ତୀ ଜୀବନରେ ସେମାନଙ୍କ ପରିବାରକୁ ସେହି ବାଟରେ ଚଳେଇ ନେଇଥାଆନ୍ତି । ନାରୀମାନଙ୍କର ଏଥିରେ ଅଭ୍ୟସ୍ତ ହେବା ସମାଜରେ ଏବଂ ପରିବାରରେ ଗୋଟିଏ ନକାରାତ୍ମକ ପ୍ରଭାବ ଗଭୀର ଭାବରେ ପକାଇଥାଏ ।

ଇଉରୋପ ମହାଦେଶର ରୋମାନିଆ, ଜର୍ଜିଆ, ଚେକିଆ, ଲାଟିଭିଆ, ଜର୍ମାନୀ ପ୍ରଭୃତି ଦେଶରେ ବହୁ ପରିମାଣରେ ଲୋକମାନେ ମଦ ପିଇଥାଆନ୍ତି ; କିନ୍ତୁ ସେଠାରେ ଉନ୍ନତ ଏବଂ ମାଗଣା ସ୍ୱାସ୍ଥ୍ୟସେବା ଲୋକମାନଙ୍କୁ ମିଳୁଥିବାରୁ ସେଠାରେ ହାରାହାରି ବଞ୍ଚିବାର ବୟସସୀମା ଯାହା, ତାହାଠାରୁ ସେମାନଙ୍କର ଅଧିକ ଅଟେ । ସେମାନଙ୍କର ହାରାହାରି ବଞ୍ଚିବାର ବୟସସୀମା ୮୪.୩ ବର୍ଷ ।

ଭାରତବର୍ଷରେ ନିଶା ସେବନକାରୀଙ୍କର ବଞ୍ଚିବାର ବୟସସୀମା ବହୁତ କମ୍ ନିଶାସେବନ କରୁନଥିବା ବ୍ୟକ୍ତିମାନଙ୍କଠାରୁ । ନିଶା ସେବନ କରି ଯେଉଁମାନେ ଡ଼ାକ୍ତରଖାନାରେ ଭର୍ତ୍ତିହୁଅନ୍ତି ସେମାନେ ତାଙ୍କର ବଞ୍ଚିବାର ବୟସ ସୀମାଠାରୁ ୨୦-୩୦ ବର୍ଷ କମ ସମୟ ବଞ୍ଚିଥାଆନ୍ତି । ଏହା ପୁରୁଷମାନଙ୍କ କ୍ଷେତ୍ରରେ ୪୭ରୁ ୫୩ ବର୍ଷ ମଧ୍ୟରେ ସୀମିତ ଏବଂ ୫୦ରୁ ୫୮ ବର୍ଷ ମହିଳାମାନଙ୍କ କ୍ଷେତ୍ରରେ ଅଟେ । ଭାରତରେ ହାରାହାରି ବଞ୍ଚିବାର ବୟସସୀମା ୬୭.୭ ବର୍ଷ। ୮୬.୭ ବର୍ଷ ସିଙ୍ଗାପୁର ଲୋକମାନଙ୍କର ବଞ୍ଚିବାର ବୟସସୀମା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଯୋଗୁଁ ତାହା ସମ୍ଭବ ହୋଇପାରିଛି । ଭାରତରେ ନିଶାସେବନ କ୍ଷେତ୍ରରେ ମଦ୍ୟପାନର ଭୂମିକା ବହୁତ ବେଶୀ ରହିଛି । ମହିଳାମାନେ ଅଫିମ ବେଶି ବ୍ୟବହାର କରୁଛନ୍ତି ପୁରୁଷମାନଙ୍କ ତୁଳନାରେ । ଏହା ବ୍ୟତୀତ ଗଞ୍ଜା, ଚରସ, ଭାଙ୍ଗ, ହେରୋଇନ, ଟବାକୋ ପ୍ରଭୃତିର ବ୍ୟବହାର ମଧ୍ୟ ପ୍ରବଳ ମାତ୍ରାରେ ରହିଛି । ୨୦୨୨-୨୩ ସର୍ଭେ ଅନୁସାରେ ୪୫% ପୁରୁଷ ମଦ୍ୟପାନ କରୁଛନ୍ତି ସଙ୍କଟପୂର୍ଣ୍ଣ ଅବସ୍ଥା ପର୍ଯ୍ୟନ୍ତ ଏବଂ ୪୦% ମହିଳା ତାଙ୍କ ସହିତ ତାଳଦେଇ ସେ ଦିଗରେ ଗତି କରିଛନ୍ତି । ମହିଳାମାନେ ବ୍ରାଉନସୁଗାର ଏବଂ ହେରୋଇନ ଭଳି ନିଶା ମଧ୍ୟ ସେବନ କରୁଛନ୍ତି । ନିଶା ଜନିତ ଅପରାଧ (ପୁଲିସ କେସ୍) ୨୦୧୯ରୁ ୨୧ ମଧ୍ୟରେ ଉତ୍ତର ପ୍ରଦେଶରେ ସର୍ବାଧିକ ରେଜିଷ୍ଟର କରାଯାଇଛି (୩୧,୪୮୨) ତା ପଛକୁ ରହିଛି ମହାରାଷ୍ଟ୍ର (୨୮,୯୫୯) ଏବଂ ପଞ୍ଜାବ (୨୮,୪୧୭) ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କହେ ଯେ ମଦ୍ୟପାନର କୌଣସି ସୁରକ୍ଷା ସ୍ତର ନାହିଁ, ଗୋଟିଏ ବୁନ୍ଦା ମଦ ଶରୀରକୁ ପ୍ରବେଶ କରିବା ଅନୁଚିତ । ଏହା ସ୍ୱାସ୍ଥ୍ୟକୁ ବିପଦପୂର୍ଣ୍ଣ ସ୍ତରକୁ ଟାଣିନେଇ ଯାଇପାରେ । ଅଳ୍ପ ପରିମାଣରେ ନିଶା ସେବନ ଶରୀରର ଉପକାର କରେ ବୋଲି ଚିନ୍ତାଧାରାରୁ ଦୂରେଇ ରହିବା ଉଚିତ୍ । ତାହା ମଧ୍ୟ ମସ୍ତିଷ୍କର କ୍ଷତି ଘଟାଇବା ସହିତ ଶରୀରର କ୍ଷତି କରିଥାଏ । ତେଣୁ ନିଶାଠାରୁ ସଂପୂର୍ଣ୍ଣ ଭାବରେ ଦୂରରେ ରହିବା ଶ୍ରେୟ ଗୋଟିଏ ଶ୍ରେଷ୍ଠ ସ୍ୱାସ୍ଥ୍ୟ ପାଇଁ ।

କଟକ



ସମାଚାର

'ନାରୀ ସୁରକ୍ଷା' ଓ 'ଆଶୀର୍ବାଦ' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ



ଲଳିତା ଦାଶ
ସଂପାଦିକା "ନାରୀ ସୁରକ୍ଷା"

'ନାରୀ ସୁରକ୍ଷା' ଓ 'ଆଶୀର୍ବାଦ' କଟକ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ସପ୍ତାହ ଗତ ସୋମବାର କଟକ ସ୍ଥିତ ଗାନ୍ଧି ଭବନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । "ନାରୀ ସୁରକ୍ଷା" ପତ୍ରିକାର ସଭାପତି ଡ଼କ୍ଟର ଲଳିତା ଶତପଥୀଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦ୍‌ଘାଟକ ମନୋଜ ମିଶ୍ର (ବରିଷ୍ଠ ଆଇନଜୀବୀ) ମୁଖ୍ୟଅତିଥି ଶ୍ରୀଯୁକ୍ତ ଡ.ସତ୍ୟ ରାୟ (ମୁଖ୍ୟ ସମ୍ପାଦକ 'ବିଶ୍ୱାସ') ଏବଂ ମୁଖ୍ୟବକ୍ତା ଡ. ପ୍ରଭାତୀ ମିଶ୍ର, ସମ୍ମାନିତ ଅତିଥି କମଳାକାନ୍ତ କର, ବିଦ୍ୟୁତ କୁମାରୀ ଲାଲା, ଲଳିତା ଦାଶ, ବରେଣ୍ୟ ଅତିଥି ଡ. ବିଜୟଲକ୍ଷ୍ମୀ ତାରେଣିଆ ଯୋଗଦେଇ ମହିଳା ଦିବସ ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ ।

ଏହି ଅବସରରେ ବେଲା ତ୍ରିପାଠୀଙ୍କ ପୁସ୍ତକ "ବଙ୍କିମ ଚନ୍ଦ୍ରଙ୍କ ଜୀବନୀ" ଡ. ବିଜୟଲକ୍ଷ୍ମୀ ତାରେଣିଆଙ୍କ ପୁସ୍ତକ 'ପିଲାଙ୍କ ପାଇଁ ବିଜ୍ଞାନ' ଉନ୍ମୋଚିତ ହୋଇଥିଲା । ଡ. ବୈଜୟିନ୍ତୀ ମିଶ୍ରଙ୍କ 'କୁକୁ' ଗଳ୍ପ ଉପରେ ଆଧାରିତ ଅଧଘଣ୍ଟିଆ ସିନେମା ସୋ ନିର୍ଦ୍ଦେଶକ କ୍ୟାପଟେନ୍ ସପନ ମିଶ୍ରଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ହୋଇଥିଲା । ପରେ ପରେ ସମ୍ବର୍ଦ୍ଧିତ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ପର୍ବରେ ମନୋଜ କୁମାର ମିଶ୍ର, ଡ. ସତ୍ୟ ରାୟ, ଡ. ବିଜୟଲକ୍ଷ୍ମୀ ତାରେଣିଆ, ଡ. ପ୍ରଭାତୀ ମିଶ୍ରଙ୍କୁ ମୋମେଣ୍ଟୋ ଓ ଶାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ନାରୀ ସୁରକ୍ଷାର ଉପସଭାପତି ବିଦ୍ୟୁତ୍ କୁମାରୀ ଲାଲା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ନାରୀ ସୁରକ୍ଷାର ସମ୍ପାଦିକା ଲଳିତା ଦାଶ, ଡ.ମିନାକ୍ଷୀ ମହାପାତ୍ର, (ଉପସଭାପତି ନାରୀ ସୁରକ୍ଷା), କମଳାକାନ୍ତ କର (ଆଇନ ପରାମର୍ଶଦାତା, ନାରୀ ସୁରକ୍ଷା), ସତ୍ୟଭାମା ପାତ୍ର (ସମ୍ପାଦିକା ଆଶୀର୍ବାଦ), ସୁମତୀ କୁମାରୀ ସାହୁ (ଯୁଗ୍ମ ସମ୍ପାଦିକା, ନାରୀ ସୁରକ୍ଷା) ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । 'କଳ୍ପନା ସାହିତ୍ୟ ସଂସ୍କୃତି ଓ ସାମାଜିକ ପରିଷଦ'ର ସାଧାରଣ ସମ୍ପାଦକ ଡ.ଗୋପାଳ ଚନ୍ଦ୍ର ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ ।



ବିଶେଷ ସୂଚନା



ସଂଗ୍ରାହିକା – ସୁମତି କୁମାରୀ ସାହୁ
ଯୁଗ୍ମ ସଂପାଦିକା "ନାରୀ ସୁରକ୍ଷା"

ଆମେ ଭିକାରୀଙ୍କୁ ଖାଦ୍ୟ ଏବଂ ପାଣି ଦେବୁ, କିନ୍ତୁ ଗୋଟିଏ ଟଙ୍କା ମଧ୍ୟ ନଗଦ ନୁହେଁ। ମୁମ୍ବାଇ, ପୁଣେ ଏବଂ ସମଗ୍ର ମହାରାଷ୍ଟ୍ରରେ ଏକ ଅନନ୍ୟ ଆନ୍ଦୋଳନ ଆରମ୍ଭ ହୋଇଛି, ଭିକାରୀ ଯିଏ ହେଉ ନା କାହିଁକି। ଯଦି କେହି (ମହିଳା/ପୁରୁଷ/ବୃଦ୍ଧ/ଅକ୍ଷମ/ଶିଶୁ) ଭିକ୍ଷା ମାଗୁଛନ୍ତି,ଆମେ ସେମାନଙ୍କୁ ଖାଦ୍ୟ + ପାଣି ଦେବୁ, କିନ୍ତୁ ନଗଦ ସହାୟତା ନୁହେଁ। ଫଳରେ, ଆନ୍ତର୍ଜାତୀୟ/ଜାତୀୟ/ରାଜ୍ୟ ସ୍ତରୀୟ ଭିକ୍ଷା ମାଫିଆ ଗୋଷ୍ଠୀଗୁଡ଼ିକ ବାଧାପ୍ରାପ୍ତ ହେବେ ଏବଂ ଶିଶୁ ଅପହରଣ ମାମଲା ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ। ଏହିପରି ଅପରାଧୀ ଗୋଷ୍ଠୀଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଦୟାକରି କାହାକୁ ଦାନ ଆକାରରେ ଗୋଟିଏ ଟଙ୍କା ମଧ୍ୟ ଦିଅନ୍ତୁ ନାହିଁ। ଯଦି ଆପଣ ଏହି ବିଷୟରେ ଦୃଢ ବିଶ୍ୱାସ କରନ୍ତି, ଆପଣଙ୍କ ଗାଡ଼ିରେ ୨ ପ୍ୟାକେଟ୍ ବିସ୍କୁଟ ରଖନ୍ତୁ, କିନ୍ତୁ ଟଙ୍କା ଦିଅନ୍ତୁ ନାହିଁ।









-: ନାରୀ ସୁରକ୍ଷାକୁ ଲେଖା ପଠାଇବା ପାଇଁ ନିୟମାବଳୀ :-

୧. ଲେଖାଗୁଡ଼ିକ ଗୁଡ଼ିକ ଡ଼ିଟିପି କରି ପଠାନ୍ତୁ । ମୋବାଇଲ୍ ହ୍ୱାଟ୍‌ସପ୍‌ରେ ଫଟୋ ଉଠାଇ ପଠାନ୍ତୁ ନାହିଁ ।

୨. ଅପ୍ରକାଶିତ ଲେଖାଗୁଡ଼ିକ ଫେରସ୍ତ ଦିଆଯାଏ ନାହିଁ ।

୩. ଲେଖାର ଫଟୋଗୁଡ଼ିକ ଇମେଲ୍ (narisurakhya@gmail.com) ରେ ପଠାନ୍ତୁ ।

୪. ନଚେତ୍ ଲେଖା ଓ ଫଟୋ ଡ଼ିଟିପି କରି Speed post ରେ ପଠାନ୍ତୁ ।

NARI SURAKHYA MARCH - 2026 POSTAL REGD. NO:CK(C)-14/2024-2027
RNI Regd. No. 52604/93

ଦକ୍ଷିଣ ଚନ୍ଦ୍ରଙ୍କ ଦାବଡ଼ା

ଶ୍ରୀମତୀ ବେଲା ତ୍ରିପାଠୀ

